

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୯ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 December 2024

Vol.No. 35 ■ No.337 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଲଟିଲା ଡଙ୍ଗା: ୧୩ ମୃତ



ନୂଆଦିଲ୍ଲୀ, ୧୮/୧୨ : ମୁମ୍ବାଇ ଉପକୂଳରେ ଘଟିଥିବା ଡଙ୍ଗା ବୁଡ଼ି ଘଟଣାରେ ମୃତ୍ୟୁସଂଖ୍ୟା ୧୩ରେ ପହଞ୍ଚି। ଆଜି ଅପରାହ୍ନରେ ନୌସେନାର ଗୋଟିଏ ସ୍ପିଡ ବୋଟ୍ ପର୍ଯ୍ୟଟକଙ୍କୁ ନେଇ ସମୁଦ୍ରରେ ଯାଉଥିବା ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ଦେଇଥିଲା। ଫଳରେ ସ୍ପିଡ ବୋଟ ସହ ଡଙ୍ଗାଟି ଗଭୀର ଜଳରାଶିରେ ବୁଡ଼ି ଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ପିଡ ବୋଟରେ ଥିବା ଜଣେ ନୌସେନା ଅଧିକାରୀ ଓ ଏହାର ଇଞ୍ଜିନ ମରାମତି ପାଇଁ ଆସିଥିବା ୨ ଜଣ କର୍ମଚାରୀ ରହିଛନ୍ତି। ସେହିପରି ଯାତ୍ରୀବାହୀ ଡଙ୍ଗାରେ ଥିବା ୧୦ ଜଣ ସାଧାରଣ ପର୍ଯ୍ୟଟକ ମଧ୍ୟ ପାଣି ବୁଡ଼ି ଜୀବନ ହରାଇଛନ୍ତି। ସରକାରୀ ସୂଚନା ଅନୁସାରେ, ଇଞ୍ଜିନ ଟ୍ରାଏଲ ପାଇଁ ସମୁଦ୍ରରେ ଚକର ମାରୁଥିବା ନୌସେନାର ସ୍ପିଡ ବୋଟଟି ହଠାତ୍ ନିୟନ୍ତ୍ରଣ ହରାଇଥିଲା। ଫଳରେ ଏହା ସାମ୍ନାକୁ ଆସୁଥିବା ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ଦେଇଥିଲା। ଯାତ୍ରୀବାହୀ ଡଙ୍ଗାରେ ୧୧୦ ଜଣ ଓ ସ୍ପିଡ ବୋଟରେ ମୋଟ ୪ ଜଣ ଲୋକ ରହିଥିଲେ। ଦୁର୍ଘଟଣା ଯୋଗୁ ଦୁଇଟି ଯାକ ବୋଡ ବୁଡ଼ି ଯାଇଥିଲା। ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯୪ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସେହିପରି ଉଦ୍ଧାର ହୋଇଥିବା ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏବେ ବି ପ୍ରାୟ ୩ ଜଣ ନିଖୋଜ ରହିଛନ୍ତି। ନୌସେନା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ମୁମ୍ବାଇ ଉପକୂଳରେ ଅପରାହ୍ନ ପ୍ରାୟ ୪ଟାରେ ସ୍ପିଡ ବୋଟର ଇଞ୍ଜିନ ଟ୍ରାଏଲ କରାଯାଉଥିଲା। ଏହି ସମୟରେ ଏହା ନିୟନ୍ତ୍ରଣ ହରାଇ ନୀଳ କମଳ ନାମକ ଗୋଟିଏ ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ଦେଇଥିଲା। ଫଳରେ ଏତେ ବଡ଼ ଘଟଣା ଘଟିଛି। ଯାତ୍ରୀବାହୀ ଡଙ୍ଗାଟି ଲୋକଙ୍କୁ ଗେଟୱେ ଅଫ ଇଣ୍ଡିଆରୁ ହାତୀ ଗୁମ୍ଫାକୁ ନେଉଥିଲା। ଘଟଣା ପରେ ଉଦ୍ଧାର କାର୍ଯ୍ୟରେ ଭାରତୀୟ ନୌସେନା ସମେତ ତଟରକ୍ଷୀ ବାହିନୀ ନିୟୋଜିତ ହୋଇଛନ୍ତି। ନୌସେନାର ୧୧ଟି ବୋଟ, ମାରିନ ପୁଲିସ୍‌ର ୩ଟି ବୋଟ ଓ ତଟରକ୍ଷୀ ବାହିନୀର ଗୋଟିଏ ବୋଟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ସର୍ଚ୍ଚ ଓ ରେସ୍କ୍ୟୁ ଅପରେସନରେ ୪ଟି ହେଲିକପ୍ଟର ମଧ୍ୟ ନିୟୋଜିତ ହୋଇଥିବା ନୌସେନା ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଠାରୁ ଆରମ୍ଭ କରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଘଟଣାରେ ଶୋକ ପ୍ରକାଶ କରିଛନ୍ତି।

# ବିଷ୍ଣୁପଦଙ୍କ ହାତ ଛାଡ଼ିଦେଲେ ସରକାର: ଏବେ ସିବିଆଇ ଆକ୍ସନ ଉପରେ ନଜର



ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଷ୍ଣୁପଦଙ୍କ ପାଇଁ ବଢିଲା ଅଡୁଆ। ବହୁ ବାଦ ବିବାଦ, ଆନ୍ଦୋଳନ ପରେ ବିଷ୍ଣୁପଦଙ୍କ ଉପରେ ବଡ କାର୍ଯ୍ୟାନୁଷ୍ଠାନ ନେଲେ ସରକାର। ହାତରୁ ତିନୋଟି ବିଭାଗ କାଢି ସାଧାରଣ ପ୍ରଶାସନର ଓଏସଡି ଭାବେ ବସାଇଲେ। କିନ୍ତୁ ପ୍ରଶ୍ନ, କେବଳ ସିବିଆଇ ସମନ ନା ଆଉ କିଛି ପ୍ରାଥମିକ ପ୍ରମାଣ ବି ଲାଗିଛି ସରକାରଙ୍କ ପାଖରେ ? ଏବେ ଚର୍ଚ୍ଚା, ଖାଲି ଓଏସଡି କରିବେ ନା ବିଭାଗୀୟ ପ୍ରୋସିଡିଂ ବି ହୋଇପାରେ ? ଅନ୍ୟପଟେ ସରକାରୀ ପଦକ୍ଷେପ ପରେ ସିବିଆଇ ଆକ୍ସନ କଣ ହେବ ତାକୁ ନେଇ ବି ପାୱାର କରିଡରରେ ଚର୍ଚ୍ଚା। ନୂଆ ସରକାରରେ ବି ପାୱାରଫୁଲ ଥିଲେ ଆଇଏଏସ୍ ବିଷ୍ଣୁପଦ ସେଠୀ। ଓଡ଼ିଆ ଭାଷା-ସାହିତ୍ୟ ସଂସ୍କୃତି, ଏସଟି-ଏସସି ସହ ଭିନ୍ନକ୍ଷମ ସଶକ୍ତିକରଣ ଭଳି ଏକାଧିକ ବିଭାଗ ଥିଲା ତାଙ୍କ ପାଖରେ। ଏବେ ସବୁ ବିଭାଗକୁ କାଢି ଡେପୁଟେସନରୁ ଫେରିଥିବା ସଞ୍ଜୀବ ମିଶ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି ସରକାର। ଏଠି ପ୍ରଶ୍ନ ଉଠୁଛି, କେବଳ ସିବିଆଇ ସମନ ପାଇଁ ସରକାରଙ୍କ ▶▶ପୃଷ୍ଠା ୭

# ପ୍ରଦୀପ ପାଣିଗ୍ରାହୀଙ୍କ ନାଁରେ ଏତଲା କରିଥିବା ଆଉ ୩ ଜଣ ଓହରିଲେ



ବ୍ରହ୍ମପୁର, ୧୮/୧୨ (ନି.ପ୍ର): ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରୁ ଓହରିଲେ ଆଉ ୩ ଏତଲାକାରୀ। ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ନାଁରେ ଏତଲା କରିଥିବା ଆଉ ୩ ଜଣ ଓହରିଛନ୍ତି। ପ୍ରଦୀପ କୌଣସି ଟଙ୍କା ନେଇ ନଥିବା ବ୍ରହ୍ମପୁର ଜେଏମ୍ଏଫ୍ସି କୋର୍ଟରେ ଏମାନେ କହିଛନ୍ତି। ପୂର୍ବରୁ ଆଉ ୨ ଜଣ ଏତଲାକାରୀ ଲକ୍ଷ୍ମୀଧର ନାୟକ ଓ ପ୍ରଭାତ କୁମାର ନାୟକ କହିଥିଲେ ପ୍ରଦୀପଙ୍କୁ କୌଣସି ପ୍ରକାର ଅର୍ଥ ନେଣଦେଣ ହୋଇନି। ଅର୍ଥାତ ସମସ୍ତ ୫ ଅଭିଯୋଗକାରୀ ଏବେ ଏହି ମାମଲାରୁ ଓହରି ଯାଇଛନ୍ତି। ଟାଟା ମୋଟର୍ସରେ ଚାକିରି କରାଇଦେବା ନାଁରେ ପ୍ରଦୀପ ଟଙ୍କା ନେଇଥିବା ଅଭିଯୋଗ କରି ୫ ଜଣ ଥାନାରେ ମାମଲା ଦାଏର କରିଥିଲେ। ଗତ ୧୦ ତାରିଖରେ ୨ ଜଣ ଅଭିଯୋଗକାରୀ ସେମାନଙ୍କୁ ବିଜେଡି ଓ ପ୍ରଶାସନର ଚାପ ଯୋଗୁଁ ଏଭଳି ଏତଲା ▶▶ପୃଷ୍ଠା ୭

# ବୈଷ୍ଣବ ଚରଣ ସାମଲ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଘୋଷଣା ହୋଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ଚଳିତ ବର୍ଷ ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ବୋଲି ଘୋଷଣା ହୋଇଛି। 'ଭୂତି ଭକ୍ତି ବିଭୂତି' ପ୍ରବନ୍ଧ ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। ଆଧ୍ୟାତ୍ମିକ ଚିନ୍ତନମ ବିଶ୍ୱଦୃଷ୍ଟି ଏବଂ ମାନବିକ ଭାବନରେ ଋଦ୍ଧିମନ୍ତ ଏହି ପୁସ୍ତକ ବେଶ ଉଚ୍ଚ ପ୍ରଶଂସିତ ହୋଇଛି। ଜଣେ ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରାବନ୍ଧିକ ଏବଂ ସମାଲୋଚକ ଭାବେ ବୈଷ୍ଣବ ଚରଣ ସାମଲଙ୍କ ସୁଖ୍ୟାତି ରହିଛି। ବୈଷ୍ଣବ ଚରଣ ସାମଲ ୧୯୩୯ ମସିହା ଫେବୃଆରୀ ୨୭ ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲାର ଚାରିଗାଁଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରଥମ କବିତା ଥିଲା 'ନେତା କିଏ'। ୧୯୬୪-୬୫ ମସିହାରୁ ସେ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଲେଖିବା ଆରମ୍ଭ କରିଥିଲେ। ତାଙ୍କ ଲିଖିତ ପ୍ରଥମ ପ୍ରବନ୍ଧ ଥିଲା ମରୁତୀର୍ଥ। ତାଙ୍କ ଲେଖା, ସେ ସମୟର ବହୁ ପତ୍ରିକାରେ ପ୍ରକାଶ ପାଉଥିଲା। ସେହି ସବୁ ପ୍ରବନ୍ଧ ମଧ୍ୟରୁ କୋଡ଼ିଏଟି ପ୍ରବନ୍ଧକୁ ସଂକଳିତ କରି, ୧୯୭୧ ମସିହାରେ 'ଜଗନ୍ନାଥ ରଥ' ପ୍ରକାଶନ ସଂସ୍ଥା ତାଙ୍କର ପ୍ରଥମ ପୁସ୍ତକ ପ୍ରକାଶ କରିଥିଲେ। ପୁସ୍ତକଟିର ନାମ ଥିଲା 'କଳା ସଂସ୍କୃତି ଓ ସାହିତ୍ୟ'। ସେହି ବର୍ଷ ତାଙ୍କର ପ୍ରଥମ କବିତା ପୁସ୍ତକ ସମୟରେ ଲିପି ମଧ୍ୟ ପ୍ରକାଶ ପାଇଥିଲା। ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ବୈଷ୍ଣବ ଚରଣ, ୧୯୬୬ମସିହାରେ ଫକୀରମୋହନ ▶▶ପୃଷ୍ଠା ୭

# ଦୁଇ ମାସରେ ସରିବ ଆବାସ ସର୍ଭେ



ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଦୁଇ ମାସରେ ସରିବ ଆବାସ ସର୍ଭେ। ଏବେ ଗ୍ରାମାଞ୍ଚଳରେ ସର୍ଭେ ଆରମ୍ଭ ହୋଇଛି। ଗ୍ରାମ ସଭା ମାଧ୍ୟମରେ ପ୍ରତି ଗାଁରେ ସଚେତନତା କରାଯାଉଛି। ଲୋକଙ୍କୁ ସର୍ଭେରେ ସାମିଲ କରାଯାଉଛି। ଆବାସ ପାଇବାରୁ କାହାକୁ ବାଦ ଦିଆଯିବ ନାହିଁ। ବ୍ୟବସ୍ଥା ଲୋକଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ଅଛି ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ମନ୍ତ୍ରୀ ଶ୍ରୀ ନାଏକ ବିଭାଗୀୟ ଟ୍ରେନରମାନେ ଗାଁ ଗାଁରେ ଲୋକଙ୍କୁ ଡାକି ସଚେତନ କରୁଛନ୍ତି। ଯିଏ ବଞ୍ଚିତ ହୋଇଛନ୍ତି, ଗରିବ ଅଛନ୍ତି, ସେମାନଙ୍କୁ ସାମିଲ କରାଯାଉଛି। ପୂର୍ବ ସରକାରରେ ଆକ୍ରୋଶ ମୂଳକ ଭାବେ ରାଜନୈତିକ ଅଭିସନ୍ଧି ରଖି ଗରିବମାନଙ୍କୁ ଆବାସ ତାଲିକାରୁ କାଟି ଦିଆଯାଉଥିଲା। ସର୍ଭେକୁ ବିଭାଗ ଅଧିକ ଗୁରୁତ୍ୱ ଦେଉଛି। ମନ୍ତ୍ରୀମାନେ ଜିଲ୍ଲା ଗସ୍ତ ସମୟରେ ଆବାସ ସର୍ଭେର ସମୀକ୍ଷା କରୁଛନ୍ତି। ଦିଲ୍ଲୀ ଗସ୍ତ ସମୟରେ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆବାସ ବାବଦରେ ଆଲୋଚନା କରିବେ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ।

# ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ: ନିଲମ୍ବିତ ହେଲେ ସହକାରୀ ଜିଲ୍ଲାପାଳ

ଜଗତସିଂହପୁର, ୧୮/୧୨ (ନି.ପ୍ର): ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗରେ ଚାକିରିରୁ ନିଲମ୍ବିତ ହେଲେ ସହକାରୀ ଜିଲ୍ଲାପାଳ । ଜଗତସିଂହପୁର ଠାରେ କାର୍ଯ୍ୟ କରୁଥିବା ପୂର୍ବତନ ଏମରଜେନ୍ସୀ ଅଫିସର ତଥା ବର୍ତ୍ତମାନ ପାରାଦୀପ ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲପାଳ ଭାବରେ କାର୍ଯ୍ୟରତ ଥିବା ଉମେଶ ଲେଙ୍କାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । ଗତ ଏପ୍ରିଲ ମାସରେ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ଯେ, ସେ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ▶▶ପୃଷ୍ଠା ୭

# ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଭାଇଙ୍କ ଘରେ ପଶିଲା ଇଡି

ସମ୍ବଲପୁର , ୧୮/୧୨ (ନି.ପ୍ର): ବିଶ୍ୱ ଏନଜିଓ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି। ସମ୍ବଲପୁରର ୩ଟି ଏବଂ ଦିଲ୍ଲୀର ଗୋଟିଏ ସ୍ଥାନରେ ରେଡ୍ କରାଯାଇଛି। ୨୩୧ କୋଟି ଟଙ୍କାର ଠକେଇ ଅଭିଯୋଗରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଭାଇ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକଙ୍କ ବିଶ୍ୱ ଏନଜିଓର ଫାଉଣ୍ଡର ଥିଲେ। ତାଙ୍କ ଘରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ କରଯାଇଥିବା ସୂଚନା ରହିଛି। ସମ୍ବଲପୁରରେ ଥିବା ବିଶ୍ୱ ଏନଜିଓର ▶▶ପୃଷ୍ଠା ୭

# 'ଆମ୍ବେଦକର ବିବାଦ'ରେ ସ୍ପଷ୍ଟୀକରଣ ରଖିଲେ ଅମିତ ଶାହ: କହିଲେ- ଇସ୍ତଫା ଦେବିନି




ନୂଆଦିଲ୍ଲୀ, ୧୮/୧୨ : ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସମ୍ବିଧାନ ପ୍ରଣୟତା ବିଆର ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବୟାନକୁ ନେଇ ରାଜନୀତି ଜୋର ଧରିଛି। ତାଙ୍କ ବୟାନକୁ ବିରୋଧୀ ଜୋରଦାର ବିରୋଧ କରିଛନ୍ତି। ଏପରି କି କଂଗ୍ରେସ ତାଙ୍କର ଇସ୍ତଫା ଦାବି କରିବାରେ ଲାଗିଛି। ସପା ଠାରୁ ଆରମ୍ଭ କରି ଟିଏମସି ଯାଏ ଶାହଙ୍କ 'ଆମ୍ବେଦକର' ବୟାନକୁ ବିରୋଧ କରିବାରେ ଲାଗିଛନ୍ତି। ବିରୋଧୀଙ୍କ ସ୍ୱର ଶାଣିତ ହେଉଥିବା ବେଳେ ଆଜି ସାମ୍ବାଦିକ ସମ୍ମିଳନୀ କରି ପୂରା ବିବାଦ ଉପରେ ସ୍ପଷ୍ଟୀକରଣ ରଖିଛନ୍ତି ଅମିତ ଶାହ। ଏହି ସମୟରେ ସେ କଂଗ୍ରେସକୁ ସମାଲୋଚନା କରିବାକୁ ଆଦୌ ପଛାଇ ନାହାନ୍ତି। ତାଙ୍କ କହିବା କଥା ଯେ ବିରୋଧୀ କଂଗ୍ରେସ ତାଙ୍କ ବୟାନକୁ ବୁଲାଇ ବଙ୍କାଇ ଉପସ୍ଥାପନ କରୁଛି ଓ ଆମ୍ବେଦକର ବିରୋଧୀ ଆଭିମୁଖ୍ୟକୁ ଆପଣାଇବା ପାଇଁ ଚେଷ୍ଟା କରୁଛି। ସେ କହିଛନ୍ତି, "ମୋ ବୟାନକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି। କଂଗ୍ରେସ ଫେକ ନ୍ୟୁଜ ପ୍ରଚାର କରୁଛି। ମୁଁ କେବେ ▶▶ପୃଷ୍ଠା ୭

# ୨୧ ତାରିଖ ଯାଏଁ ବର୍ଷା: ଚିନ୍ତାରେ ଚାଷୀ



ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଆସନ୍ତା ୨୧ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା। ଦକ୍ଷିଣ ଓ ଦକ୍ଷିଣ ଉପକୂଳ ସମେତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଆଗାମୀ ୫ ଦିନ ପାଗ ପ୍ରାୟତଃ ଶୁଖିଲା ସହ ମେଘୁଆ ଓ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ୧୯ ତାରିଖରେ ପାଗ ମେଘୁଆ ରହିବ। ପୁରୀ, କେନ୍ଦ୍ରାପଡା, ଗଜପତି, ଜଗତସିଂହପୁର, କୋରାପୁଟ, ରାୟଗଡ଼ା ଜିଲ୍ଲା ମାନଙ୍କରେ ହାଲୁକା ବର୍ଷା ରହିଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ଅଛି। ୨୧ ତାରିଖରେ ହାଲୁକାରୁ ଅତ୍ୟନ୍ତ ହାଲୁକା ବର୍ଷା ହେବାର ଅଛି। ପାଗ ମେଘୁଆ ଥିବାରୁ ଗୋଟେ କିମ୍ବା ୨ଟି ସ୍ଥାନରେ ହାଲୁକା କୁହୁଡି ଦେଖାଯିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିଛି। ଆଗାମୀ ୪୮ ଘଣ୍ଟା ଭିତରେ ଆହୁରି ୨ରୁ ୩ ଡିଗ୍ରୀ ଖସିବ ପାରଦ। ଆଗାମୀ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ୭.୨ ରାଉରକେଲାରେ ରେକର୍ଡ ହୋଇଛି। ▶▶ପୃଷ୍ଠା ୭

# ଦାମୀ କାରରୁ ୧୦ଲକ୍ଷ ଟଙ୍କା ଜବତ ଘଟଣା: ଗିରଫ ୩ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଭୁବନେଶ୍ୱରରେ ସିବିଆଇ ରେଡ୍ ବେଳେ ଦାମୀ କାରରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ ଗିରଫ ତିନି ଅଭିଯୁକ୍ତଙ୍କୁ ମିଳିଲା ଜାମିନ । ସିବିଆଇ କୋର୍ଟ-୧ ଗିରଫ ୩ ଅଭିଯୁକ୍ତଙ୍କ ଜାମିନ ଆବେଦନ ମଞ୍ଜୁର କରିଛନ୍ତି । ବୁଧବାର ସିବିଆଇ କୋର୍ଟରେ ଜାମିନ ଆବେଦନ କରିଥିଲେ ବ୍ରିଜ୍ ଆଣ୍ଡ ରୁଫ୍ କୋ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ଦେବଦତ୍ତ ମହାପାତ୍ର ଓ ଠିକାଦାର ସନ୍ତୋଷ ମହାରଣା । ଏମାନଙ୍କୁ ଜାମିନ ମିଳିଲେ ଏଭିଡ଼େନ୍ସ ଟାମ୍ପରିଙ୍ଗ ହେବାର ସମ୍ଭାବନା ରହିଛି ବୋଲି ଯୁକ୍ତି ବାଢ଼ିଥିଲେ ସିବିଆଇ ଓକିଲ । ଅନ୍ୟପଟେ ଗିରଫ ତିନି ଜଣଙ୍କର ଲାଞ୍ଚ କାରବାରରେ କୌଣସି ସମ୍ପୃକ୍ତି ନଥିବା ପ୍ରତିପକ୍ଷ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ । ସୂଚନାଯୋଗ୍ୟ ଯେ, ବ୍ରିଜ୍ ଆଣ୍ଡ ରୁଫ୍ କୋ (ଇଣ୍ଡିଆ) ଲିମିଟେଡ୍ ଲାଞ୍ଚ କାରବାର ମାମଲାରେ ଗିରଫ ହୋଇଥିବା କମ୍ପାନୀର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ସୁପରକ୍ଲାସ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ର ଓ ଠିକାଦାର ସନ୍ତୋଷ ମହାରଣା ବିଚାର ବିଭାଗୀୟ ହାଜତରେ ଥିବା ବେଳେ ବୁଧବାର ସିବିଆଇ କୋର୍ଟରେ ସେମାନଙ୍କର ଜାମିନ ଶୁଣାଣି ହୋଇଥିଲା । ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଲାଞ୍ଚ କାରବାର ନେଇ କୌଣସି ଠୋସ୍ ପ୍ରମାଣ ନଥିବା କୋର୍ଟଙ୍କୁ ଅବଗତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଜାମିନ ନଦେବାକୁ କୋର୍ଟଙ୍କୁ ଅପିଲ୍ କରିଥିଲେ ସିବିଆଇର ଓକିଲ । କାଳେ ସେମାନେ ଜାମିନ୍ ପାଇଲେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିପାରନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ । ତେବେ ୩ ଅଭିଯୁକ୍ତଙ୍କ ଜାମିନ୍ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ ସିବିଆଇ କୋର୍ଟ । ▶▶ପୃଷ୍ଠା ୭

# ଭୟାବହ ଅଗ୍ନିକାଣ୍ଡ: ଜଳିଗଲା କୋଟିଏ ଟଙ୍କାର ସାମଗ୍ରୀ

ଗଞ୍ଜାମ, ୧୮/୧୨ (ନି.ପ୍ର): ତେଜ ଆଗ୍ରୋ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ। ନିଆଁ ଲାଗି ଜଳିଗଲା କୋଟିଏ ଟଙ୍କାର ସାମଗ୍ରୀ। ଗଞ୍ଜାମ କୋଦଳା ମୁଖ୍ୟ ରାସ୍ତାରେ ଥିବା ଜଗନ୍ନାଥ ସାହୁଙ୍କ ତେଜ ଆଗ୍ରୋ ଫ୍ୟାକ୍ଟ୍ରିରେ ନିଆଁ ଲାଗି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କଞ୍ଚମାଲ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ଭୋରରୁ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। କମ୍ପାନୀରେ ନିଆଁ ଲାଗିଯାଇଥିବା ଦେବା ଦେଖି ▶▶ପୃଷ୍ଠା ୭

# ସୀମାରେ ସ୍ଥିତି ହେବ ସ୍ୱାଭାବିକ: ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଅଜିତ ଡୋଭାଲ୍



ନୂଆଦିଲ୍ଲୀ, ୧୮/୧୨ : ପୂର୍ବ ଲଦାଖରେ ଚୀନ ପଟୁ ଭାରତ ସହ ସାମରିକ ବିବାଦ ରହିଛି। ଦୀର୍ଘ ୪ ବର୍ଷ ଧରି ଏହି ବିବାଦ ସହ ବିପଦ ମଧ୍ୟ ରହିଛି। ଏହାରି ଭିତରେ କିନ୍ତୁ ଚୀନ ଓ ଭାରତ ମଧ୍ୟରେ ବୈଠକ ହୋଇଛି। ବୈଠକରେ ଦୁଇ ଦେଶ ମଧ୍ୟରେ କିଭଳି ପୁନଃ ସମ୍ପର୍କ ଗଢ଼ି ଉଠିବ ଏବଂ ବିବାଦ କିଭଳି ସମାଧାନ ହେବ ସେ ନେଇ ଆଲୋଚନା ହୋଇଛି। ଏଲ୍ଏସିରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହିତ ସୀମା ବିବାଦ ଉପରେ ଆଲୋଚନା କରିଛନ୍ତି, ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ଚୀନ୍ ବୈଦେଶିକ ▶▶ପୃଷ୍ଠା ୭

# ପଣ୍ଡିତ ବାଇକୋଳି ମହାପାତ୍ର ଥିଲେ ଜଣେ ଅନନ୍ୟ ଏବଂ ବିରଳ ପ୍ରତିଭା

ଗଞ୍ଜାମ, ୧୮/୧୨ (ନି.ପ୍ର): ଜଣେ ଜାତୀୟ ସ୍ତରର କଂଗ୍ରେସ ନେତା, ଜଣେ କବି, ଆଲୋଚକ, ବିଶିଷ୍ଟ ବାଗ୍ମୀ, ସଂସ୍କାରକ ଏବଂ ବିଖ୍ୟାତ ଜ୍ୟୋତିର୍ବିଦ ଭାବରେ ପଣ୍ଡିତ ବାଇକୋଳି ମହାପାତ୍ରଙ୍କର ଯେଉଁ ପରିଚୟ ଥିଲା ତାହା ଅନନ୍ୟ ଏବଂ ବିରଳ। ତାଙ୍କର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଆଜିର ସଭାରେ ବିଶ୍ୱବିଦ୍ୟାଳୟ ସ୍ତରରେ ଜ୍ୟୋତିଷ ଶାସ୍ତ୍ରକୁ ସ୍ଥାନିତ କରିବା ପାଇଁ ଆଲୋଚନା କରାଯାଇ ଦୃଢ଼ ସମର୍ଥନ କରାଯାଇଥିଲା। ଯାହାଫଳରେ ଅନେକ ଛାତ୍ର ବିଜ୍ଞ ଜ୍ୟୋତିର୍ବିଦ ଭାବରେ ପରିଚୟ ସୃଷ୍ଟି କରି ରୋଜଗାରକ୍ଷମ ହୋଇ ପାରିବେ ବୋଲି ଆଲୋଚନା କରାଯାଇଥିଲା। ଏହି ଆଲୋଚନା ସଭାରେ ଅନ୍ୟତମ ଆଲୋଚକ ଭାବରେ ଶିବପ୍ରସାଦ ମିଶ୍ର, ଜ୍ୟୋତିଷ ଆଚାର୍ଯ୍ୟ ତପନ କୁମାର ପାଢ଼ୀ, କବି ଶିରୀଶ ପ୍ରସାଦ ମିଶ୍ର ଏବଂ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଆଲୋଚନା କରିଥିଲେ । ଏହି ଆଲୋଚନା ସଭାରେ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ର, ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ, ପ୍ରିତୀ ମୋହନ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ରବିନ୍ଦ୍ର କୁମାର ନାୟକ, ଅଶୋକ କୁମାର ଦଳେଇ, ଧିରେନ୍ଦ୍ର କୁମାର ଦାସ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଗୌରୀଶଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ପୁରୀ, ୧୮/୧୨ (ନି.ପ୍ର): କୃଷି ଆମ ଦେଶର ଆତ୍ମା ସଦୃଶ୍ୟ। କୃଷକର ଉନ୍ନତି ହିଁ କୃଷିର ଉନ୍ନତି। କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ। ଆଜି ଅପରାହ୍ନରେ ଶରଧାବାଲି ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ୫ ଦିନିଆ ପୁରୀ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେଇ ବିଧାୟକ ଶ୍ରୀ ପଟ୍ଟନାୟକ କୃଷକ ମାନେ ଆଧୁନିକ କୃଷି ପ୍ରଣାଳୀ ସହ କୃଷି ଯନ୍ତ୍ରପାତିର ଉପଯୋଗ ତଥା ସମନ୍ୱିତ ପ୍ରକ୍ରିୟାରେ ଚାଷ କରି ଅଧିକ ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପୁରୀ ଜିଲ୍ଲାରେ କୃଷିକୁ ଆଧାର କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ଆମକୁ କଷ୍ଟ ଦିଏ। ସରକାର ବଜେଟରେ ସର୍ବାଧିକ ଆର୍ଥିକ ବ୍ୟବସ୍ଥା କୃଷି ପାଇଁ କରିଛନ୍ତି। ତେବେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଆମ କୃଷିକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି କୃଷି ଯନ୍ତ୍ରପାତିର ଭରପୁର ସୁବିଧା କୃଷକ ବନ୍ଧୁ ମାନଙ୍କ ନିକଟରେ ପହଂଚାଇବାକୁ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କୃଷି ଯନ୍ତ୍ରପାତିର ଉପଯୋଗର ଭିଡିଓ କୃଷକ ମାନଙ୍କ ନିକଟରେ ଉପଲବ୍ଧ କରାଇବା ସହ ପଂଚାୟତ ସ୍ତରରେ ମଧ୍ୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଜନା ଓ ସହଯୋଗ ଚାଷୀ ମାନଙ୍କ ନିକଟରେ ପହଂଚାଇବାକୁ ବିଭାଗର ପ୍ରତ୍ୟେକ ଅଧିକାରୀ କର୍ମଚାରୀ ଉତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ମୁଖ୍ୟଯନ୍ତ୍ରୀ ମୁକ୍ତି କାନ୍ତ ମହାପାତ୍ର କୃଷି ଯନ୍ତ୍ରପାତି ପାଇଁ ରିହାତି ଦିଆଯାଉଛି। ଚଳିତ ବର୍ଷ କୃଷି ଯନ୍ତ୍ରପାତି ବିକ୍ରୟର ଧାର୍ଯ୍ୟ ଲକ୍ଷ୍ୟ ୨୫୫ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧୦ ଟି ପ୍ରକଳ୍ପ ପୂରଣ ହୋଇ ୮ କୋଟି ୪୦ ଲକ୍ଷ ଟଙ୍କା ସବସିଡ ଦିଆଯାଇଛି। ୯୬୦ ଜଣ ଚାଷୀ ୪ କୋଟି ୫୫ ଲକ୍ଷ ଟଙ୍କାର ସବସିଡ ପାଇଛନ୍ତି। ସେହିପରି ୨୬୦ ସ୍ୱୟଂ ସହାୟକ ଗୋଷ୍ଠୀ ୧ କୋଟି ୬୬ ଲକ୍ଷ ଟଙ୍କାର ସବସିଡ ପାଇଛନ୍ତି ବୋଲି ସେ କହିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ କୃଷକ ମାନଙ୍କୁ ବିଭିନ୍ନ ଆଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ତାହାର ଉପଯୋଗ ଓ ଆଗ୍ରହୀ କୃଷକ ମାନଙ୍କୁ ବିକ୍ରୟର ବ୍ୟବସ୍ଥା କରାଯାଇଛି। ମେଳାରେ ପ୍ରାୟ ୪୫ଟି ଷ୍ଟଲ ହେବା ସହ କୃଷକ ମାନଙ୍କ ସହ ଆଲୋଚନାଚକ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ବ୍ୟବସ୍ଥା କରାଯାଇଛି।

## ବନ ବିଭାଗ ଏସିଏଫ ମଳୟ ରଞ୍ଜନ କାଲୋଙ୍କ ପଦନ୍ନୋତି

କନ୍ଧମାଳ, ୧୮/୧୨ (ନି.ପ୍ର): ଫୁଲବାଣୀ ବନଖଣ୍ଡ କାର୍ଯ୍ୟାଳୟରେ ସହକାରୀ ବନ ସରଂକ୍ଷକ(ଏସିଏଫ )ଥିବା ମଳୟ ରଞ୍ଜନ କକ୍ଷଲୋ ଙ୍କର ଚାକିରିରେ ପଦୋନ୍ନତି ହୋଇଛି କ୍ଷ ସେ ଗତ ୨୦୨୧ ମସିହାରେ ଫୁଲବାଣୀରେ ଏସିଏଫ ଭାବେ ଯୋଗ ଦେଇ ସୁଚାରୁ ରୂପେ ନିଜ କର୍ତବ୍ୟ ସମ୍ପାଦନ କରି ଆସୁଥିଲେ କ୍ଷ ଏଥି ସହିତ ସେ ଜଣେ ଭଲ ଏବଂ ନିଜ ଅଧିକାରୀ ଓ କର୍ମଚାରୀ ମାନଙ୍କ ପାଇଁ ଜଣେ ଅଧିକାରୀ ଭାବେ ଆଦୃତ ଥିଲେ। ବର୍ତମାନ ତାଙ୍କର ପଦୋନ୍ନୋତି ହୋଇଛି। ସେ ଓ ଏଫ ଡି ସି( ଏମ ଡି ) ପରିଚାଳନା ନିର୍ଦ୍ଦେଶକ ଭାବେ ଭୁବନେଶ୍ୱରରେ ଯୋଗ ଦେଇଛନ୍ତି। ତାଙ୍କର ନିଷ୍ଠା, କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତାକୁ ଭିତି କରି ସରକାର ତାଙ୍କୁ ପଦନ୍ନୋତି ଦେଇଛନ୍ତି। ଏସି ଏଫ ମଳୟରଞ୍ଜନ କାଲୋଙ୍କ ଆନ୍ତରିକତା, ନିଷ୍ଠାପର ଉଦ୍ୟମ, ସଚୋଟତା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ଫୁଲବାଣୀ ବନ ବିଭାଗ ଅଧୀନରେ ବ୍ୟାପକ ବୃକ୍ଷ ରୋପଣ କରାଯିବା, ଜଙ୍ଗଲ ବୃଦ୍ଧି ହେବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରାଯିବା ଏବଂ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ସମ୍ଭବ ହୋଇଛି। କାଲୋଙ୍କ ପଦନ୍ନୋତି ପାଇଁ ଡ଼ିଏଫଓ ପ୍ରଶାନ୍ତ ପଟେଲଙ୍କ ସହ ସମସ୍ତ ରେଞ୍ଜ ଅଫିସର, ବନ କର୍ମଚାରୀ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳମୟ ଭବିଷ୍ୟତ କାମନା କରିଛନ୍ତି।

# କନ୍ଧମାଳ ଜିଲ୍ଲାରେ ଶାନ୍ତି ସଦ୍ଭାବନା ସହ ଖ୍ରୀଷ୍ଟମାସ୍ ପାଳନ ପାଇଁ ଶାନ୍ତି କମିଟି ବୈଠକ

କନ୍ଧମାଳ, ୧୮/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଶାନ୍ତି ଓ ସଦ୍ଭାବନାର ସହିତ ଡିସେମ୍ବର ୨୫ ବଡ଼ଦିନ ଓ ୨୦୨୫ ନବବର୍ଷକୁ ପାଳନ ନିମନ୍ତେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍ ଙ୍କ ଅଧକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବଡ଼ଦିନ ଓ ନବବର୍ଷ ୨୦୨୫କୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବାକୁ ଅଧକ୍ଷ ମହୋଦୟ ସମସ୍ତଙ୍କୁ ନିବେଦନ କରିବା ସହିତ ବଡ଼ଦିନ ଓ ନବବର୍ଷ ପାଳନ ନିମନ୍ତେ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ । ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଫେକ୍ ମେସେଜ୍ ବା ଖବର ଉପରେ ନଜର ରଖି ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଆବଶ୍ୟକ ପଡ଼ିଲେ ଚର୍ଚ୍ଚର ମୁଖ୍ୟ, ଥାନା ଅଧିକାରୀ, ତହସିଲ୍‌ଦାର ଓ ବିଡିଓ ମାନଙ୍କୁ ନେଇ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରୀଶ ବିସି ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ସମସ୍ତ ଆଇ.ଆଇ.ସି ଓ ଏସ୍.ଡି.ପି.ଓ. ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ । ଗ୍ରୁପ୍ ରେ ସେଭଳି କିଛି ଖବର ଆସିଲେ ପୋଲିସ ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଏସ୍ ପି କହିବା ସହିତ ଆନନ୍ଦର ସହିତ ବଡ଼ଦିନ ଓ ନବବର୍ଷ ପାଳନ ନିମନ୍ତେ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ । ସଭାପତି, ଖ୍ରୀଷ୍ଟିୟାନ୍ ଜନକଲ୍ୟାଣ ସମିତି, କନ୍ଧମାଳ ସୁରଞ୍ଜନ ନାୟକ କନ୍ଧମାଳ ଏକ ଶାନ୍ତି ପ୍ରିୟ ଜିଲ୍ଲା ଏହାର ଅଧିବାସୀମାନେ ଭାଇଚାରାରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରିଥାନ୍ତି । କେବଳ ପର୍ବ ପାଳନ ସମୟରେ ବିଦ୍ୟୁତ୍ କାଟ୍ ନ କରିବା ପାଇଁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ନିବେଦନ ରଖିଥିଲେ । ସେହି ଜନକଲ୍ୟାଣ ସମିତିର ଉପ-ସଭାପତି ମୋଜେସ୍ ଦିଗାଲ ନିଶା ଦ୍ରବ୍ୟ ବିକ୍ରି ଉପରେ କଟକଣା ଲାଗୁ କରିବାକୁ ନିବେଦନ କରିଥିଲେ । ବିଭିନ୍ନ ସମ୍ପ୍ରଦାୟରୁ ଆସିଥିବା ମୁଖ୍ୟମାନେ କହିଥିଲେ ଯେ, ହିନ୍ଦୁ ଭାଇମାନେ ଦୁର୍ଗାପୂଜା କଲେ ଆମ୍ଭେମାନେ ସେମାନଙ୍କୁ ସହଯୋଗ କରୁ ଏବଂ ସେମାନେ ମଧ୍ୟ ଆମ୍ଭମାନଙ୍କୁ ଆମ ପର୍ବରେ ସହଯୋଗ କରନ୍ତି । ପୂର୍ବର ପରିସ୍ଥିତି ଆଉ ନାହିଁ । ଆମ୍ଭେମାନେ ଶାନ୍ତି ପ୍ରେମର ରାଜା ପ୍ରଭୁ ଯୀଶୁଙ୍କର ପର୍ବ ଆନନ୍ଦର ସହ ପାଳନ କରିବୁ । ସେହିପରି ଅନ୍ୟ ସମ୍ପ୍ରଦାୟର ମୁଖ୍ୟମାନେ କହିଥିଲେ ଯେ, ବିଜୁଳି କାଟ୍ ସମୟରେ ବହୁତ ଅସୁବିଧା ହୁଏ । ଏଥିପ୍ରତି ନଜର ଦେବାକୁ ସେମାନେ ଅନୁରୋଧ କରିଥିଲେ । ୨୩ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ନିଶାକୁ ନିଷେଧ କଲେ ଭଲ ହୁଅନ୍ତା ବୋଲି କହିଥିଲେ । ବଡ଼ଦିନକୁ ଖ୍ରୀଷ୍ଟିଆନ ଭାଇଭଉଣୀମାନେ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ହିନ୍ଦୁ ସମ୍ପ୍ରଦାୟର ମୁଖ୍ୟମାନେ ପ୍ରତିଶୃତି ଦେଇଥିଲେ । ବୈଠକକୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ପରିଚାଳନା କରିଥିବାବେଳେ ଉପ-ଜିଲ୍ଲାପାଳ କନ୍ଧମାଳ ଚିତ୍ତରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଦେବଜାନୀ ଭୂୟାଁ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା କୃପାସିନ୍ଧୁ ବେହେରା, ସମସ୍ତ ସରକାରୀ ପଦାଧିକାରୀ, ବିଭିନ୍ନ ସମ୍ପ୍ରଦାୟର ଜିଲ୍ଲା ତଥା ବ୍ଲକ ମୁଖ୍ୟ, ଜନ ପ୍ରତିନିଧି, ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଆରଡ଼ି ବିଭାଗର ନିମ୍ନମାନର କାର୍ଯ୍ୟ : ନିର୍ମାଣର ୪ ମାସରେ ରାସ୍ତାରୁ ଉଠିଗଲା ପିଚୁ

ସମ୍ବଲପୁର, ୧୮/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନ କ୍ଷେତ୍ର ଜମନକିରା ବ୍ଲକ ବଡ଼ମାଲ ପଂଚାୟତରେ ଆର ଡ଼ି ବିଭାଗ ପକ୍ଷରୁ ଚାରି ମାସ ପୂର୍ବରୁ ପାଂଚ କିଲୋମିଟର ରାସ୍ତା ନିର୍ମାଣ ପାଇଁ ପ୍ରାୟ ୧୬ ଲକ୍ଷ ୪୨ ହଜ଼ାର ଟଙ୍କା ଖର୍ଚ୍ଚ ହୋଇଥିଲା। ସରକାର ଲୋକଙ୍କୁ ମୌଳିକ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି ଯେଉଁଥିରେ ରାସ୍ତା ତିଆରିକୁ ପ୍ରାଧାନ୍ୟ ଦିଆଯାଇଥାଏ। ଏଭଳି ପରିସ୍ଥିତିରେ ବଡ଼ମାଲ ଗ୍ରାମରୁ ସୁଦବଲଣ୍ଡା ଗ୍ରାମ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଚାରି ମାସ ପୂର୍ବରୁ ଏକ ଠିକା ସଂସ୍ଥା ଦ୍ୱାରା କରାଯାଇଛି। ଠିକା ସଂସ୍ଥା ଓ ଅଧିକାରୀଙ୍କ ମଧୁର ଚନ୍ଦ୍ରିକା ଯୋଗୁଁ ଏବେ ଏହି ରାସ୍ତାରୁ ପିଚୁ ଉଠିବାକୁ ଲାଗୁଛି ବୋଲି ଗ୍ରାମବାସି ପ୍ରକାଶ କରିଛନ୍ତି। ଏପରିକି ରାସ୍ତା ନିର୍ମାଣ ସମୟରେ ଉକ୍ତ ଠିକା ସଂସ୍ଥା ପକ୍ଷରୁ ନିମ୍ନମାନର କାର୍ଯ୍ୟ କରୁଥିବା ଗ୍ରାମବାସୀ ଦେଖି ଠିକା ସଂସ୍ଥାକୁ ତାଗିଦ ମଧ୍ୟ କରିଥିଲେ। ଏଭଳି ପରିପ୍ରେକ୍ଷୀରେ ବର୍ତମାନ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ଉକ୍ତ ବିଭାଗୀୟ ମନ୍ତ୍ରୀ ଅଛନ୍ତି ଓ ଗ୍ରାମବାସି ଏହି ଘଟଣାକୁ ମନ୍ତ୍ରୀଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା କାମ ନିମ୍ନମାନର ହୋଇଥିବା ଗ୍ରାମରେ ଅଭିଯୋଗ ମଧ୍ୟ ହେଉଛି । ହେଲେ, ଏହି ୫ କି.ମି. ରାସ୍ତା ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ଫଳକ ଲାଗି ନାହିଁ ସରକାରଙ୍କ ପକ୍ଷରୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ଜନସାଧାରଣ ଜାଣି ପାରୁନାହାନ୍ତି କ୍ଷ ରାସ୍ତା ମରାମତିର ୪ ମାସ ମଧ୍ୟରେ ରାସ୍ତାରୁ ପିଚୁ ଉଠି ଗୋଡି ମାଟି ବାହାରି ରାସ୍ତା ଖରାପ ହେବାକୁ ବସିଲାଣି କ୍ଷ ରାସ୍ତା ତିଆରି ସମୟରେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ମାନେ ଏହାର ପ୍ରତିବାଦ କରିବାରୁ ସେ ସମୟରେ ଗ୍ରାମବାସୀଙ୍କୁ ସେ ଆଶ୍ୱାସନା ଦେଇ ଭୁତେଇ ଦେଇ ନିମ୍ନମାନର କାର୍ଯ୍ୟ କରିଥିବା ଗ୍ରାମବାସୀ କହିଛନ୍ତି । ଏଣୁକରି ଏହାର ଯାଂଚ୍ ସହିତ ଉକ୍ତ ରାସ୍ତାକୁ ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

ଏ ସମ୍ପର୍କରେ ଜମନକିରା ଆର.ଡ଼ି. ଅଧିକାରୀ ଅଶୋକ ଦାସଙ୍କୁ ପଚାରିବାରୁ ରାସ୍ତା ଖରାପ ପାଇଁ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀ ଦାୟୀ। ଏହି କାର୍ଯ୍ୟ ହେଉଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ ଯାହା ପାଇଁ ପିଚୁ ଗାଡି ଦୀର୍ଘ ସମୟ ଧରି ଅଟକିଯାଇ ପିଚୁ ଥଣ୍ଡା ହୋଇ ତାର ସ୍ଥାୟିତ୍ୱ କମିଯାଇଥିଲା ଓ ସେହି ପିଚୁରେ କାମ କରାଯାଇଥିଲା ତେଣୁକରି ବର୍ତମାନ ଏଭଳି ପରିସ୍ଥିତି ଦେଖା ଦେଇଛି। ଏହି ରାସ୍ତା ମରାମତି ପାଇଁ ପୁଣି ଟେଣ୍ଡର ହୋଇଛି ଆସନ୍ତା ମାସରେ କାର୍ଯ୍ୟ ଆରମ୍ଭ ହେଲେ ଏହାକୁ ମଧ୍ୟ ମରାମତି କରିଦେବୁ ବୋଲି କହିଥିଲେ।

## ରାଷ୍ଟ୍ରୀୟ ପେନସନର୍ସ ଦିବସ ପାଳିତ

ବଲାଙ୍ଗିର, ୧୮/୧୨ (ନି.ପ୍ର): ସର୍ବ ଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ ସଂଘ, ବଲାଙ୍ଗିର ଶାଖା ତରଫରୁ ସ୍ଥାନୀୟ ଶବରୀ ନାରାୟଣ ଧର୍ମଶାଳା ଠାରେ କାର୍ଯ୍ୟକାରି ସଭାପତି ମଧୁ ମିର୍ଦ୍ଧାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ପେନସନର୍ସ ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଅର୍ଜୁନ ଚରଣ ସେଠି, ଜିରେମନ ଦିପ, ବିପିନ ବିହାରୀ ନେଗୀ, ନିଳାଚଳ ହୋତା ଏବଂ ଅନ୍ତର୍ଯ୍ୟାମି ପୁଝାରୀ ପେନସନର୍ସ ଏବଂ ବୟୋଜୈଷ୍ଟମାନଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ବିଷୟରେ କିପରି ସଚେତନ ହେବେ, ଜିବନଶୈଳୀ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ବୃଷଭ ସା ପେନସନ ସଂଘ ର ତାତ୍ପର୍ଯ୍ୟ ଏବଂ ପେନସନର୍ସ ଦିବସର ଇତିହାସ ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । କୋଷାଧ୍ୟକ୍ଷ ରାହାସ ବିହାରୀ ଭୋଇ ସଂଘର ଆୟ ବ୍ୟୟର ସମିକ୍ଷା କରି ଗୋରଖପୁର ଠାରେ ହୋଇଥିବା ୬୯ତମ ସର୍ବ ଭାରତୀୟ ଦ୍ୱିବାର୍ଷିକ ଅଧିବେଶନ ବିଷୟରେ ଆଲୋକପାତ କରିଥିଲେ । ରମାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସଭ୍ୟମାନେ ସଭା କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ ।

# ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ

ପୁରୀ, ୧୮/୧୨ (ନି.ପ୍ର): ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ୧୮ ତମ ପ୍ରବାସୀ ଭାରତୀୟ ଦିବସ। ପ୍ରବାସୀ ଭାରତୀୟ ମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ ଶୃଙ୍ଖଳିତ ଭାବେ ସେମାନଙ୍କ ତମାମ ଗସ୍ତ ସଫଳ ହେବ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବାକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପରାମର୍ଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରବାସୀ ଭାରତୀୟ ମାନଙ୍କୁ ସ୍ୱାଗତ ସହ ସେମାନଙ୍କ ସୁରକ୍ଷିତ ଗସ୍ତ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରବାସୀ ଭାରତୀୟ ମାନଙ୍କ ସମ୍ମିଳନୀ ଯଦିଓ ଭୁବନେଶ୍ୱରରେ ଆୟୋଜିତ ହେଉଛି କିନ୍ତୁ ସଂଖ୍ୟାଧିକ ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ଅତିଥି ଦେବୋଭବ ର ପରମ୍ପରାକୁ ବଜାୟ ରଖି ଆମେ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାସ୍ତା ମରାମତି, ସହର ଓ ପର୍ଯ୍ୟଟନ ସ୍ଥଳ ପରିଷ୍କାର ପରିଛନ୍ନ, ଶୌଚାଳୟ ବ୍ୟବସ୍ଥା, ଗମନାଗମନ ଓ ପାର୍କିଂ ବ୍ୟବସ୍ଥା, ରାସ୍ତା ଅବରୋଧ କରୁଥିବା ଗାଈଗୋରୁ ମାନଙ୍କୁ ହଟାଇବା, ଶୃଙ୍ଖଳା ରକ୍ଷା, ଆଲୋକୀକରଣ ଇତ୍ୟାଦି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଥିଲେ। ସମସ୍ତଙ୍କୁ ସ୍ୱାଗତ କରି ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ। ଆସୁଥିବା ପ୍ରବାସୀ ଭାରତୀୟ ଅତିଥି ମାନଙ୍କୁ ଓଡ଼ିଆ ପରମ୍ପରା ଅନୁସାରେ ସ୍ୱାଗତ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଥିଲେ। ପ୍ରବାସୀ ଭାରତୀୟ ମାନଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉଛି। ସେହି ସମୟରେ ମଧ୍ୟ ବିଚ୍ ଫେଷ୍ଟିଭାଲ ଆୟୋଜନ କରାଯାଉଛି। ଏଥି ସହ ପଲ୍ଲିଶ୍ରୀ ମେଳା, ଫୁଡ ଫେଷ୍ଟିଭାଲ, ବିଚ ସ୍ପୋର୍ଟ୍ସ, ମ୍ୟାଜିକ ସୋ, ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନକୁ ସାମିଲ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ୫୧ ଟି ହୋଟେଲରେ ସ୍ଲଟ ପ୍ରବାସୀ ଭାରତୀୟଙ୍କ ପାଇଁ ରଖାଯାଇଛି ବୋଲି ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ କାକଟପୁର ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇ ବିବିଧ ପରାମର୍ଶ ଓ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପଭାନୁ ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପଡୋଶୀ ଛତିଶଗଡ ରାଜ୍ୟ ମଣ୍ଡିରେ ଯେପରି ଧାନ କ୍ରୟ କରାଯାଉଛି ତାହା ଓଡିଶାରେ କାର୍ଯ୍ୟକାରି କରାଯାଉ

ଜୟପୁର, ୧୮/୧୨ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭିଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଆଜି ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଧାନ ମଣ୍ଡିରେ ଖରିଫ ଧାନ ମଣ୍ଡିର ସମସ୍ୟା ସମ୍ପର୍କରେ ଦାବି ପତ୍ର ପ୍ରଦାନ କରାଯାଇଛି । କୃଷକ କଲ୍ୟାଣ ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ସଦସ୍ୟ ମାନେ ଉପସ୍ଥିତ ରହି ୭ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସରକାରୀ ଛୁଟି ବ୍ୟତିତ ସବୁ ଦିନ ମଣ୍ଡି ଖୋଲାଯିବା ସହିତ କ୍ରୟକାରୀ ସଂସ୍ଥାର ଦକ୍ଷତା ଅନୁସାରେ ଜିଲାପାଳଙ୍କୁ ଟୋକେନ ପ୍ରଦାନ କରିବାର କ୍ଷମତା ଦିଆଯିବା ସହିତ ସମସ୍ତ ଚାଷୀଙ୍କ ବଳକା ଧାନ ପର୍ଯ୍ୟାୟ କ୍ରମେ କ୍ରୟ ନକରି ଗୋଟିଏ ଦିନରେ କ୍ରୟ କରାଯାଉ, ବର୍ତମାନ ଜିଲାରେ ଧାନ କ୍ରୟର ଯେଉଁ ଅଚଳାବସ୍ଥା ଲାଗି ରହିଛି ସେଥି ସକାଶେ ପଡୋଶି ଛତିଶଗଡ ରାଜ୍ୟ ମଣ୍ଡିରେ ଯେପରି ଧାନ କ୍ରୟ କରାଯାଉଛି ତାହା ଓଡିଶାରେ କାର୍ଯ୍ୟକାରି କରାଯାଉ, ଏଫଏକ୍ୟୁ ନାମରେ ଯେଉଁ ଅଚଳାବସ୍ଥା ଲାଗି ରହିଛି ତାହା ଦୂର କରାଯାଇ ଜାନୁଆରି ୩୧ ତାରିଖ ସୁଦ୍ଧା ଧାନ କ୍ରୟ କରାଯାଉ, ଅଣ ଜଳସେଚିତ ଜମିରେ ୧୩ କ୍ୱିଂଟାଲ ଧାନ କ୍ରୟ କରାଗଲେ ଚାଷିଙ୍କ ମନ ବଳ ଭାଙ୍ଗିଯିବା ସହିତ ବଳକା ଧାନ ବକ୍ରି କରିବାକୁ ଚାଷି ଅଭାବି ବିକ୍ରିର ଶୀକାର ହେବେ, ତେଣୁ ରାଜ୍ୟରେ ଏକର ପ୍ରତି ୨୫ କ୍ୱିଂଟାଲ ଧାନ କ୍ରୟ କରାଯାଉ, ଚାଷିଙ୍କୁ ଖାଲି ଅଖା ପ୍ରଦାନ କରାଯାଉ ଏବଂ ଚାଷି କିପରି ଅନ୍ୟ ବର୍ଗର ଲୋକଙ୍କ ପରି ସମ୍ମାନର ସହିତ ବଂଚିପାରିବ ସେଥିପ୍ରତି ସରକାର ଯତ୍ନବାନ ହେଲେ ଚାଷି ଉପକୃତ ହୋଇଥାନ୍ତେ । ଜୟପୁର କୃଷକ ଭବନ ଚାଷୀଙ୍କ କାର୍ଯ୍ୟରେ ଲାଗିବା ସହିତ ଅବିଭକ୍ତ କୋରାପୁଟ ଜିଲା କୃଷକ ସମାଜ ଓ କୃଷକ କଲ୍ୟାଣ ମଂଚର ସଦସ୍ୟଙ୍କୁ ଡିଏଲପିସି ବୈଠକରେ ଭାଗ ନେବାର ସୁଯୋଗ ଦିଆଯାଉ, ଗ୍ରାମପଂଚାୟତ ନିକଟରେ ମାନବ ସମ୍ବଳ, ଗୋଦାମ ଗୃହ ଆର୍ଥିକ ସ୍ୱଚ୍ଛଳତା ଉତରଦାୟୀ ବ୍ୟବସ୍ଥା, ବିଭିନ୍ନ ସଂସାଧାନ, ଖାଲି ଅଖା, ବୈଷୟିକ କର୍ମଚାରି ଥିବା ସହିତ ଗ୍ରାମ ସ୍ତରରେ ଚାଷିଙ୍କ ସହିତ ଓତଃପ୍ରୋତଃ ଭାବେ ଜଡିତ ଥିବାରୁ ଗ୍ରାମପଂଚାୟତକୁ ଧାନ କ୍ରୟ କରିବାର ସୁଯୋଗ ଦିଆଗଲେ ପଂଚାୟତର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବା ସହିତ ସରକାରଙ୍କ ପରିବହନଜନିତ କ୍ଷତିରୁ ମୁକ୍ତି ମିଳିବା ସହିତ ଚାଷି ମାନେ ଉପକୃତ ହୋଇଥାନ୍ତେ । ଜିଲାରେ ଏଫଏକ୍ୟୁ ନାମରେ ଧାନ କ୍ରୟ ଓ ବିକ୍ରୟ କର ଯେଉଁ ଅଚଳାବସ୍ଥା ଲଗି ରହିଛି ତାହାକୁ ତୁରନ୍ତ ସମାଧାନ କରିବାକୁ ଦାବି କରାଯାଇଛି ।

## ଜବର ଦଖଲ ଉଚ୍ଛେଦ ପାଇଁ ଦାବିପତ୍ର ପ୍ରଦାନ

ଜୟପୁର, ୧୮/୧୨ (ନି.ପ୍ର): ଜୟପୁର ପୌରାଚଂଳ ଦୁଇ ଜଣ କାଉନସିଲର ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରିଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି । ପ୍ରଭୁ ଗୁପ୍ତେଶ୍ୱରଙ୍କୁ ଦର୍ଶନ ପାଇଁ ମନ୍ତ୍ରୀ ସୁରେଶ ପୁଜାରି ପହଂଚିଥିବା ବେଳେ ସେଠାରେ ଦାବି ପତ୍ର ପ୍ରଦାନ କରାଯାଇଛି । ଗୁପ୍ତେଶ୍ୱର ସ୍ଥିତ ଆଇବିରେ ଜୟପୁର ପୌରାଚଂଳର କାଉନସିଲର ବି ବିଷ୍ଣୁ ବର୍ଦ୍ଧନ ରେଡ୍ଡି ଓ ଦେବେନ୍ଦ୍ର ଚୌଧୁରି ଦାବି ପତ୍ର ପ୍ରଦାନ କରିଛନ୍ତି । ଜୟପୁର ଜଗନ୍ନାଥ ସାଗରର ଚାରି ପଟେ ଜବର ଦଖଲ ହୋଇଛି ତାହାକୁ ଉଚ୍ଛେଦ କରିବାକୁ ଦାବି କରାଯାଇଛି । ଏହା ସହ ଜୟପୁର ସହରର ବହୁ ଗୁରୁତ୍ୱପୂର୍ଣ୍ଣ ଜମିକୁ ଜମି ମାଫିଆ ଓ ଅନ୍ୟ ମାନେ କବଜା କରି ରଖିଛନ୍ତି । ଏମିତିକି ସରକାରୀ ଜାଗାକୁ ବିକ୍ରି କରାଯାଇଛି । ସେ ଜାଗାକୁ ପ୍ରଶାସନ କିପରି ଅନୁମତି ଦେଉଛି ବିକ୍ରି ହୋଇ ପଟ୍ଟା ହୋଇଛି । ତେଣୁ ସରକାର ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏହି ଦାବିକୁ ମନ୍ତ୍ରୀ ପୁଜାରି ଗ୍ରହଣ କରି ସରାକାରି ଜାଗାରେ ଦଖଲରେ ଥିବା ଉଚ୍ଛେଦ କରାଯିବା ସହ ସାଗର ଚାରିପଟେ ହୋଇଥିବା ଜବର ଦଖଲକୁ ମଧ୍ୟ ଉଚ୍ଛେଦ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

## ଟ୍ରକ୍ ପଛରେ ପିଟିଲା କାର୍ : ୨ ଗୁରୁତର

ଜୟପୁର, ୧୮/୧୨ (ନି.ପ୍ର): ଜୟପୁର ନିକଟ ହାଟପଦାରେ ଗତକାଲି ବିଳମ୍ବିତ ରାତ୍ରରେ ଘଟିଛି ଦୁର୍ଘଟଣା । ଟ୍ରକ ପଛରେ ଧକ୍କା ଦେଲା କାର । ଫଳରେ କାର ରେ ଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି । ଜଣକର ଗୋଡ ଓ ଅନ୍ୟ ଜଣକର ଆଖିରେ ଆଘାତ ଲାଗିଥିବା ଜଣାଯାଇଛି । ଟ୍ରକଟି ମରାମତି କାମ ଚାଲୁ ରଖିଥିବା ବେଳେ କାରଟି ପଛପଟୁ ଧକ୍କା ଦେଇଥିଲା । ଆହତ ଦୁଇ ଜଣଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ବଲାଙ୍ଗିର ବ୍ରାହ୍ମଣ ମହାସଭାର ବୈଠକ

ବଲାଙ୍ଗିର, ୧୮/୧୨ (ନି.ପ୍ର): ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ବ୍ରାହ୍ମଣ ମହାସଭାର ବୈଠକ ସଭାପତି ଧନଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ବ୍ରାହ୍ମଣ ମହାସଭାର ବରିଷ୍ଠ ସଭ୍ୟ ସ୍ୱର୍ଗତ ଅର୍ନ୍ତଜ୍ୟାମି ପାଣିଗ୍ରାହୀଙ୍କ ସ୍ୱର୍ଗବାସ ହେତୁ ତାଙ୍କର ଅମର ଆତ୍ମାର ସଦ୍ ?ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂପାଦକ ଆଇନଜିବି ଜୟରାମ ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ପର୍ଶୁରାମ ନାୟକ ଆୟବ୍ୟୟ ର ହିସାବ ଉପସ୍ଥାପନ କରିଥିଲେ । ସଭାପତି ଧନଞ୍ଜୟ ମିଶ୍ର ତାଙ୍କ ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ସଭାପତି ପଦରୁ ତାଙ୍କର ଇସ୍ତଫା ପତ୍ର ଦେଇଥିବା ସଂପାଦକ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ସଭାରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇ ସଭାପତିଙ୍କ ଇସ୍ତଫା ପତ୍ର ଗ୍ରହଣ କରାଗଲା । ଉପସଭାପତି ଗୋପବନ୍ଧୁ ପୁରୋହିତ ବର୍ତମାନ କମିଟିର କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଭାପତି ରୂପେ ବ୍ରାହ୍ମଣ ମହାସଭାର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନିଷ୍ପତି ନିଆଗଲା ଏବଂ ସଂପାଦକ ମହୋଦୟ ଙ୍କୁ ସାଧାରଣ ସଭା ଡାକିବା ପାଇଁ ଅନୁରୋଧ କରାଗଲା ।

# ଜୟପୁର ଭ୍ରଷ୍ଟାଚାର ବିରୋଧ ସଂଗଠନର ସଭାପତି ନିଯୁକ୍ତି

ଜୟପୁର, ୧୮/୧୨ (ନି.ପ୍ର): ଅଖିଳ ଭାରତିୟ ଭ୍ରଷ୍ଟାଚାର ବିରୋଧ ସଂଗଠନ କୋରପୁଟ ଜିଲା ସଭାପତି ବରିଷ୍ଠ ଆଇନଜୀବି ଅଶୋକ ମିଶ୍ରଙ୍କ ସୁପାରିଶ କ୍ରମେ ରାଜ୍ୟର ଆବାହକ ତଥା ସଭାପତି ସୁବ୍ରତ କୁମାର ନନ୍ଦ ଆଜି ଯୁବ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ପାଢୀଙ୍କୁ ଜୟପୁର ପୌରାଚଂଳର ସଭାପତି ଏବଂ ବ୍ଲକ ସଭାପତି ଭାବେ ଅବସରପ୍ରାପ୍ତ ପୋଲିସ ଅଫିସର ନରସିଂହ ନାୟକଙ୍କୁ ନିଯୁକ୍ତି କରିଛନ୍ତି । ରାଜ୍ୟ କମିଟି ଆବାହକ ସୁବ୍ରତ କୁମାର ନନ୍ଦ ଏକ ପ୍ରେସ ବିବୃତିରେ ଏନେଇ ସୂଚନା ଦେଇଛନ୍ତି । ଏହି ସଂଗଠନ ଖୁବ ଶିଘ୍ର କୋରାପୁଟ ଜିଲାର ସମସ୍ତ ପୌରାଚଂଳ ଓ ବ୍ଲକର ଭ୍ରଷ୍ଟାଚାର ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିବ ଏବଂ ସଂଗଠନ ତରଫରୁ ଉଚ୍ଚ ସ୍ତରିୟ ତଦନ୍ତ କରାଯିବ ବୋଲି ରାଜ୍ୟ ଆବାହକ ସୁବ୍ରତ କୁମାରା ନନ୍ଦ ଓ ଜିଲା ସଂଗଠନ ସଭାପତି ଅଶୋକ ମିଶ୍ର ସୂଚନା ଦେଇଛନ୍ତି ।

## ଧାରାବାହିକ: ଭାଗ-୩୫

# ସଂକ୍ଷିପ୍ତ ଭାଗବତ କଥାମୃତ






### ଡ. ଶ୍ରୀହରି ପଣ୍ଡା


(ପୂର୍ବ ପ୍ରକାଶିତ ଉତ୍ତାରୁ)

**୪ର୍ଥ ଅଧ୍ୟାୟ**

**।। ହିରଣ୍ୟକଶିପୁର ଉତ୍ପୀଡନ ।।**

ବ୍ରହ୍ମାଙ୍କଠାରୁ ଦୁର୍ଲ୍ଲଭ ବରରେ ବଳୀୟାନ ହିରଣ୍ୟ ସୁବର୍ଣ୍ଣ ଶରୀର ଧାରଣ କରି ଦେବତାଙ୍କଠାରୁ ମଧ ତେଜୀୟାନ ହେଲା ଏବଂ ନିଜ ଅନୁଜର ବଧ କାରଣରୁ ବିଷ୍ଣୁ ସମେତ ସମସ୍ତ ଦେବ ବିରୋଧୀ କାର୍ଯ୍ୟରେ ମତିଦେଲା । କାଳକ୍ରମେ ନିଜର ବାହୁ ବଳରେ ସମସ୍ତ ଲୋକର ଅଧିକାର କରିବା ସହ ଅଳକାପୁରୀକୁ ଜୟକରି ଦେବତାମାନଙ୍କୁ ବିତାଡିତ କରି ସ୍ୱୟଂ ଇନ୍ଦ୍ର ଭୂବନରେ ବାସ କରିବା ସହ ସକଳ ଅମୂଲ୍ୟ ସମ୍ପଦ ଠୁଳ କଲା । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନିଜର ପରିସର ମଧ୍ୟରେ ରହିଥିବା ବେଳେ ଦେବତାମାନେ ତାର ଆଜ୍ଞାକାରୀ ହୋଇ ସେବା ପ୍ରଦାନ କଲେ । ଇନ୍ଦ୍ର, ଅଗ୍ନି ଓ ବରୁଣାଦି ଦେବତାଙ୍କ ବର୍ଷଣ, ଦହନ ଓ ଶୋଷଣ ଗୁଣକୁ ସେହି ଦୈତ୍ୟ ଏକାକୀ ବହନ କରି ମଧ ସନ୍ତୁଷ୍ଟ ହେଲାନାହିଁ । ତାର ଅତ୍ୟାଚାରରେ ସମସ୍ତେ ହା ହା କାର କରିଉଠିଲେ । ଦେବତାମାନେ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହୋଇ ସ୍ତୁତି କରିବାକୁ ଲାଗିଲେ । ହଠାତ୍ ମେଘଗମ୍ଭୀର ବାଣୀ ଧ୍ୱନିତ ହୋଇ ଶୁଣାଗଲା, ହେ ଦେବତାଗଣ ! ମୁଁ ଦୈତ୍ୟର ଅତ୍ୟାଚାର ସମ୍ପର୍କରେ ଅବଗତ ଅଛି । ତାର ତପୋବଳ ଖୁବ ଶୀଘ୍ର ନଷ୍ଟ ହେଉଛି ଏଣୁ ମୁଁ ତାକୁ ଅଚିରେ ଦଣ୍ଡଦେଇ ଧରାର ଭାରା ନିବାରଣ କରିବି । କିଛି କାଳ ଅପେକ୍ଷା କର । ଏହି ଅସୁର, ତାର ବିଷ୍ଣୁଭକ୍ତ ପୁତ୍ରକୁ ବହୁ କଷ୍ଟଦେବ ଏବଂ ମୁଁ ସମସ୍ତ ଦୁଃଖରୁ ତାକୁ ରକ୍ଷା କରିବି । ଶ୍ରୀନାରଦ କହିଲେ, ଦେବତାମାନେ ବିଷ୍ଣୁଙ୍କର ବାକ୍ୟ ଶୁଣି ଆଶ୍ୱସ୍ତି ଲାଭ କରି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ । ହିରଣ୍ୟକଶିପୁର ଚାରିପୁତ୍ର ମଧ୍ୟରେ ପ୍ରହ୍ଲାଦ ଅତ୍ୟନ୍ତ ସୁନ୍ଦର ଏବଂ ବିଷ୍ଣୁଭକ୍ତ ଥିଲେ । ସେ ସର୍ବତ୍ର ବିଷ୍ଣୁଙ୍କର ସ୍ଥିତିକୁ ଅବଲୋକନ କରି ଖେଳକୁଦରେ ମନ ନିବେଶ ନକରି ଭଗବାନଙ୍କ ଶ୍ରୀଚରଣରେ ମନ ନିବେଶ କରୁଥିଲେ । ଏହା ହିରଣ୍ୟକୁ ଅସହ୍ୟ କରିପକାଇଲା । ସେ ବିଭିନ୍ନ ପ୍ରକାର ଦଣ୍ଡ ଦେବାର ବ୍ୟବସ୍ଥା କଲା । ଯୁଧିଷ୍ଠିର ପଚାରିଲେ, ହେ ଦେବର୍ଷି, ବିଷ୍ଣୁଭକ୍ତ ପ୍ରହ୍ଲାଦ ପିତାଙ୍କୁ ମଧ ସମ୍ମାନ ଦେଉଥିଲା ଓ ଅଗାଧ ଭକ୍ତି କରୁଥିଲା । ପୁତ୍ର ଯଦି ଅବାଧ ବା ଅଗୁଣ ତେବେ ବି ପିତା ତା' ପ୍ରତି ଦ୍ୱେଷ କରନ୍ତି ନାହିଁ ବରଂ ତାର ପ୍ରତିପୋଷଣ କଥା ଚିନ୍ତା କରନ୍ତି ମାତ୍ର ଏଠାରେ ସର୍ବଗୁଣାଳକୃତ ପ୍ରହ୍ଲାଦ ପରି ପିତା କାହିଁକି ନିଷ୍ଠୁର ଓ ନିର୍ଦ୍ଦୟ ହେଲେ ?

**୫ମ ଅଧ୍ୟାୟ**

**।। ପ୍ରହ୍ଲାଦର ବିଦ୍ୟାଶିକ୍ଷା ଓ ତାହାପ୍ରତି ପିତାଙ୍କର ଦଣ୍ଡ ବିଧାନ ।।**

ଶ୍ରୀ ନାରଦ କହିଲେ, ଅସୁର ଗୁରୁ ଶୁକ୍ରମୁନିଙ୍କର ଶଣ୍ଡ ଓ ଅମର୍କ ନାମକ ଦୁଇପୁତ୍ର, ରାଜପୁତ୍ରମାନଙ୍କର ବିଦ୍ୟାଗୁରୁରୂପେ ନିଯୁକ୍ତ ହେଲେ । ପ୍ରହ୍ଲାଦ ଗୁରୁଙ୍କର ସମସ୍ତ ଶିକ୍ଷା ମନଦେଇ ଶିକ୍ଷା କଲା ମାତ୍ର ତାକୁ ଗୁରୁଙ୍କର ଗୋଟିଏ କଥା- କାହାକୁ ଭଲପାଇବ ଏବଂ ଘୃଣା କରିବ କଥାଟି ଭଲ ଲାଗିଲା ନାହିଁ । ତାଙ୍କ ବିଚାରରେ ଏ ଜଗତରେ କିଏ ମିତ୍ର କିଏ ବା ଶତ୍ରୁ ? ଯେହେତୁ ଭଗବାନ ସମସ୍ତ ଘଟରେ ବିଦ୍ୟମାନ ଏଣୁ କାହାକୁ ଭଲ ପାଇବା ବା ଘୃଣା କରିବା ? ଦିନେ ଦୈତ୍ୟରାଜ ପ୍ରହ୍ଲାଦକୁ ବିଭିନ୍ନ ଅଳଙ୍କାର ପିନ୍ଧାଇ କୋଳରେ ବସାଇ ପଚାରିଲେ, ତୁ ଏ ପର୍ଯ୍ୟନ୍ତ କ'ଣ ଶିକ୍ଷା କଲୁ ମୋତେ କହ । ତୁ ରାଜ୍ୟର ଷଡନୀତି ଶିକ୍ଷା କଲୁ ତ ? ରାଜା ଶତ୍ରୁ ଦମନ ପୂର୍ବକ ସୁଖ ଭୋଗକରେ । ମାତ୍ର ପ୍ରହ୍ଲାଦ ବିନମ୍ରତାର ସହ କହିଲା, ହେ ପତୃଦେବ, ମୋର ଏକମାତ୍ର ଲକ୍ଷ୍ୟ, ଶାସ୍ତ୍ର ବିଧାନ ମତେ ପାପଗ୍ରହ ସ୍ୱରୂପ ଏ ସଂସାରକୁ ତ୍ୟାଗ କରି ଅରଣ୍ୟରେ ଶ୍ରୀହରି ଚରଣ ସେବାରେ ଦିନ ବଞ୍ଚନ୍ତି । ଏହା ଶୁଣି ଦୈତ୍ୟ ବାଳକ ସ୍ୱଭାବ କାରଣରୁ ପ୍ରହ୍ଲାଦ ଏପରି କହୁଛି ଏଣୁ ତାର ମାନସିକତାର ପରିବର୍ତ୍ତନ ନିମନ୍ତେ ଗୁରୁମାନଙ୍କୁ ଦାୟିତ୍ୱ ଅର୍ପଣ କଲେ । ଗୁରୁମାନେ ପ୍ରହ୍ଲାଦକୁ ପଚାରିଲେ, ତୋର ଏପରି ବୁଦ୍ଧି ବିପର୍ଯ୍ୟୟ କାହିଁକି ଘଟିଲା ? ତୋତେ ଏପରି ଶିକ୍ଷା କିଏ ଦେଲା ? ହାୟ ! ତୋ ପିତାଙ୍କଲର ଯେ ପରମ ବୈରୀ ତାଙ୍କର ଗୁଣଗାନ କରୁଛୁ । ପ୍ରହ୍ଲାଦ କହିଲେ, ହେ ଗୁରୁଦେବ, ଯେଉଁ ଶ୍ରୀହରି ପରାପର ଭେଦଭାବ ରହିତ, ତାଙ୍କୁ ମୋର କୋଟି ନମସ୍କାର । ଅଜ୍ଞାନ ଲୋକ ହିଁ ମୋହଗ୍ରସ୍ତ ହୋଇ ପର ଓ ଅପର ଭାବିଥାଏ ମାତ୍ର ଶ୍ରୀହରିଙ୍କ ମାୟା ବ୍ରହ୍ମା ଶିବଙ୍କୁ ମଧ ଅଗୋଚର । ମୋର ପରମ ସୌଭାଗ୍ୟ ସେହି ଶ୍ରୀହରି ହିଁ ମୋର ବୁଦ୍ଧିକୁ ଦିଗଦର୍ଶନ ଦେଇଛନ୍ତି । ଏହା ଶୁଣି ଗୁରୁ କ୍ରୋଧିତ ହେବା ସହ ରାଜା ଅନୁଚରମାନେ ମାରିବାକୁ ଉଦ୍ୟତ ହୋଇ କହିଲେ, ହେ କୁଳାଙ୍ଗାର, ତୁ ଆମ ଅସୁର କୂଳରେ କଣ୍ଟା ସଦୃଶ । ଦୈତ୍ୟ ଚନ୍ଦନବନକୁ କୁଠାର ସଦୃଶ ବିଷ୍ଣୁକୁ ତୁ ଭଜନ କରୁଛୁ ; ଏଣୁ ତୁ ବଞ୍ଚି ରହିଲେ ଘୋର ଅନର୍ଥ ହେବ । ଏହା କହି ରାଜାଙ୍କୁ ଖବର ଦେବା ନିମନ୍ତେ ଚାଲିଗଲେ । ଏହାପରେ ମଧ ଗୁରୁମାନେ ପ୍ରହ୍ଲାଦର ମତି ପରିବର୍ତ୍ତନ ଆଶାରେ ଧର୍ମ, ଅର୍ଥ ଏବଂ କାମ ରୂପ ତ୍ରିବର୍ଗ ସାଧନପଯୋଗୀ ଶାସ୍ତ୍ର ପଢାଇଲେ । ଦିନେ ପ୍ରହ୍ଲାଦ ନିଜ ମାତାପିତାଙ୍କ ସମ୍ମୁଖରେ ଶାସ୍ତ୍ର ଜ୍ଞାନର ପରିଚୟ ଦେବାକୁ ଯାଇ କହିଲେ,ହେ ପିତା ! ଭଗବାନ ବିଷ୍ଣୁଙ୍କ ପ୍ରତି ନବଧା ଭକ୍ତି ନିବେଦନ କରିପାରିଲେ ଜନ୍ମ ସାର୍ଥକ ହୁଏ । ମୁଁ ସକଳ ଶାସ୍ତ୍ରର ସାର ଏହି କଥା କିନ୍ତୁ ଗୁରୁଙ୍କ ନିକଟରୁ ଶିକ୍ଷା କରିନାହିଁ । ହିରଣ୍ୟକଶିପୁ ନିଜ ପୁତ୍ରଠାରୁ ଏପରି କଥା ଶ୍ରବଣ କରି କ୍ରୋଧିତ ହେବା ସହ ଗୁରୁପୁତ୍ର ଦ୍ୱୟଙ୍କୁ ଧିକ୍କାର କରି କହିଲେ, ରେ ଦ୍ୱିଜାଧମ, ତୁମେ ମୋର ଗୁରୁପୁତ୍ର ହୋଇ ମଧ ମୋ ପ୍ରତି କପଟାଚରଣ କରିଛ ଏବଂ ମୋ ଶତ୍ରୁର ସ୍ତୁତି ଶିଖାଇଛ । ଗୁରୁପୁତ୍ର ଦ୍ୱୟ କହିଲେ, ରାଜନ ଆମ୍ଭେ ଏ ଭଳି ଶିକ୍ଷା ଆଦୌ ଦେଇନାହୁଁ ବରଂ ଏହା ତାର ସ୍ୱଭାବଗତ । ଏହା ଶୁଣି ହିରଣ୍ୟ ନିଜ ପୁତ୍ର ଉପରେ କ୍ରୋଧିତ ହେବା ସହ ପ୍ରହାର ନିମନ୍ତେ ଉଦ୍ୟତ ହେଲେ । ପ୍ରହ୍ଲାଦ କିନ୍ତୁ ଆଦୌ ବିଚଳିତ ନହୋଇ ଶାନ୍ତ ଭାବରେ କହିଲେ, ହେ ପିତା ପଶୁ ଯେପରି ଚର୍ବିତ ଖାଦ୍ୟକୁ ପୁନର୍ବାର ପାକୁଳି କରୁଥାଏ, ଏ ସଂସାରର ଭୋଗାଶକ୍ତ ବ୍ୟକ୍ତି ବିଷୟ ଭୋଗକୁ ସେହପରି ଚର୍ବିତ ବର୍ବଣ କରୁଥାଏ । ତା ନିକଟରେ କସ୍ମିନ କାଳେ ବିଷ୍ଣୁଭକ୍ତି ସମ୍ଭବ ନୁହେଁ । ଯେଉଁପରି ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ବାଟ ଦେଖାଇବାକୁ ଯାଇ ଉଭୟ ଗର୍ତ୍ତରେ ପଡନ୍ତି ସେହପରି ବିଷୟାସକ୍ତ ଗୁରୁ ମଧ ନିଜ ଶିଷ୍ୟକୁ ନେଇ ମାୟାରେ ବୁଡିଯାନ୍ତି । ଏଣୁ ବିଷୟ ସ୍ପୃହାଶୂନ୍ୟ ହୋଇ ମହତ ଚରଣ ଧୂଳି ମୁଣ୍ଡରେ ମାରି ସାଧୁସଙ୍ଗ ନକଲେ କେବଳ ଶାସ୍ତାନୁମୋଦିତ ପୂଜା, ଆରାଧନା ଦ୍ୱାରା ଶ୍ରୀହରି ପାଦପଦ୍ମ ସ୍ପର୍ଶରେ ଏ ସୌଭାଗ୍ୟ ମିଳେନାହିଁ । ପ୍ରହ୍ଲାଦ ମୁହଁରୁ ଏପରି ଶୁଣି ହିରଣ୍ୟକଶିପୁ ମହା କ୍ରୋଧରେ ପ୍ରହ୍ଲାଦକୁ ନିଜ କୋଳରୁ ତଳକୁ ଫୋପାଡି ଦେଇ ଅନୁଚରମାନଙ୍କୁ କହିଲା, ଏ କୁଳପାଂଶୁଳ ମୋ ଭ୍ରାତୃହନ୍ତାର ଗୁଣଗାନ କରୁଛି,ପାଞ୍ଚବର୍ଷର ବାଳକ ହୋଇ ସୁଦ୍ଧା ନିଜ ପିତାମାତାଙ୍କର ସ୍ନେହ ତୁଟାଇ ପାରୁଛି ତା'ଠାରୁ କୃତଘ୍ନ କେହିନାହିଁ । ଏ ଦୁର୍ବିନୀତ, ଦୁଷ୍ଟ ବାଳକକୁ ବିଷ୍ଣୁ କିପରି ରକ୍ଷା କରିବ ମୁଁ ଦେଖିବି କହି ଏହାକୁ ବଧ କର । ଅନୁଚରଗଣ ସଙ୍ଗେ ସଙ୍ଗେ ତା ଉପରେ ଶୂଳ ପ୍ରହାର କଲେ । ପ୍ରହ୍ଲାଦ ଯୋଡ ହସ୍ତରେ ସେହି ଅଶରଣ ଶରଣ, ଅରକ୍ଷର ରକ୍ଷକ ଭଗବାନଙ୍କୁ ସ୍ମରଣ କରିବାରୁ କୌଣସି ଅସ୍ତ୍ରଶସ୍ତ୍ର ପ୍ରହ୍ଲାଦକୁ କାଟିଲା ନାହିଁ । ଏହାପରେ ଦନ୍ତାହାତୀର ଦନ୍ତାଘାତ ଓ ପଦଦଳନ, ବିଷଧର ସର୍ପ ଦଂଶନ, ଉଚ୍ଚ ପର୍ବତ ଶୃଙ୍ଗରୁ ପତନ, ବାୟୁଶୂନ୍ୟ ସ୍ଥାନରେ ବନ୍ଦୀ, ଉତ୍କଟ ବିଷପାନାଦି କରାଇ ବିଫଳ ହେବାରୁ ବିସ୍ମିତ ହୋଇ ପ୍ରହ୍ଲାଦ ନିଧନର ବିକଳ୍ପ ଚିନ୍ତା କରିପାରିଲା ନାହିଁ । ଗୁରୁପୁତ୍ର ଦ୍ୱୟ ରାଜାଙ୍କୁ କହିଲେ ଆମ୍ଭମାନଙ୍କର ପିତା ବ୍ରହ୍ମଲୋକରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ପ୍ରହ୍ଲାଦକୁ ବରୁଣ ପାଶରେ ବନ୍ଧନ କରି ରଖିବା ସହ ଏହାର ମତି ପରିବର୍ତ୍ତନ ନିମନ୍ତେ ଗୃହସ୍ଥାଶ୍ରମ ଓ ରାଜନୀତିର ବିଧାନ ଶିକ୍ଷାଦେଇ ହୃଦୟ ପରିବର୍ତ୍ତନର ଚେଷ୍ଟାକର ।

**୬ଷ୍ଠ ଅଧ୍ୟାୟ**

**।। ସଙ୍ଗୀବାଳକ କୋଳରେ ପ୍ରହ୍ଲାଦ ।।**

ପ୍ରହ୍ଲାଦ ଗୁରୁଗୃହକୁ ଯାଇ ସେଠାରେ ନିଜ ସାଥୀ ପିଲାମାନଙ୍କୁ ଆତ୍ମ ଜ୍ଞାନ ଉପଲବ୍ଧି ପାଇଁ ପ୍ରେରିତ କଲେ । ସେ କହିଲେ ମଣିଷ ଜୀବନ ଦୁର୍ଲ୍ଲଭ ଓ ଅନିଶ୍ଚିତ ; ଣ୍ଡୁ ଏହାକୁ ବ୍ୟର୍ଥରେ ଯିବାକୁ ନଦେଇ ଧର୍ମ ଅର୍ଜନରେ ଲଗାଇବା ଉଚିତ । ଧର୍ମ ଅର୍ଜନ ନିମନ୍ତେ ଭଲ ସମୟ ବାଳକାଳ । ସମସ୍ତ ପ୍ରାଣୀ ମୃତ୍ୟୁର ଅଧିନ । ବହୁ ଶାସ୍ତ୍ର ଅଧ୍ୟୟନ କରି ଆତ୍ମ ଜ୍ଞାନ ନହେଲେ ସେ ସବୁ ବ୍ୟର୍ଥ । ଯେଉଁ ଗୁରୁ ଶାସ୍ତ୍ରର ଭ୍ରାନ୍ତ ବ୍ୟାଖ୍ୟାନ ପ୍ରଦାନ କରନ୍ତି, ଅଜ୍ଞାନ ବା ନିନ୍ଦିତ ବାକ୍ୟ ପ୍ରୟୋଗ କରନ୍ତି ସେ ଉପଦେଶ ନିଷ୍ଫଳ । ଆତ୍ମ ଜ୍ଞାନୀ ସର୍ବଦା ଭେଦଭାବ ରହିତ ନିର୍ଲିପ୍ତ ଓ ଉଦାସୀନ । ଯେଉଁ ଗୁରୁ ସାଂସାରିକ ମାୟା ବନ୍ଧନକୁ ଉତ୍ତମ ରୂପେ ଉପଲବ୍ଧି କରି ସମ୍ପଦ ଓ ବିପଦରେ ସମାନ ପ୍ରତିକ୍ରିୟା କରେ ଏବଂ ଏହି ଦୃଢ ବନ୍ଧନକୁ ଯେଉଁ ଗୁରୁ ଜ୍ଞାନ ଦ୍ୱାରା ମୋଚନ କରାଇ ଦିଅନ୍ତି ସେ ହିଁ ପ୍ରକୃତ ଗୁରୁ । ହେ ପ୍ରିୟ ଭ୍ରାତାଗଣ ତୁମେମାନେ ଭାବି ଦେଖ ପଶୁ ମଧ ସୁଖ ଭୋଗକରେ । ନଶ୍ୱର ସୁଖ ଅତି ସହଜ ଲଭ୍ୟ, ଏଥିପାଇଁ ଚେଷ୍ଟିତ ହେବାର କିଛି ଆବଶ୍ୟକ ନାହିଁ କାରଣ ଏହା ଯେପରି ଆସିବ ସେହିପରି ମଧ ଯିବ । ଛିଦ୍ର ଘଟରୁ ଜଳ ସରି ଆସୁଥିବା ଭଳି ଶରୀର ରୂପୀ ଘଟରୁ ଆୟୁ ରୂପକ ଜଳ ସରି ସରି ଆସୁଛି । ଏଣୁ ଶରୀର ସୁଖରେ ମନ ନଦେଇ ଶ୍ରୀହରି ଚରଣରେ ସମର୍ପଣ କରିପାରିଲେ ଜୀବନର ସାର୍ଥକତା ପ୍ରମାଣିତ ହେବ । ଏହି ମାଟି ଶରୀରକୁ ଜରା ଓ ମୃତ୍ୟୁ କବଳିତ କରିବା ପୂର୍ବରୁ ନିର୍ମଳ ଆନନ୍ଦ ଆସ୍ୱାଦନ କରି ଧନ୍ୟ ହେବା । ଏଣୁ ତୁମେମାନେ ଅସୁର ବୁଦ୍ଧି ଛାଡି ଜଗତକୁ ଆତ୍ମବତ ଉପଲବ୍ଧି କର । ସଂସାରରେ ସ୍ଥାବର ଓ ଜଙ୍ଗମ ସର୍ବତ୍ର ସକଜଳ ଘଟରେ ଅକ୍ଷୟ, ଅବ୍ୟୟ ଓ ଅଦୃଶ୍ୟ ପରମାତ୍ମା ବିଜେ କରିଛନ୍ତି । ତାଙ୍କ ବିନା ଅନ୍ୟ କିଛି ନାହିଁ, ସେ ପ୍ରସନ୍ନ ହେଲେ ଜଗତର ଅଲଭ୍ୟ କିଛି ରହିବ ନାହିଁ । ତାଙ୍କ ଇଚ୍ଛା ହେଲେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁଃବର୍ଗ ଫଳ ତୁମକୁ ପ୍ରାପ୍ତ ହେବ । ଏଥିପାଇଁ ବୟସର କିଛି ତାରତମ୍ୟ ନାହିଁ କାରଣ ବୟସ ବୃଦ୍ଧି ହେଲେ ଈଶ୍ୱରଙ୍କର ବୃଦ୍ଧି ହୁଏ ନାହିଁ । ସେ ସର୍ବଦା ଏକ ଅବସ୍ଥାରେ ଅବସ୍ଥାନ କରିଥାନ୍ତି । ମୁଁ ମାତା ଗର୍ଭରୁ ଏହି ମହାନ କଥା ନାରଦଙ୍କଠାରୁ ଶ୍ରବଣ କରିଛି ।

(କ୍ରମଶଃ)


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରଙ୍ଗ

# ସାତ ଜନ୍ମର ସାଥୀ କଣ ସତ ?




### ଶ୍ୱେତା ରାଉତ୍


ବିବାହ ଏକ ସ୍ୱର୍ଗୀୟ ମିଳନ ଏବଂ ଏ ପବିତ୍ର ବନ୍ଧନରେ ବାନ୍ଧି ହେଲେ ସାତ ଜନ୍ମ ପାଇଁ ସାଥି ହୋଇଥାନ୍ତି ବୋଲି କୁହାଯାଏ।କିନ୍ତୁ ଚିନ୍ତାର ବିଷୟ ଆଜିକାଲି ଗୋଟେ ଜନ୍ମ ବି ସାଥି ହୋଇ ରହିବା ଅଧିକାଂଶରେ ଦେଖାଯାଉନାହିଁ। ଗୋଟେ ଜନ୍ମ କଣ ଗୋଟେ ବର୍ଷ ବି କେଉଁଠି ତିଷ୍ଠିବା ଜଣ ଜଣଙ୍କୁ କଷ୍ଟ ହୋଇପଡେ। ତେବେ ପ୍ରଶ୍ନ ଉଠେ ସାତ ଜନ୍ମ ସାଥି ହେବା କଥା କେତେ ସତ ?

ମନୁଷ୍ୟ ୮୪ ଲକ୍ଷ ଯୋନି ଜନ୍ମ ଭିତରେ ନିଜ କର୍ମ ଓ ପ୍ରାରବ୍ଧ ଅନୁସାରେ ସ୍ଥିର ହୋଇଥାଏ ପରବର୍ତ୍ତୀ ଜନ୍ମରେ କେଉଁ ଜନ୍ମ ପାଇବ। ସ୍ଥଳଚର, ଜଳଚର, କୀଟ, ପତଙ୍ଗ କି ଆଉ କିଛି। ସ୍ୱାମୀ ସ୍ତ୍ରୀ ଉଭୟଙ୍କର ମାନସିକତା, କର୍ମ ସମାନ ନଥିବା ବେଳେ ପ୍ରାରବ୍ଧ ମଧ ସମାନ ନଥାଏ। ତେଣୁ ପର ଜନ୍ମରେ ଦୁହେଁ ମନୁଷ୍ୟ ଯୋନିରେ ରହିବେ ବୋଲି କିଛି ମାନେ ନଥାଏ, ସାଥି ହେବା ତ ଦୂରର କଥା।

ଏହି ଜନ୍ମରେ ଯଦି ସ୍ୱାମୀ ଅପରାଧ କରି ଜେଲ୍ ଯାଉଛି, ତା ସହିତ ତା ସ୍ତ୍ରୀ ଯାଉନାହିଁ, କାରଣ ଦୋଷୀକୁ ଦଣ୍ଡ ମିଳିବାର ପ୍ରାବଧାନ ଆଇନରେ ରହିଛି, ନିର୍ଦ୍ଦୋଷୀକୁ ନୁହେଁ। ସ୍ତ୍ରୀ ଅପରାଧ କରି କାରାଗାରରେ ରହିଲେ ସ୍ୱାମୀ ମଧ ସାଙ୍ଗରେ ରହେ ନାହିଁ। ଏହି ଜନ୍ମରେ ଯେତେବେଳେ ମନୁଷ୍ୟ ଦ୍ୱାରା ପ୍ରଣିତ ଆଇନ ଦୁହିଁଙ୍କୁ ସାଙ୍ଗରେ ରଖେନାହିଁ, ଅପରାଧ ଅନୁସାରେ ଦଣ୍ଡିତ କରେ, ଇଶ୍ୱର କେମିତି ସାଙ୍ଗରେ ରଖିବେ ବୋଲି ଏତେ ବଡ ଭ୍ରମ ଆମ ବିଚାରରେ ରଖିବା। ହୁଏତ ପରଜନ୍ମରେ ସ୍ୱାମୀ ସାପ କି ସ୍ତ୍ରୀ କୁକୁର ହୋଇପାରେ କିମ୍ବା ଅନ୍ୟ କେଉଁ ଯୋନିରେ ଜନ୍ମ ନେଇପାରେ।

ଯେଉଁମାନେ ଭାବପ୍ରବଣ ହୋଇ କୁହନ୍ତି 'ମୁଁ ତୁମକୁ ସାତ ଜନ୍ମ ପାଇଁ ସାଥିରେ ରଖିବି, ତୁମଠୁ ମୋତେ କେହି ଅଲଗା କରି ପାରିବେ ନାହିଁ'ଏହା କେବଳ ଏକ ନାଟକ ମାତ୍ର। ଇଶ୍ୱର ନିଜେ ଯେତେବେଳେ ଏକ ସ୍ୱରୁପ ନେଇ ପୁନଃ ଅବତତାରିତ ହୋଇନଥାନ୍ତି, କେବେ ମତ୍ସ୍ୟ, କେବେ ବରାହ, କେବେ ନୃଷିଂହ, କେବେ ଦାରୁବ୍ରହ୍ମ ଭାବେ ପ୍ରକଟ ହୁଅନ୍ତି, ମଣିଷ ପର ଜନ୍ମରେ ପୁଣି ମଣିଷ ହେବ ବୋଲି କିଏ କହିବ। ଏ ଶରୀର ନୂଆ ହୋଇପାରେ, ଆତ୍ମା ଅବିନାଶୀ, ଲକ୍ଷ ଲକ୍ଷ ଜନ୍ମ ଦେଇ ଅବିରତ ଚାଲିଛି କୋଟି କୋଟି ସମ୍ପର୍କ, ସ୍ମୃତିକୁ ସାଥିରେ ନେଇ ଚାଲିଛି। ପୂର୍ବରୁ କିଏ ସାଥିରେ ଥିଲେ, ପରେ କିଏ ସାଥିରେ ରହିବେ ଆମ ଜାଣିବା ଚେତନାର ବାହାରେ।

ଜୀବନ ଚକ୍ରକୁ ବୁଝିବା ଆମ ସ୍ୱଳ୍ପ ଜ୍ଞାନରେ ସହଜ ନୁହେଁ କିନ୍ତୁ ଆମ କର୍ମକୁ ସତ୍ମାର୍ଗୀ କରିବାର ବୋଧ ଶକ୍ତି ଈଶ୍ୱର ଆମକୁ ଦେଇଛନ୍ତି, ତେଣୁ ସୁବିଚାର ଓ ସତ୍କର୍ମ ଦିଗରେ ନିଜକୁ ନିୟୋଜିତ କରିବା ଉଚିତ୍। ପତି ପତ୍ନୀ ସାତ ଜନ୍ମର ସାଥି ହୋଇ ରହିବା କଥା ପରେ ଭାବିବା, ଏହି ଜନ୍ମ ଅନ୍ତତଃ ସୁଚାରୁରୂପେ ପରସ୍ପର ନିଜର ଦାୟିତ୍ୱ ପ୍ରତିପାଦନ କରି,ଗୃହସ୍ଥ ଧର୍ମକୁ ସହଯୋଗୀ ଭାବେ ବହନ କରି ଅତୁଟ ଶ୍ରଦ୍ଧା, ବିଶ୍ୱାସ ଓ ସମର୍ପଣ ଭାବନା ନେଇ ଜୀବନ ବ୍ୟତୀତ କଲେ ପ୍ରଭୁଙ୍କୁ ସ୍ୱାମୀ ରୂପେ ଜନ୍ମ ଜନ୍ମାନ୍ତର ପାଇଁ ପାଇ ପାରିବା।ଏହାଠୁ ବଳି ଭାଗ୍ୟ ଆଉ କଣ ଥାଇପାରେ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଘରେ ପ୍ରସ୍ତୁତ କରନ୍ତୁ ସୁଆଦିଆ ଛେନା ମସଲା



କ୍ଷୀର, କଞ୍ଚା ଲଙ୍କା, ଟମାଟୋ କଟା, ପିଆଜ କଟା, ଅଦା ପେଷ୍ଟ, ରସୁଣ ପେଷ୍ଟ, ଗୋଟା ଜିରା, ଗରମ ମସଲା (ଡାଲଚିନି, ଗୁଜୁରାତି ଓ ଜିରାରେ ପ୍ରସ୍ତୁତ), ରିଫାଇନ୍ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ଲେମ୍ବୁ, ପାଣି ଓ ଧନିଆ ପତ୍ର

ପ୍ରସ୍ତୁତି ପ୍ରଣାଳୀ:ପ୍ରଥମେ ଛେନା ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ କ୍ଷୀର ଢାଳି ଚୁଲିରେ ବସାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଫୁଟିଯିବା ପରେ ସେଥିରେ ଲେମ୍ବୁ ରସ ପକାନ୍ତୁ। କ୍ଷୀର ଛିଣ୍ଡି ଛେନା ପ୍ରସ୍ତୁତ ହୋଇଯିବା ପରେ ସେହି ଛେନାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏବେ ଚୁଲିରେ ଏକ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାନ୍ତୁ। ତା'ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ବାଦାମି ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚା ଲଙ୍କା ଓ ଟମାଟୋ ପକାଇ ଭାଜନ୍ତୁ। ଏହାପରେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଓ ୨ ମିନିଟ୍ ସେମିତି ଛାଡ଼ି ଦିଅନ୍ତୁ। ମସଲା କଡ଼େଇରେ ନ ଲାଗିବା ପାଇଁ ଅଳ୍ପ ପାଣି ଦେବେ। କିନ୍ତୁ ମସଲା ପାଣିଆ କରିବେନି ଶୁଖିଲା ହିଁ ରଖିବେ। ମସଲା ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛେନାକୁ ଗୁଣ୍ଡକରି ପକାନ୍ତୁ। ତା'ପରେ ତାକୁ ଭଲଭାବେ ଗୋଳାଇ ଦିଅନ୍ତୁ। ମସଲାରେ ଛେନା ଭଲ ଭାବେ ମିଶିଯିବା ପରେ ଚୁଲିରୁ କଡ଼େଇ ଓହ୍ଲାଇ ଦିଅନ୍ତୁ। ତା'ପରେ ତାକୁ ଏକ ପାତ୍ରରେ କାଢ଼ି ଦେଇ ଉପରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ' ଛେନା ମସଲା'। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

# ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ ଆପାଣାନ୍ତୁ ଏହି ଉପାୟ

**ଘରେ ଶାନ୍ତି ଓ ସମୃଦ୍ଧି ରହିବା ପାଇଁ ସମସ୍ତେ ଚାହାନ୍ତି । ବାସ୍ତୁ ଓ ପୌରାଣିକ ଶାସ୍ତ୍ର ଅନୁଯାୟୀ ନିଜ ଗୃହରେ ବିଭିନ୍ନ ପବିତ୍ର ଦ୍ରବ୍ୟ ବା ଜିନିଷ ବ୍ୟବହାର କରିବା ଦ୍ୱାରା ସବୁବେଳେ ଘରେ ଶାନ୍ତି ବଜାୟ ରହିଥାଏ । ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ କିଏ ବା ନଚାହେଁ । ତେବେ ଆସନ୍ତୁ ଜାଣିବା ଏହି ପବିତ୍ର ଜିନିଷ ବିଷୟରେ-**

ଚନ୍ଦନ: ଚନ୍ଦନକୁ ବହୁତ ଶୁଭ ଏବଂ ପବିତ୍ର ବୋଲି ଧରାଯାଏ। ଏହାର ମହକରେ ବାତାବରଣର ନକରାତ୍ମକ ଶକ୍ତି କମିଯାଇଥାଏ। ସମସ୍ତ ଦେବୀ-ଦେବତାଙ୍କ ପୂଜାରେ ମଧ ଚନ୍ଦନ ବହୁତ ବିଶେଷ ମହତ୍ତ୍ୱ ରଖିଥାଏ। ଚନ୍ଦନର ତିଳକ ଲଗାଇବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହାକୁ ଘରେ ସବୁବେଳେ ରଖିବା ଉଚିତ କାରଣ ସବୁଦିନ ପୂଜା କରିବା ସମୟରେ ଦେବୀ-ଦେବତାଙ୍କୁ ଅର୍ପଣ କରିବା ଉଚିତ।

ବୀଣା: ବୃଦ୍ଧି ଏବଂ ଶିକ୍ଷାର ଦେବୀ ସରସ୍ୱତୀଙ୍କର ପ୍ରିୟ ବାଦ୍ୟ ଯନ୍ତ୍ର ହେଉଛି ବୀଣା। ବୀଣାକୁ ଘରେ ରଖିଲେ ସରସ୍ୱତୀଙ୍କ କୃପା ଘରର ସବୁ ସଦସ୍ୟଙ୍କ ଉପରେ ରହିଥାଏ। ଏଥିସହିତ ଜଟିଳରୁ ଜଟିଳ ସମସ୍ୟାରେ ଧୈର୍ଯ୍ୟ ରଖିବାକୁ ପ୍ରେରଣା ମିଳିଥାଏ।

ମହୁ: ବାସ୍ତୁ ନିୟମ ଅନୁଯାୟୀ ଘରେ ମହୁ ରଖିବା ଦ୍ୱାରା ମଧ ବାସ୍ତୁ ଦୋଷ ଶାନ୍ତ ହୋଇଥାଏ। ଏହାସହିତ ପୂଜାରେ ମହୁ ମଧ ବିଶେଷ ଭୂମିକା ନେଇଥାଏ। ଏହା ସମସ୍ତ ଦେବୀ-ଦେବତାଙ୍କୁ ଅର୍ପଣ କରାଯାଏ। ଯେଉଁ ଘରେ ପ୍ରତିଦିନ ପୂଜା କରାଯାଏ, ସେହି ଘରେ ସବୁବେଳେ ମଧୁରତା ଲାଗିରହିଥାଏ।

ପାଣି: ଯେବେ ବି ଘରକୁ ଅତିଥି ଆସିବେ ତାଙ୍କୁ ଥଣ୍ଡା ପାଣି ଅବଶ୍ୟ ଦେବା ଉଚିତ। ଏମିତି କଲେ ଜାତକରେ ଥିବା ଦୋଷ ଦୂର ହୋଇଥାଏ।

ଘିଅ: ଘରେ ସବୁବେଳେ ଘିଅ ରଖିବା ଉଚିତ ଏବଂ ନିୟମିତ ରୂପରେ ଏହାର ସେବନ କରିବା ଜରୁରୀ। ଘିଅରୁ ଶକ୍ତି ମିଳିଥାଏ ଏବଂ ଶରୀର ସୁସ୍ଥ ରହିଥାଏ। ଘରେ ପ୍ରତିଦିନ ସଂଧ୍ୟାରେ ଘିଅ ଦୀପ ଜଳାଇବା ଉଚିତ। ପୂଜାରେ ଘିଅର ବିଶେଷ ମହତ୍ତ୍ୱ ରହିଛି, ଏଥିପାଇଁ ଏହାକୁ ଘରେ ରଖିଲେ ଶୁଭ ହୋଇଥାଏ ବୋଲି ପରାମର୍ଶ ଦିଆଯାଇଥାଏ।



# ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଏସେଲ୍ସ ଓ ସିମରିଂ ଷ୍ଟାର କ୍ରୀଡ଼ା ମହାକୁମ୍ଭ : ଏଥେଲେଟିକ ଓଡ଼ିଶୀ

## ଡକ୍ଟର ସୁରେଶ କୁମାର ନାୟକ

ସ୍ୱପ୍ନ ଦେଖିବାକୁ ମନା ନାହିଁ। ବେଳେ ବେଳେ ରାତି ଛୋଟ ଓ ସ୍ୱପ୍ନ ଅଧିକ ହୋଇଯାଏ ମାତ୍ର ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ସାକାର କରିବାରେ ହିଁ ମଣିଷର ମନୁଷ୍ୟତ୍ୱକୁ ପରିଚୟ ଦେଇଥାଏ। ଓଡ଼ିଶା ପରି ଏକ ପ୍ରାକୃତିକ ବିବିଧ, ପ୍ରାକୃତିକ ସମ୍ପଦ ସର୍ବୋପରି ପ୍ରତିଭାକୁ ନେଇ ଗର୍ବିତ ଏହା ଯେ ଓଡ଼ିଶାରେ ଅନେକ ପ୍ରତିଭାବାନ ବିଶେଷକରି କ୍ରୀଡ଼ା ନୈପୁଣ୍ୟରେ ସାମର୍ଥ୍ୟ ରଖୁଥିବା ବ୍ୟକ୍ତିତ୍ୱ ବିଶେଷକରି କୁନି କୁନି କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ସେମାନଙ୍କ ସାମର୍ଥ୍ୟର ଉତ୍କର୍ଷର ଶ୍ରେଷ୍ଠତାକୁ ପ୍ରକଟିତ କରିଥାନ୍ତି। ଓଡ଼ିଶାର ତମାମ ଶିକ୍ଷାୟତନ ଭିତରେ କଟକ ସିଡିଏ ସ୍ଥିତ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପ୍ଲେ ସ୍କୁଲର ସ୍ଥାନ ସ୍ୱତନ୍ତ୍ର। ନିକଟରେ ପଞ୍ଚଦଶତମ ବାର୍ଷିକ ଦୁଇ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଏଥେଲେଟିକ୍ ଓଡ଼ିଶୀ ବିଡ଼ାନାସୀ ସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଭାରତର ଗର୍ବ ଦୌଡ଼ରାଣୀ ଦୁତି ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେବଳ ଓଡ଼ିଶା ନୁହେଁ ଭାରତ ଓ ସମଗ୍ର ବିଶ୍ୱରେ ଦୌଡ଼ରାଣୀ ଦୁତି ଚାନ୍ଦ ତାଙ୍କ ଅନନ୍ୟ ପ୍ରତିଭାର ଦ୍ୟୁତି ପ୍ରଦର୍ଶନ କରିବାରେ ଯେଉଁ ଶ୍ରେଷ୍ଠତା ଓ ଅନନ୍ୟତା ପ୍ରଦର୍ଶନ କରିଛନ୍ତି ତାହା ନିଶ୍ଚିନ୍ତ ଭାବରେ ବିରଳ। ଏହି କ୍ରୀଡ଼ା ମହାକୁମ୍ଭ ଯାହା ଏଥେଲେଟିକ ଓଡ଼ିଶୀ ଭାବେ ନାମିତ ହୋଇଛି କାର୍ଯ୍ୟକ୍ରମ ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ମଞ୍ଜୁଶ୍ରୀ ମିଶ୍ର, ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ର, ପରିଚାଳିକା ମିନୁ ପଟ୍ଟନାୟକ, ସାଂସ୍କୃତିକ ପ୍ରମୁଖ ପାରମିତା ଶୁଭଦର୍ଶିନୀ, ପରୀକ୍ଷା ପ୍ରମୁଖ ପିଙ୍କି ମହାପାତ୍ର, ସମ୍ପାଦିକା ସ୍ନେହାଞ୍ଜଳୀ ସ୍ୱାଇଁ, ଶିକ୍ଷକ ହରେକୃଷ୍ଣ ଦାସ, ଧନେଶ୍ୱର ବେହେରା, କ୍ରୀଡ଼ା ଶିକ୍ଷକ ଅଭିଶେକ ସାହୁ ପ୍ରମୁଖଙ୍କ ସହଯୋଗରେ ମଶାଲ ପ୍ରଜ୍ୱଳିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବକ ଦୁତିଚାନ୍ଦଙ୍କ ନେତୃତ୍ୱରେ ଖେଳାଳୀ କୁମାର ଅଭିଶେକକୁ ମଶାଲ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରଦୀପ ପ୍ରଜ୍ୱୋଳନ କରାଯାଇ ଚାରୋଟି ଗ୍ରୁପର ପିଲାମାନଙ୍କ ଦ୍ୱାରା ପ୍ୟାରେଡ ସାଂସ୍କୃତିକ କାର୍ଯ୍ୟକ୍ରମ, ପିରାମିଡ଼ ସହ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। ସଂଗୀତା ଶର୍ମା ଓ ରଶ୍ମୀପ୍ରଭା ମହାନ୍ତିଙ୍କ ଦ୍ୱାରା ତାଙ୍କର କୃତୀତ୍ୱ ବର୍ଣ୍ଣନା କରିଥିଲେ। ଏହି ଅବସରରେ କୁମାରୀ ଦୁତି ଚାନ୍ଦ କ୍ରୀଡ଼ା ମାଧ୍ୟମରେ ପିଲାମାନେ ଶାରୀରିକ ଶକ୍ତିର ବିନିଯୋଗ କରି ନିଜର ଅନ୍ତର୍ନିହିତ କ୍ରୀଡ଼ା ଦକ୍ଷତା ପ୍ରତିପାଦନ ସହ ଦେଶର ନାମ ଉଜ୍ଜ୍ୱଳ କରିବାର ପ୍ରେରଣା ଦେଇଥିଲେ। ଡକ୍ଟର ମେଘନା ମିଶ୍ର ତାଙ୍କ ବକ୍ତବ୍ୟରେ ଖେଳୁଆଡ଼ ମନୋଭାବ ଥିବା ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଶକ୍ତି, ଦୃଢ଼ତାକୁ ଧ୍ୟାନରେ ରଖି ସେମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର ସ୍ପୋର୍ଟ୍ସ




ମଧ୍ୟରେ ପ୍ରଶିକ୍ଷଣ ଓ ଅବସର ପ୍ରଦାନ କରି ସ୍ୱାସ୍ଥ୍ୟ ଓ ଶକ୍ତିର ଉନ୍ନତି କାମନା ଆମର ଲକ୍ଷ୍ୟ ବୋଲି କହିଥିଲେ। ଏହି ଲେଖନୀର ଉପସ୍ଥାପକ, ବିଦ୍ୟାଳୟର ଅଧ୍ୟକ୍ଷ ଶିକ୍ଷାବିତ ଡକ୍ଟର ସୁରେଶ କୁମାର ନାୟକ ଶିକ୍ଷା ଦୃଷ୍ଟିକୋଣରୁ କ୍ରୀଡ଼ା ଏକ ଅନିର୍ବାର୍ଯ୍ୟ ଅଙ୍ଗ ଯାହା ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସ ଓ ଶକ୍ତି ବୃଦ୍ଧିକରେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାତ୍ରୀ ଶ୍ରୀମତୀ ମଞ୍ଜୁଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଶାରୀରିକ କ୍ରୀୟାକଳାପ ଆମର ଛାତ୍ରଛାତ୍ରୀଙ୍କର ସମ୍ପୂର୍ଣ୍ଣ ବିକାଶର ମୂଳ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ।

ଆଜିକାଲି ପିଲାମାନଙ୍କ ଭିତରେ କ୍ରୀଡ଼ାର ପ୍ରତିଭାକୁ ବିକଶିତ କରିବା ପାଇଁ ଅଭିଭାବକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ପାଠକୁ ଅଗ୍ରାଧିକାର ଭାବନା ରଖି କ୍ରୀଡ଼ାକୁ ସେପରି ରୁଚି ରଖି ନଥାନ୍ତି କିନ୍ତୁ ପିଲାମାନଙ୍କ ମାନସିକ, ବୌଦ୍ଧିକ, ଶାରୀରିକ ବିକାଶରେ କ୍ରୀଡ଼ାର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସେଲ୍ସ ଓ ସିମରିଂ ଷ୍ଟାରର ଏହି ଏଥେଲେଟିକ ଓଡ଼ିଶୀ ମହାକୁମ୍ଭ କାର୍ଯ୍ୟକ୍ରମଟି କ୍ରୀଡ଼ା ସଂଚାଳିକା ମୀନତି ଭୂୟାଁଙ୍କ ତତ୍ତ୍ୱାବଧାନରେ ଆରାଧନା ବେହେରା, କୁମାରୀ ଜ୍ୟୋର୍ତିମୟୀ ପାଣିଗ୍ରାହୀ, ଗୁରୁଚରଣ ସାହୁ, ଅଭିଶେକ ସାହୁ, ଧନେଶ୍ୱର ବେହେରା, ହରେକୃଷ୍ଣ ଦାସ, ସିମରନ୍ ରାଉଳ, ରଶ୍ମୀପ୍ରଭା ମହାନ୍ତି, ସ୍ନେହାଞ୍ଜଳୀ ସ୍ୱାଇଁ, ସୁପ୍ରୀତି ପଟ୍ଟନାୟକ, ନିଶି ଦାସ, ଫରଜାନା ବେଗମ୍, ସୁନୀତା ମଣ୍ଡଳ ଆଦିଙ୍କ ସହଯୋଗରେ ଓ ସିମରିଂ ଷ୍ଟାରର ପରିଚାଳିକା ଦିବ୍ୟା ସିଂହ ପରିଡ଼ାଙ୍କ ସଂଚାଳନା ଓ ମଧୁସ୍ମିତାଙ୍କ ପରିଚାଳନାରେ ପ୍ରାୟ ଏକାବନ ଗୋଟି ଖେଳରେ ପ୍ରତିଯୋଗୀମାନେ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଖେଳାଳୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଓ ସଂଗୀତା ଶର୍ମାର ଏହାର ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ କ୍ରୀଡ଼ାବିତ, ବିଦ୍ୟାଳୟର କ୍ରୀଡ଼ା ପ୍ରତିନିଧି ଓ କ୍ରୀଡ଼ା ଶିକ୍ଷକଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ରହି ପିଲାମାନଙ୍କର ଉତ୍ସାହକୁ ଦ୍ୱିଗୁଣିତ କରିଥିଲେ। କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ସ୍ପୋର୍ଟ୍ସ ଫ୍ଲାଗକୁ ସମ୍ମାନ ପୂର୍ବକ ଉଦ୍‌ଯାପନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ବସ୍ତୁସର୍ବସ୍ୱ ଓ ଧାଁ ଧଉଡ଼ ଜୀବନ ଭିତରେ କ୍ରୀଡ଼ାକୁ ପ୍ରାୟତଃ ଅଭିଭାବକମାନେ ସେତେଟା ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ଶିକ୍ଷା ସହ ଅନ୍ତର୍ନିହିତ ପ୍ରତିଭା ବିକାଶରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସେଲ୍ସ ଓ ସମରିଂ ଷ୍ଟାରର କ୍ରୀଡ଼ା ମହାକୁମ୍ଭରେ ଦୌଡ଼ ରାଣୀ ଦୁତି ଚାନ୍ଦଙ୍କ କେବଳ ଉପସ୍ଥିତି ନୁହେଁ ପିଲାମାନଙ୍କୁ ପ୍ରେରଣା ଓ ଉତ୍ସାହ ଆଗାମୀ କ୍ରୀଡ଼ା ପ୍ରତିଭା ବିକଶିତ କରିବାରେ ନିଶ୍ଚିନ୍ତ ପ୍ରେରଣା, ସାମର୍ଥ୍ୟ ଓ ସହଯୋଗ ଦେବ। ତଥା ଓଡ଼ିଶା ଆଗାମୀ ଦିନରେ ଅନେକ କ୍ରୀଡ଼ାବିତ୍‌ଙ୍କୁ ତିଆରି କରିବାରେ ମଧ ସଫଳ ହେବ ଏହା ହିଁ କାମନା।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

# ବିତର୍କିତ ରେଳବାଇ ଆଇନ...

ଗତାନୁଗତିକ ଢଙ୍ଗରେ ବିରୋଧୀମାନଙ୍କର ବିରୋଧ ସତ୍ତ୍ୱେ ସଂଖ୍ୟାଗରିଷ୍ଠତା ବଳରେ ରେଳବାଇ(ସଂ) ବିଲ୍ ୨୦୨୪ ଲୋକସଭାରେ ପାରିତ ହୋଇଯାଇଛି। ଏହି ବିଲ୍‌ର ମୂଳ ଲକ୍ଷ୍ୟ ଭାରତୀୟ ରେଳବାଇ ବୋର୍ଡ ଆଇନ ୧୯୦୫କୁ ଉଚ୍ଛେଦ କରି ସେହି ଆଇନରେ ଥିବା କେତେକ ପ୍ରାବଧାନକୁ ରେଳବାଇ ଆଇନ ୧୯୮୯ରେ ଅନ୍ତର୍ଭୁକ୍ତ କରିବା। ତେଣୁ ଏହା ଅଧିକ ବିରୋଧାଭାସର ସମ୍ମୁଖୀନ ହୋଇ ନ ଥିଲେ ମଧ ବିଲ୍‌ରେ ଯାତ୍ରୀ ସୁରକ୍ଷା, ଖାଲିଥିବା ପଦପଦବୀରେ ନିଯୁକ୍ତି ଓ ଜୋନାଲ୍/ଡିଭିଜନ୍ ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ପ୍ରାକ୍ ସ୍ୱାଧୀନତା କାଳରେ ରେଳବାଇର ଭିତ୍ତିଭୂମି ବିକାଶ ପୂର୍ତ୍ତ ବିଭାଗ ଅଧୀନରେ ପରିଚାଳିତ ହେଉଥିଲା। ପରିସର ସମ୍ପ୍ରସାରିତ ହେବା ସହିତ ଭାରତୀୟ ରେଳବାଇ ଆଇନ ୧୮୯୦ ପ୍ରଣୟନ ହେଲା। ପରବର୍ତ୍ତୀ ସମୟରେ ଭାରତୀୟ ରେଳବାଇ ବୋର୍ଡ ୧୯୦୫ ପ୍ରଣୟନ ହୋଇ ରେଳବାଇକୁ ପୂର୍ତ୍ତବିଭାଗଠାରୁ ଅଲଗା କରାଯାଇ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଗଲା। ବ୍ରିଟିଶ୍ ଅମଳର ରେଳବାଇ ଆଇନ ୧୮୯୦ ସ୍ଥାନରେ ୧୯୮୯ରେ ନୂଆ ଆଇନ ପ୍ରଣୀତ ହୋଇଥିଲେ ମଧ ୧୯୦୫ ଆଇନ ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି। ରେଳବାଇ ବୋର୍ଡର ଅଧ୍ୟକ୍ଷ ଓ ସଦସ୍ୟମାନେ ଏହି ଆଇନ ବଳରେ ହିଁ ନିଯୁକ୍ତି ପାଇ ଆସୁଛନ୍ତି।୧୯୦୫ ମସିହାରେ ପ୍ରଣୀତ ଆଇନର ଆଜିର ସମୟରେ କୌଣସି ଆବଶ୍ୟକତା ନ ଥିବାରୁ ତାହାର ବିଲୋପ ଘଟିବା ସ୍ୱାଭାବିକ। ବିରୋଧୀ ଦଳର ଅଭିଯୋଗ ହେଉଛି ଏହି ରେଳବାଇ(ସଂ) ବିଲ୍ ୨୦୨୪ ଆଇନରେ ପ୍ରଣୀତ ହେଲେ ସରକାରଙ୍କ କର୍ତ୍ତୃତ୍ୱ ବୋର୍ଡ ଉପରେ ରହିବ। ତେଣୁ ନିଯୁକ୍ତି ପ୍ରକ୍ରିୟା ଉପରେ ସରକାରୀ କଳର ହସ୍ତକ୍ଷେପ ଓ ଚାପ ବଢ଼ିବ। ଫଳରେ ପ୍ରିୟାପ୍ରୀତିତୋଷଣ ବଢ଼ିବ ଓ ଅସ୍ୱଚ୍ଛ, ଦୁର୍ନୀତି ଆଦି କାୟାବିସ୍ତାର କରିବ। ଏହାଛଡ଼ା ରେଳବାଇର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ବାଟ ଫିଟିଯିବ। ଭାରତୀୟ ରେଳବାଇ କେବଳ ଦେଶର ସର୍ବବୃହତ୍ ନିଯୁକ୍ତିଦାତା ଭାବରେ ମାନ୍ୟତା ପାଇ ନାହିଁ, ବରଂ ଭାରତର କୋଟିକୋଟି ଗରିବ ଜନତାଙ୍କ ଗମନାଗମନର ସାହାରା ହୋଇ ଆସିଛି। ତେଣୁ କେନ୍ଦ୍ର ସରକାରଙ୍କ ବିଗତ ଦିନର ଉପରୋକ୍ତ ନିଷ୍ପତ୍ତି ଏବଂ ବର୍ତ୍ତମାନର ରେଳବାଇ ସଂଶୋଧନ ବିଧେୟକ ସ୍ୱାଭାବିକ ଭାବେ ଆଲୋଚନା-ସମାଲୋଚନାର ପରିଧି ଭିତରୁ ମୁକୁଳି ପାରିନାହିଁ। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଭାରତୀୟ ରେଳ କୋଟିକୋଟି ଦେଶବାସୀଙ୍କ ଗମନାଗମନ ଓ ମାଲ ପରିବହନରେ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଥିବାରୁ ଦେଶର ଜୀବନରେଖା ଭାବେ ମାନ୍ୟତା ପାଇଛି। ଭାରତୀୟ ରେଳସେବା ଜନତାଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଏକ ଅପରିହାର୍ଯ୍ୟ ଦାୟିତ୍ୱ ଓ ପ୍ରଧାନ କର୍ତ୍ତବ୍ୟ ରୂପେ ମଧ ବିବେଚିତ ହେଉଛି। ତେଣୁ ଦେଶର କୋଟିକୋଟି ଗରିବ ଜନତା ଖୁବ୍ ଅଳ୍ପ ମୂଲ୍ୟରେ କିମ୍ବା ବିନା ଟିକେଟ୍‌ରେ ଅନାୟାସରେ ଯାତ୍ରା କରିବାର ଉଦାହରଣ ଆଜି ମଧ ବହୁଳ। ଅପରପକ୍ଷରେ ଯଦିବା କେତେବେଳେ କେମିତି ଯାତ୍ରୀ ଭଡ଼ାରେ ବୃଦ୍ଧି ହେଉଛି ତାହା ଜାତୀୟ ପ୍ରସଙ୍ଗର ରୂପ ନେଉଛି। ଏହି କାରଣରୁ ପ୍ରଭୂତ କ୍ଷତି ସହୁଥିଲେ ମଧ ରେଳବାଇକୁ କେନ୍ଦ୍ର ସରକାର ନିଜଠାରୁ ଅଲଗା କରିପାରୁ ନାହାନ୍ତି କି ଅନ୍ୟାନ୍ୟ କ୍ଷେତ୍ର ପରି ସମ୍ପୂର୍ଣ୍ଣ ଘରୋଇକରଣ କଥା ଚିନ୍ତା କରି ପାରୁନାହାନ୍ତି। ଦେଶର ସର୍ବାଧିକ କ୍ଷତି ସହୁଥିବା ଏହି ସରକାରୀ ସଂସ୍ଥା କିନ୍ତୁ ଲାଲୁ ପ୍ରସାଦ ଯାଦବଙ୍କ ଅମଳରେ ଏକ ଲାଭକାରୀ ସଂସ୍ଥା ରୂପେ ନିଜକୁ ପ୍ରମାଣିତ କରିପାରିଥିଲା। ଯାତ୍ରୀବାହୀ ଟ୍ରେନ୍‌ରେ ହେଉଥିବା କ୍ଷତିକୁ ମାଲ ପରିବହନରୁ ଭରଣା କରିବା ପାଇଁ ଶ୍ରୀଯାଦବ ଯେଉଁ କୌଶଳ ଆପଣେଇଥିଲେ ତାହା ଆଜି ଉପାଦେୟ ସାବ୍ୟସ୍ତ ହୋଇଛି। ରେଳ ବିଭାଗକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ଓ ଯୁଗୋପଯୋଗୀ ସଂସ୍କାର ପାଇଁ ଇତିମଧ୍ୟରେ ଅନେକ କମିଟି ଗଠନ କରାଯାଇଛି, କିନ୍ତୁ ସେଗୁଡ଼ିକର ସୁପାରିସ ବିଭିନ୍ନ କାରଣରୁ କାର୍ଯ୍ୟକାରୀ ହୋଇପାରିନାହିଁ। ଶେଷଥର ପାଇଁ ନିତି ଆୟୋଗର ସଦସ୍ୟ ବିବେକ୍ ଦେବରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସୁପାରିସ ଆଧାରରେ କେନ୍ଦ୍ର ସରକାର ଟ୍ରେନ୍ ଚଳାଚଳ ଓ କେତେକ ଆନୁଷଙ୍ଗିକ ବିଭାଗର ଘରୋଇକରଣ ଲାଗି ପଦକ୍ଷେପ ନେଇଛନ୍ତି। ତେଣୁ ବର୍ତ୍ତମାନର ସଂଶୋଧନ ବିଧେୟକ ଆଧାରରେ ରେଳବାଇ ବୋର୍ଡରେ ମଧ ଘରୋଇ ଶିଳ୍ପପତିଙ୍କ ଓ ପେସାଦାରଙ୍କ ଆଧିପତ୍ୟ ବୃଦ୍ଧି ପାଇବ ବୋଲି ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ପ୍ରତିଯୋଗିତାମୂଳକ ବଜାରରେ ଘରୋଇକରଣ ଦ୍ୱାରା ସେବାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ନିଶ୍ଚୟ; କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହା ଯାତ୍ରୀଶୋଷଣର ବାଟ ଖୋଲିବ। ତେଣୁ ସରକାରଙ୍କ ନୂଆ ରେଳବାଇ ସଂଶୋଧନ ଆଇନକୁ ନେଇ ପୁଣି ଥରେ ବିତର୍କ ସୃଷ୍ଟି ହୋଇଛି।

# ବ୍ୟାଙ୍କିଂରେ ସାଇବର ସୁରକ୍ଷା



## ଡକ୍ଟର ତପନ କୁମାର ପାଳ

ବର୍ତ୍ତମାନ ବ୍ୟାଙ୍କିଂ କ୍ଷେତ୍ରରେ ସାଇବର ସିକ୍ୟୁରିଟିର ଆବଶ୍ୟକତା ବହୁତ ବେଶି। କାରଣ ଏବେ ଲୋକମାନେ ସମୟ ଅଭାବରୁ ଅନଲାଇନ ମାଧ୍ୟମରେ ବ୍ୟାଙ୍କ କାରବାର କରୁଛନ୍ତି। ଆଉ ସାଇବର ଠକେଇ ବି ବଢ଼ିଯାଇଛି। ଏଥିପାଇଁ ସାଇବର ସିକ୍ୟୁରିଟି ବିଷୟରେ ଜାଣିବା ଜଣେ ଖାତାଧାରକ ଲାଗି ଜରୁରୀ ହୋଇପଡ଼ିଛି।

ସର୍ବପ୍ରଥମେ ଆସନ୍ତୁ ଜାଣିବା ବ୍ୟାଙ୍କିଂ ସାଇବର ସୁରକ୍ଷା କ'ଣ : ସଫ୍ଟଓୟାର ପରିଚାଳିତ ବିଭିନ୍ନ ତନଖି ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ତାର ଗ୍ରାହକଙ୍କ ଖାତା ଓ କାରବାରକୁ ସୁରକ୍ଷିତ କରିଥାଏ। ପ୍ରତି ଆର୍ଥିକ ପ୍ରତିଷ୍ଠାନ ସେମାନଙ୍କ ଗ୍ରାହକଙ୍କୁ ସାଇବର ଠକେଇରୁ ରକ୍ଷା କରିବା ଲାଗ ଏହି ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଖାତାଧାରକଙ୍କ ଜରୁରୀ ତଥ୍ୟ, କାରବାର ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷିତ ରଖିବା ଏହାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସମୟରେ ସାଇବର ସୁରକ୍ଷା କାହିଁକି ଜରୁରୀ : ବ୍ୟାଙ୍କ ଗ୍ରାହକଙ୍କ ବ୍ୟକ୍ତିଗତ ପରିଚୟ ବିବରଣୀ ଓ ଆର୍ଥିକ ସୂଚନା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥାଏ। ସାଇବର ସିକ୍ୟୁରିଟି ନରହିଲେ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇପାରେ ଏବଂ ଏହା ସହିତ ଆର୍ଥିକ କ୍ଷତି ମଧ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ଭାବେ ବିଶ୍ୱାସ ବଜାୟ ରଖନ୍ତୁ : ସାଇବର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ସେମାନଙ୍କର ଟଙ୍କା ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷା ଦେଇପାରିବ ବୋଲି ଗ୍ରାହକମାନେ ଆସ୍ଥା ରଖନ୍ତି। ସାମଗ୍ରିକ ଓ ସମସ୍ତ ନିୟାମକ ଅନୁପାଳନ : ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ତଥ୍ୟ ସୁରକ୍ଷା ସମ୍ବନ୍ଧରେ କଠୋର ନିୟମ ମାନିବା ଆବଶ୍ୟକ। ଏଥିରେ ବିଫଳ ହେଲେ ପ୍ରତିଷ୍ଠାନ ଗୁଡ଼ିକ କଠୋର ଦଣ୍ଡର ସମ୍ମୁଖୀନ ହେବା ସହିତ ସେମାନେ ପ୍ରତିଷ୍ଠା ହରାଇପାରନ୍ତି। ଆର୍ଥିକ କ୍ଷତି ରୋକିବା : ସାଇବର ଆକ୍ରମଣ ଦ୍ୱାରା ବ୍ୟାଙ୍କ ଓ ଖାତାଧାରକଙ୍କ ପାଇଁ ସିଧାସଳଖ ଆର୍ଥିକ କ୍ଷତି ହୋଇପାରେ। ପ୍ରଭାବଶାଳୀ ସାଇବର ସୁରକ୍ଷା ଏହି ବିପଦକୁ କମ କରିଥାଏ।

ସାଇବର ଠକେଇରୁ କିପରି ବର୍ତ୍ତିବେ : ଶକ୍ତିଶାଳୀ ପାସୱାର୍ଡ଼ - ଅକ୍ଷର, ସଂଖ୍ୟା ଓ ଚିହ୍ନ ବ୍ୟବହାର କରି ଜଟିଳ ପାସୱାର୍ଡ଼ ତିଆରି କରନ୍ତୁ। ଜନ୍ମଦିନ କିମ୍ବା ସାଧାରଣ ଶବ୍ଦ ପରି ସହଜରେ ଅନୁମାନଯୋଗ୍ୟ ତଥ୍ୟ ବ୍ୟବହାର କରି ପାସୱାର୍ଡ଼ ଗଠନରୁ ଦୂରେଇ ରୁହନ୍ତୁ। ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେସନ : ଏମଏଫଏ ଆପଣଙ୍କ ପାସୱାର୍ଡ଼ ବ୍ୟତୀତ ଭେରିଫିକେସନ ଅନ୍ୟ ଦିଗ ମଧ ଯାଞ୍ଚ କରିଥାଏ। ଏହାଦ୍ୱାରା ହ୍ୟାକିଂର ଆଶଙ୍କା କମିଯାଏ। ସୂଚନା ପ୍ରଦାନରେ ସତର୍କତା : ବ୍ୟକ୍ତିଗତ ସୂଚନା ମାଗୁଥିବା ଅବାଞ୍ଛିତ ଇମେଲ, ଫୋନ କଲ କିମ୍ବା ବାର୍ତ୍ତା ପ୍ରତି ସତର୍କ ରହନ୍ତୁ। କୌଣସି ବିବରଣୀ ପ୍ରଦାନ କରିବା ପୂର୍ବରୁ ସର୍ବଦା ତାହାର ଉତ୍ସ ଯାଞ୍ଚ କରନ୍ତୁ। ନିୟମିତ ସଫ୍ଟୱେୟାର ଅପଡେଟ : ଠକେଇରୁ ରକ୍ଷା ପାଇବା ପାଇଁ ଆପଣଙ୍କ କମ୍ପ୍ୟୁଟର ଓ ଫୋନର ଅପରେଟିଂ ସିଷ୍ଟମ, ବ୍ରାଉଜର ଓ ବ୍ୟାଙ୍କିଂ ଆପକୁ ନିୟମିତ ଅପଡେଟ କରନ୍ତୁ। ନିୟମିତ ଆକାଉଣ୍ଟ ଯାଞ୍ଚ : କୌଣସି ଅନଧିକୃତ କାରବାର ସମ୍ପର୍କରେ ଜାଣିବା ଲାଗି ନିୟମିତ ଭାବେ ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଆକାଉଣ୍ଟ କାର୍ଯ୍ୟଳାପକୁ ଯାଞ୍ଚ କରନ୍ତୁ। ଡିଭାଇସ ସୁରକ୍ଷା : ଆପଣଙ୍କ ଡିଭାଇସକୁ ମାଲୱେରରୁ ରକ୍ଷା କରିବା ପାଇଁ ଆଣ୍ଟିଭାଇରସ ସଫ୍ଟୱେୟାର ଓ ଫାୟାରୱାଲ ବ୍ୟବହାର କରନ୍ତୁ। ବ୍ୟାଙ୍କିଂ କାରବାର ପାଇଁ ସର୍ବସାଧାରଣ ୱାଇ-ଫାଇ ବ୍ୟବହାର କରନ୍ତୁ ନାହିଁ।

ଏସବୁ ଛଡ଼ା ସାଧାରଣ ସାଇବର ବିପଦକୁ କିପରି ଚିହ୍ନିହେବ ସେ ବିଷୟରେ ସର୍ବଦା ଅବଗତ ରହିବା ଜରୁରୀ। ଗ୍ରାହକମାନଙ୍କୁ ଅନଲାଇନ କାରବାରରେ ସଚେତନ ରହିବାକୁ ଅନେକ ବ୍ୟାଙ୍କ ତାଲିମ ଦେଇଥାନ୍ତି। ତଥାପି ହ୍ୟାକରମାନେ ଲୋକମାନଙ୍କୁ ଠକିବାର ନୂଆ ନୂଆ କୌଶଳ ଆପଣାନ୍ତି। ସେ ସବୁକୁ ପ୍ରତିହତ କରିବା ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ତଥ୍ୟ କାହାକୁ ଜଣାଇବା ଅନୁଚିତ। ନିଜେ ସଚେତନ ରହିଲେ ହିଁ ଏପରି ବିପଦକୁ ଏଡ଼ାଇ ପାରିବେ। ବର୍ତ୍ତମାନ ସମୟରେ ଦିନକୁ ଦିନ ବ୍ୟାଙ୍କିଂ ସେବା ପ୍ରଭାବି ଓ ଟେକ୍ନୋଲୋଜିକୁ ଦେଖି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି। ଆପଣଙ୍କର ବ୍ୟାଙ୍କିଂ ସମ୍ବନ୍ଧୀୟ କୌଣସି ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ। ବ୍ୟାଙ୍କିଂ ଓ ଆର୍ଥିକ କାରବାର ପ୍ରସଙ୍ଗରେ କୌଣସି ସମସ୍ୟା ଦେଖାଯିବା ମାତ୍ରେ ଆପଣ ତୁରନ୍ତ ନିକଟସ୍ଥ ବ୍ୟାଙ୍କ କିମ୍ବା ଆପଣଙ୍କ ପାସବୁକ ରହିଥିବା ଶାଖା ସହ ଯୋଗାଯୋଗ ରଖନ୍ତୁ। ଆପଣଙ୍କର ସତର୍କତା ଓ ସଚେତନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କ ସହିତ ଆମ ଜାତୀୟ ଅର୍ଥନୀତିର ଏକ ସୁରକ୍ଷିତ ଦିଗ ପ୍ରତି ଆପଣ ଯେ ଯତ୍ନବାନ ଏହା ମଧ ପ୍ରମାଣିତ ହୋଇପାରିବ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ: ୯୯୩୭୬୫୮୩୬୨

# ୱାହା ଉସ୍ତାଦ୍ : ଛିଡ଼ିଗଲା ତବଲାର ତାନ



## ଅନୁପମା ଭୂୟାଁ

ବିଶ୍ୱରେ ଭାରତୀୟ ସଙ୍ଗୀତ ଜଗତର ଉଜ୍ଜ୍ୱଳ ଦୀପଶିଖା ଜାକିର ହୁସେନଙ୍କ ଜୀବନ ଦୀପ ଲିଭି ଯାଇଛି। ୭୩ ବର୍ଷ ବୟସରେ ତବଲାରେ ତାଙ୍କ ଆଙ୍ଗୁଠି ରହି ହିଁ ଯାଇଛି। ତାଙ୍କ ଆଙ୍ଗୁଠି ଚାଲିବା ସମୟରେ ଯେଉଁ ନାଦ ଓ ତାଳ ସୃଷ୍ଟି ହେଉଥିଲା ତାହା ସମସ୍ତଙ୍କୁ ବାନ୍ଧି ରଖିଥିଲା। ମୁକୁଳା କେଶ ଗୁଚ୍ଛା ସହ ସୌମ୍ୟକାନ୍ତୀ ଚେହେରାର ଜାକିର ଯେ କେବଳ ଜଣେ ବିଖ୍ୟାତ ତବଲା ବାଦକ ବା ସଙ୍ଗୀତଜ୍ଞ ଥିଲେ ତାହା ନୁହଁ, ଥିଲେ ଜଣେ ନମ୍ର ଓ ଭଦ୍ରବ୍ୟକ୍ତି ଭାବେ ପରିଚିତ ଥିଲେ। ଭାରତର ମୁମ୍ବାଇରେ ୧୯୫୧ ମସିହାରେ ଜନ୍ମିତ ଜାକିର ୨୦୨୪ ମସିହାରେ ଆମେରିକାର ସାନ୍‌ଫ୍ରାନସିସ୍କୋରେ ଆରପାରିକୁ ଚାଲି ଯାଇଛନ୍ତି। ତାଙ୍କ ପରଲୋକରେ ଭାରତ ଏବଂ ବିଶ୍ୱ ସଂଗୀତ ଜଗତ ଜଣେ ଖ୍ୟାତନାମା ସଂଗୀତଜ୍ଞଙ୍କୁ ହରାଇଛି। ଭାରତୀୟ ସଙ୍ଗୀତର କିମ୍ବଦନ୍ତୀ ପୁରୁଷ ଉସ୍ତାଦ୍ ଜାକିର ହୁସେନଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଛି। ସେ କେବଳ ଜଣେ ବିଖ୍ୟାତ ତବଲା ବାଦକ ନଥିଲେ, ସେ ଥିଲେ ଭାରତୀୟ ସଙ୍ଗୀତର ଆତ୍ମା। ତାଙ୍କ ତବଲା ବାଦନର ଟିପା ଧ୍ୱନି ଥିଲା ଭାରତୀୟ ସଙ୍ଗୀତର ହୃଦସ୍ପନ୍ଦନ। ତାଙ୍କ ତବଲାର ସ୍ୱରରେ ଆମେରିକାରୁ ନେଇ ଅଷ୍ଟ୍ରେଲିଆ ଏବଂ ଲଣ୍ଡନରୁ ନେଇ ଜର୍ମାନୀ ପର୍ଯ୍ୟନ୍ତ ସବୁଠି ଭାରତର ସଙ୍ଗୀତ ଝଙ୍କୃତ ହେଉଥିଲା। ସାଧନା, ନିଷ୍ଠା ଓ ଅଧ୍ୟବସାୟ ବଳରେ ଜଣେ ସାଧାରଣ ମଣିଷ କିଭଳି ଅସାଧାରଣ ଉଚ୍ଚତାରେ ପହଞ୍ଚି ପାରନ୍ତି ତା'ର ଜ୍ୱଳନ୍ତ ଉଦାହରଣ ଥିଲେ ପଦ୍ମବିଭୂଷଣ ଜାକିର ହୁସେନ।

ତବଲା ଓ ସଙ୍ଗୀତପ୍ରେମୀ ମାନଙ୍କ ହୃଦୟରେ ଜାକିର ଏକ ଅଭୁଲା ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ବାପା ଆଲ୍ଲା ରଖା କ୍ୟୁରେସି ଜଣେ ମହାନ ତବଲା ବାଦକ ଥିଲେ। ଏକଦା ଜାକିର କହିଥିଲେ ଯେ ସେ ଯେତେବେଳେ ଜନ୍ମ ହେଲେ ତାଙ୍କ ବାପା ତାଙ୍କ କାନରେ ପ୍ରାର୍ଥନା ପରିବର୍ତ୍ତେ 'ତବଲାର ତାଳ' ଶୁଣାଇଥିଲେ। ଜୀବନକାଳ ମଧ୍ୟରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭାରତ ସରକାରଙ୍କ ତାଙ୍କୁ ୧୯୮୮ରେ ପଦ୍ମଶ୍ରୀ, ୨୦୦୨ରେ ପଦ୍ମଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ୧୯୯୦ ଦଶକରେ ସେ ସଙ୍ଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇଥିଲେ। ଜାକିରଙ୍କୁ ଚାରଟି ଗ୍ରାମି ପୁରସ୍କାର ମିଳିଛି। ସେଥିରୁ ତିନୋଟି ପୁରସ୍କାର ସେ ଚଳିତବର୍ଷ ପାଇଛନ୍ତି। ଜାକିର ମୁମ୍ବାଇର ମାହିମରେ ଥିବା ସେଣ୍ଟ ମାଇକେଲ ସ୍କୁଲରେ ପାଠ ପଢ଼ିଥିଲେ। ଏହା ବ୍ୟତୀତ ସେ ମୁମ୍ବାଇର ସେଣ୍ଟ ଜାଭିୟର୍ସ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ମାତ୍ର ୧୧ ବର୍ଷ ବୟସରେ ଆମେରିକାରେ ନିଜର ପ୍ରଥମ କନସର୍ଟ କରିଥିଲେ। ୧୯୭୩ ମସିହାରେ ସେ ତାଙ୍କର ପ୍ରଥମ ଆଲବମ୍ ଲିଭିଂ ଇନ ଦି ମ୍ୟାଟେରିଆଲ ୱାର୍ଲ୍ଡ ଆରମ୍ଭ କରିଥିଲେ। ଜାକିର ହୁସେନଙ୍କୁ ଯେତେବେଳେ ୧୨ ବର୍ଷ ହୋଇଥିଲା, ସେ ତାଙ୍କ ବାପାଙ୍କ ସହ ଏକ କନସର୍ଟକୁ ଯାଇଥିଲେ। ଏହି ସମାରୋହରେ ପଣ୍ଡିତ ରବିଶଙ୍କର, ଉସ୍ତାଦ ଅଲି ଆକବର ଖାନ, ବିସମିଲ୍ଲା ଖାନ, ପଣ୍ଡିତ ଶାନ୍ତା ପ୍ରସାଦ ଓ ପଣ୍ଡିତ କିଷନ ମହାରାଜଙ୍କ ଭଳି ସଙ୍ଗୀତ ଶିଳ୍ପୀମାନେ ଯୋଗ ଦେଇଥିଲେ। ଜାକିର ହୁସେନ ତବଲାକୁ କେବଳ ବିଶ୍ୱ ମଞ୍ଚକୁ ନେଇନଥିଲେ। ଏକଦା ତବଲାକୁ ତାଙ୍କର ବନ୍ଧୁ, ଭାଇ ଓ ସାଥୀ ବୋଲି କହୁଥିବା ଜାକିରଙ୍କର ମୃତ୍ୟୁରେ ଛଅ ଦଶନ୍ଧି ତବଲା ବାଦନ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସ୍ୱତନ୍ତ୍ର ତବଲା ବାଦନ ଶୈଳୀ ପାଇଁ ପରିଚିତ ଜାକିର ଭାରତର ଶାସ୍ତ୍ରୀୟ ସଙ୍ଗୀତ ଓ ପାଶ୍ଚାତ୍ୟ ସଙ୍ଗୀତ ମଧ୍ୟରେ ସମ୍ପର୍କ ସ୍ଥାପନର ଏକ ସେତୁ ଥିଲେ। ସେ ତାଙ୍କ ତବଲାର ଅତୁଳନୀୟ ତାଳରେ କୋଟି କୋଟି ଲୋକଙ୍କୁ ବାନ୍ଧି ରଖିବା ସହ ଭାରତର ଶାସ୍ତ୍ରୀୟ ସଙ୍ଗୀତକୁ ସେ ବିଶ୍ୱ ସଙ୍ଗୀତ ସହ ମିଶାଇ ପାରିଥିଲେ। ଏଥିପାଇଁ ସେ ସାଂସ୍କୃତିକ ଏକତାର ଦୂତ ପାଲଟିଥିଲେ। ତାଙ୍କ ପ୍ରଦର୍ଶନ ଆତ୍ମାକୁ ଛୁଇଁଲାଭଳି। ସଙ୍ଗୀତଜ୍ଞ ଓ ସଙ୍ଗୀତପ୍ରେମୀଙ୍କୁ ତାହା ପିଢ଼ି ପରେ ପିଢ଼ି ପ୍ରେରଣା ଯୋଗାଇବ।

'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ




## ପ୍ରେମର ପରିଧି

### ସନ୍ତୋଷିନୀ ନାୟକ

ପ୍ରେମର ପରିଧି ସୀମାହୀନ
ପରିବ୍ୟାପ୍ତ
ମନର ଆକାଶେ ଏକ ଅସୀମ
ଦୃଶ୍ୟ।
ନାହିଁ ଗଣନା ନାହିଁ ପରିମାଣ,
ପ୍ରେମ ତ ସତ୍ୟତାର ନିର୍ଜୀବ
ସନ୍ଦେଶ।

ଏକ ହସରେ ଲୁଚିଥାଏ ଜଗତ,
ଆଉ ଏକ ଆଘାତରେ ଦୁଃଖର
ପାହାଡ଼।
କେବଳ ଅଛି ଭାବନାର ସାଗର,
ସେଥିରେ ମିଳେ ପ୍ରେମର
ଏକତ୍ୱ ଭାବ।

ପ୍ରେମ ନୁହେଁ ଜୀବନର ଗନ୍ତବ୍ୟ
ସେ ହେଉଛି ନିଜର ସତ୍ତାର ଗାନ ।
ସଂସାର ସୀମାକୁ ଲଂଘି ମଧ,
ପ୍ରେମ ହେଉଛି ଏକ ଚିରନବୀନ
ସଫଳତା ।

ପ୍ରେମ ପରିଧିର ନ ଥାଏ ଶୂନ୍ୟତା
ହୃଦୟ ଅମାରର ସମ୍ପଦ ସେ ।
ଜୀବନର ଏଇ ଗୋଟିଏ ପଥ,
ଯେଉଁଥିରେ ପ୍ରେମର ସୃଜନ
ଚାଲିଥାଏ
ଭାବ ଆଉ ଭାବନା ନେଇ.....

ବୀରମହାରାଜପୁର,
ସୁବର୍ଣ୍ଣପୁର

## ଅପାର ପରିଚୟ ପତ୍ର

### ସଂଜୟ କୁମାର ମିଶ୍ର



ଅପାର ପରିଚୟ ପତ୍ର
ଭାରତେ ଲାଗିଲା ସର୍ବତ୍ର ।

ଛାତ୍ର ଛାତ୍ରୀଙ୍କୁ ତହୁଁ ଜାଣି
ବିଭିନ୍ନ ଯୋଜନାକୁ ଆଣି ।

ଦେଲେଟି ସୁବିଧା ହୋଇବ
ଭୂତ ପିଲାଟି ନ ରହିବ ।

ଧ୍ୟାନ ଦେବେଟି ପିତା ମାତା
ଆସୁଛି ଯାହା ନୂତନତା ।

ଯାହା ଲାଗୁଛି ସଂଶୋଧନ
କରହୋ ତାହାକୁ ବହନ ।

ତେନ୍ତୁଳିମହଦା,
ବି. ମ୍. ପୁର, ସୁବର୍ଣ୍ଣପୁର

## ତୁ ବଡ ଦେଉଳିଆ

### ସିଦ୍ଧାନ୍ତ ପ୍ରଧାନ



ଯାଇଥିଲି ଥରେ ତୋ ବଡ଼ ଦେଉଳ
ତୋତେ ଟିକେ ଦେଖି ଦେଲେ,
ହେଲେ ଦୂରୁ ତୋତେ ଦେଖି ମନ
ଭାରିଲାନି
କହିଲି ମୁଁ ଆଉ କେବେ ॥
ବହୁ ଦୁଃଖୀ ଦେଖି ତୋ ବଡ଼
ଦେଉଳେ
ତରଳି ଯାଏ ସେ ହୃଦୟ,
କିଏ ବା କି କରି ପାରିବ କହତୁ
ତୁନି ହୋଇ ବସି ଯାଇଛୁ ତୁ
ଚକାନୟନ ॥
ଦେଉଳ ଭିତରେ ବସି ମୁଁ ଭାବଇ
କେମିତି ବସିଛୁ ତୁ,
କରୁଣ କଣ୍ଠ ରେ ଗାଉଥିଲେ ସେ
ସେ ଗୀତ ଶୁଣଇ ମୁଁ ॥
ଗୀତର ଭାବନା ଏମିତି ଲାଗଇ
ସତେ ପାଖରେ ଅଛୁ ତୁ,
ହେଲେ ଆଖି ଖୋଲି ଦେଖେ
ଭାବନା ରାଇଜେ ମୁଁ ॥
ମନରେ ମୋର ଅନେକ ପ୍ରଶ୍ନ ଯେ
ତୋ ବଡ ଦେଉଳ ଦେଖି,
ହେଲେ କାହାକୁ ସେ ପ୍ରଶ୍ନ
ପଚାରିପାରିବ
ସେ କଥା ବସି ମୁଁ ଭାବି ॥
ମନ ତୋ ମନ୍ଦିରେ ଲାଖି ଯାଇ ଅଛି
ଆଉ ଥରେ ଯିବି କେବେ,
ତୋତେ ପାଖେ ପାଇ
ଦୁଃଖ ମୋର ଯିବ ସେବେ ॥

ଜୟ ଜଗନ୍ନାଥ...





ଧ୍ୱନି ପ୍ରତିଧ୍ୱନି
୫
୧୯ ଡିସେମ୍ବର ୨୦୨୪, ଗୁରୁବାର, ବାଲେଶ୍ୱର



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୪୭



ଡ. ସିନ୍ଧୁ ସେନ୍

ନା ନା ମୋତେ ଏସବୁ ଭୁଲିଯିବାକୁ ପଡ଼ିବ । ମୁଁ ଯେ ଲଙ୍କାର ରାଜା । ଲଙ୍କାର ଶାସନଭାର ମୋ ହାତରେ ନ୍ୟସ୍ତ । ଆଉ ଏ ସମୟରେ ଯେକୌଣସି କଥାରେ ହତୋତ୍ସାହ ହେବା ଆଦୌ ଶୋଭା ପାଏନା । ନିଜ ମନୋବଳକୁ ଶକ୍ତ କରିବାକୁ ଚେଷ୍ଟା କଲି ।

ଏହା ମଧ୍ୟରେ ମନ୍ଦୋଦରୀ ଜନନୀ ହୋଇ ସାରିଲେଣି । କୋଳରେ ତାଙ୍କର ଶିଶୁ ସନ୍ତାନ । ପୁତ୍ର ସନ୍ତାନର ଜନକ ଭାବେ ଯେତେ ଖୁସି ହୋଇଥିଲି, ଅନେକ ଶଙ୍କା ମଧ୍ୟ ଜାଗିଥିଲା ମନରେ । କାରଣ ଜନ୍ମରେ ସନ୍ତାନର ଥିଲା କିଛି ବିଚିତ୍ରତା, ନହେଲେ ସାଧାରଣ ଶିଶୁଠାରୁ ପୁତ୍ର ମୋର ଆକାରରେ ଏତେବଡ଼ ହୁଅନ୍ତା କାହିଁକି ? ଜନ୍ମବେଳେ ଛୁଆଟି ଯେତେବେଳେ ପ୍ରଥମ କୁଆଁକୁଆଁ ଶବ୍ଦ କରିଥିଲା ସେ ଶବ୍ଦ ଥିଲା ମେଘର ଗର୍ଜନ ଭଳି । ଭାବି ପାରୁ ନଥିଲି ଏମିତି ଭୟଙ୍କର ବିକଟ ଗର୍ଜନ ସଦ୍ୟଜାତ ଶିଶୁଟି କେବେ କ'ଣ କରିପାରେ ? ଏ କିଛି ଅଶୁଭ ସଂକେତ ନୁହେଁ ତ ? ତାର ଏମିତି ମେଘପରି ଗର୍ଜନ ଶୁଣି ନାମ ରଖିଥିଲି ମେଘନାଦ ।

ମେଘନାଦ ରାଣୀଙ୍କ କୋଳରେ କ'ଣ କରୁଥିବ ସେକଥା ମନେପଡ଼ିଲା ମାତ୍ରେ ଇଚ୍ଛା ହେଲା ତାକୁ ଟିକିଏ ଦେଖି ଆସିବା ପାଇଁ । ଅନ୍ତତଃପକ୍ଷେ ପୁତ୍ରକୁ କୋଳରେ ଧରି ନିଜ ପିତୃତ୍ୱର ଆନନ୍ଦ ନେଇ ପାରିବି । ମୁଁ ତେଣୁ ମନ୍ଦୋଦରୀଙ୍କ କକ୍ଷ ଆଡ଼କୁ ଚାଲିଲି । ମେଘନାଦକୁ କୋଳରେ ଥାପୁଡ଼ାଇ ମନ୍ଦୋଦରୀ ତାଙ୍କୁ ଶୁଆଇ ଦେଉଥିଲେ । ତାଙ୍କ ପାଖରୁ ମେଘନାଦକୁ ନେଇ ଛାତିରେ ଜାକି ଧରିଲି । କହିଲି ଦେଖିବ ମନ୍ଦୋଦରୀ ଆମ ପୁତ୍ର ନିଶ୍ଚୟ ଦିନେ ମହାବୀର ହେବ ।

କେମିତି ଜାଣିଲେ ରାଜନ

ଏତିକି ବୁଝିପାରୁନ, ଜନ୍ମ ହେଲା ମାତ୍ରେ ଯିଏ ମେଘପରି ଗର୍ଜନ କରେ, ସେ କ'ଣ କେବେ ଦୁର୍ବଳ ହୋଇପାରେ । ତେଣୁ ଜନ୍ମରୁ ସେ ଯେ ବୀରପୁତ୍ର ହେବ ଏହାର ସୂଚନା ମିଳିଯାଇଛି।

କିନ୍ତୁ କିନ୍ତୁ ପୁଣି କ'ଣ ରାଣୀ...

ରାଜଜ୍ୟୋତିଷ କହିଛନ୍ତି ପୁତ୍ର ଆମର ରାଜପୁତ୍ର ହେବେ ସତ ମାତ୍ର ହୋଇପାରିବେ ନାହିଁ।

ନା ରାଣୀ ନା ଏମିତି ଅଶୁଭ କଥା କୁହନି । ମେଘନାଦ ମୋର ପୁତ୍ର । ମୋ ଠାରୁ ସେ ଅଧିକ ବୀର ହେବ । ଏହାକହି ମେଘନାଦର ଗାଲରେ ସ୍ନେହସିକ୍ତ ଚୁମ୍ବନ ଦେଲି । ପିତୃତ୍ୱକୁ ଅନୁଭବ କଲି । ମେଘନାଦର କୋମଳ ହାତରେ ପାପୁଲିକୁ ଆଘ୍ରାଣ କଲି ।

କିନ୍ତୁ ଏ କ'ଣ ? ହାତରୁ ତ ମୋ ପରି ପଦ୍ମଗନ୍ଧ ବାହାରୁ ନାହିଁ । ତେବେ କ'ଣ, ମେଘନାଦ ମୋ ଲକ୍ଷଣ ନେଇ ଜନ୍ମ ହୋଇନି । ନହେଲେ ପାପୁଲିରୁ ପଦ୍ମଗନ୍ଧ ନାହିଁ କାହିଁକି ? ଏବେ ଯେତେବେଳେ ନାହିଁ, ପରେ ଆଉ କ'ଣ ପଦ୍ମଗନ୍ଧ କେବେବି ବାହାରିବ । ଜ୍ୟୋତି ତେବେ ଠିକ୍ କହିଛନ୍ତି । ମେଘନାଦ, ମୋର ପ୍ରଥମ ପୁତ୍ର ସନ୍ତାନ ମୋର ଦାୟାଦ । ମାତ୍ର ରାଜାର ସନ୍ତାନ ହୋଇ ରାଜ ହୋଇ ପାରିବନି । ଏ ତ ବଡ଼ ଦୁର୍ଭାଗ୍ୟ ।

ତେବେ ଦୁର୍ଭାଗ୍ୟ ହେଉ କି ସୌଭାଗ୍ୟ । ସେ ବିଷୟରେ ଚିନ୍ତା ନକରି ମୋତେ ତ ମୋର ଲକ୍ଷ୍ୟ ପାଇଁ ଆଗେଇବାକୁ ପଡ଼ିବ । ମୋତେ ଏବେ ମୋ ଅଭିଯାନ ଆରମ୍ଭ କରିବାକୁ ପଡ଼ିବ । ଠିକ୍ କଲି ଯକ୍ଷରାଜ କୁବେରଙ୍କ ରାଜ୍ୟ ଅଳକାପୁରୀରୁ ହିଁ ଆରମ୍ଭ ହେବ ମୋର ପ୍ରଥମ ଅଭିଯାନ । ଭାଇ କୁବେର ମୋ ଉପରେ ଅସନ୍ତୋଷ ବ୍ୟକ୍ତ କରି ସାରିଲେଣି । ତାପରେ ବି ମୁଁ ଯଦି ନିରବ ରହେ, ସେ ନିଶ୍ଚିତ ମୋ ଦୁର୍ବଳତାର ସୁଯୋଗ ନେବେ । ଏମିତି ବି ହୋଇପାରେ କୁବେରଙ୍କ ଲଙ୍କା ଆକ୍ରମଣ କିଛି ଅସମ୍ଭବ ନୁହେଁ । ଯକ୍ଷରାଜଙ୍କ ରାଜ୍ୟ ଉପରେ ଆକ୍ରମଣ ପଛରେ ମୋର ମଧ୍ୟ ଆଉ ଏକ ଆକର୍ଷଣ ଅଛି । ବହୁପୂର୍ବରୁ ମୁଁ ସେ ସୁଯୋଗରେ ଥିଲି । କୁବେର ଭାଇ ସ୍ୱଇଚ୍ଛାରେ ଲଙ୍କାକୁ ମୋ ହାତରେ ଟେକି ଦେଇଥିଲେ ସତ, କିନ୍ତୁ ସେହି ଲୋଭନୀୟ ପୁଷ୍ପକଯାନ ମୋ ହାତକୁ ଆସି ନଥିଲା । ପୁଷ୍ପକଯାନ ପାଇଁ ମୋ ମନରେ ଥିଲା ତୀବ୍ର ଆକର୍ଷଣ । କାରଣ ମୁଁ ଜାଣିଥିଲି ପୁଷ୍ପକଯାନ ମାଧ୍ୟମରେ ବିଶ୍ୱବିଜୟର ସଫଳତା ପାଇପାରିବି । ତେଣୁ ଅଳକାପୁରୀ ଅଭିଯାନ ପାଇଁ ନିଜକୁ ପ୍ରସ୍ତୁତ କରିନେଲି ।

ଶୁଣିବାକୁ ପାଇଲି କୁବେର ଭାଇ ମୋ କାର୍ଯ୍ୟକଳାପରେ ବିଶେଷ ଭାବେ ଅସନ୍ତୁଷ୍ଟ । ଆଉ ସେ କିଛି ସିଧାସଳଖ ପ୍ରକାଶ କରୁନଥିଲେ ମଧ୍ୟ ଭିତରେ ଭିତରେ ଲଙ୍କା ଆକ୍ରମଣ କରିବାର ଯୋଜନା କରୁଛନ୍ତି । ତେଣୁ ତା ପୂର୍ବରୁ ମୋତେ ହିଁ ଅତର୍କିତ ଭାବେ ପ୍ରଥମେ ଲଙ୍କା ଆକ୍ରମଣ କରିବାକୁ ପଡ଼ିବ । ଦୂତହତ୍ୟାର ପ୍ରତିଶୋଧ ନେବାକୁ ପଡ଼ିବ । ବାସ୍ତବରେ ବେଳେବେଳେ ଇଚ୍ଛା ନଥିଲେ ମଧ୍ୟ ଅନେକ କିଚି କାର୍ଯ୍ୟ ଇଚ୍ଛା ବିରୁଦ୍ଧରେ କରିବାକୁ ପଡ଼ିଥାଏ । ମୁଁ ଯେ ଯୁଦ୍ଧର ପକ୍ଷପାତୀ ନୁହେଁ ଏକଥାତ କହିପାରିବି ନାହିଁ । କାରର ଜଣେ ବୀର ପାଇଁ ତ ଯୁଦ୍ଧ ହିଁ ଆତ୍ମରକ୍ଷାର ସର୍ବଶ୍ରେଷ୍ଠ ମାଧ୍ୟମ । ଯେତେ ଯାହା ହେଲେ ବି କୁବେର ଭାଇଙ୍କ ପ୍ରତି ଶତ୍ରୁତା ଆଚରଣ ମୋ ପକ୍ଷରେ ଶୋଭନୀୟ ନୁହେଁ । ବହୁପୂର୍ବରୁ ସେ ତାଙ୍କର ମହାନତାର ପରିଚୟ ଦେଇ ମୋ ହାତରେ ତାଙ୍କ ଲଙ୍କାକୁ ଟେକି ଦେଇଛନ୍ତି । ଅଥଚ ମୁଁ କୃତଘ୍ନ ଭଳି ସେତିକିରେ ସନ୍ତୁଷ୍ଟ ହେଇ ପାରିଲିନି ଯେ ପୁନର୍ବାର ପୁଷ୍ପକ ଯାନର ଲୋଭରେ ପଡ଼ି ତାଙ୍କ ପ୍ରତି ଅନ୍ୟାୟ କରିବାକୁ ମଧ୍ୟ ପଛାଉ ନାହିଁ । ଏବେବି ସେ ସବୁ ପଛକଥା ମନେପଡ଼ିଲେ, ନିଜ ପ୍ରତି ଘୃଣା ଆସୁଛି । ସଦାସର୍ବଦା ମୋର ମଂଗଳ ମନାସୁଥିବା, ମୋତେ ନୀତି ଉପଦେଶ ଦେଉଥିବା କୁବେର ଭାଇଙ୍କ ପ୍ରତି ମୁଁ କେତେ ଯେ ଅନ୍ୟାୟ କରିଚି । ତାର କ୍ଷମା ନାହିଁ । କେମିତି କିପରି ସେଦିନ ଅଚାନକ ଭାବେ ଅଳକାପୁରୀ ଆକ୍ରମଣ କରିଦେଲି, ସେସବୁ ଭାବିଲେ ନିଜକୁ ଅପରାଧି ବୋଲି ମନେ କରୁଛି । ଯକ୍ଷରାଜ କୁବେର ଏମିତି ଏକ ଆକ୍ରମଣ ପାଇଁ ଆଦୌ ପ୍ରସ୍ତୁତ ନଥିଲେ ।

ରାକ୍ଷସ ସେନା ଆଉ ଯକ୍ଷସେନା ସେଦିନ ରଣକ୍ଷେତ୍ରରେ ପରସ୍ପରକୁ ସାମ୍ନା କରିଥିଲେ ବେଶ୍ କିଛିଦିନ ଧରି ଯୁଦ୍ଧ ଲାଗି ରହିଥିଲେ ମଧ୍ୟ କାହାରି ବିଜୟ କି ପରାଜୟ ସମ୍ଭବ ହୋଇପାରୁ ନଥିଲା । ସମଗ୍ର ଯୁଦ୍ଧକ୍ଷେତ୍ରରେ ରକ୍ତର ସ୍ରୋତ ବୋହି ଚାଲିଥିଲା । ଲାଲ ଟହଟହ ତାଜା ରକ୍ତରେ ରକ୍ତିମ ହୋଇ ଉଠିଥିଲା ରଣଭୂମି । ତଥାପି ଯେମିତି ମେଣ୍ଟି ନଥିଲା ରକ୍ତର ପିପାସା । ନିଜେ ନିଜକୁ ଧିକ୍କାର କରୁଥିଲି । ବ୍ରହ୍ମଦତ୍ତ ବରପ୍ରାପ୍ତି ପରେ ମଧ୍ୟ ପ୍ରଥମ ଯୁଦ୍ଧରେ ସଫଳତା ପାଇପାରୁନି । ଆଉ ଆମକୁ ବିଶ୍ୱବିଜୟ କରିବି କେମିତି ? ଅବିଶ୍ୱାସ ଜାଗୁଥିଲା ମନରେ । ଏସବୁ ବିଫଳତା ପାଇଁ ଦେବତାମାନେ ପରୋକ୍ଷରେ ଆଉ ଦାୟୀ ନୁହଁନ୍ତି ତ ? କିଏ ଜାଣେ ଦେବତାମାନଙ୍କର ତ ସବୁବେଳେ ରାକ୍ଷସ ମାନଙ୍କ ପ୍ରତି ଈର୍ଷା । ମୋ ତପସ୍ୟାକୁ ନିଷ୍ଫଳ କରାଇବାରେ ତାଙ୍କର ଆଉ କିଛି ହାତ ନାହିଁ ତ ? ଏମିତି ଅନେକ ଦ୍ୱନ୍ଦ୍ୱ ମଧ୍ୟରେ ବିଚଳିତ ହୋଇ ପଡୁଥିବାବେଳେ, ସେନାପତିଙ୍କ ଠାରୁ ଖବର ପାଇଲି କୁବେର ସେନାପତି ନାଗଭଦ୍ର ରାକ୍ଷସ ସେନାଙ୍କ ଠାରୁ ପରାଜିତ ହୋଇ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିଛନ୍ତି, ଆଉ ସେଇ ମର୍ମରେ ଯକ୍ଷ ସେନାବାହିନୀ ଛତ୍ରଭଂଗ ହୋଇ ପଳାୟନ କରିଛନ୍ତି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୭୩ ॥

କଶ୍ୟପ କହିବାରେ ଲାଗିଲେ,'ଅନ୍ୟ ଛାୟାପଥରୁ ଆସିଥିବା ତାରକା ମାନଙ୍କ ଅଣୁ, ଧୂଳି ଆଦି ସୂକ୍ଷ୍ମ ଉପାଦାନରେ ଏକ ନିହାରିକା ସୃଷ୍ଟି ହେଲା। ଏହିମାନେ ଥିଲେ ( କ୍ୱାର୍କ, ସ୍କୋଟନ, ପ୍ରୋଟନ, ନିଉଟ୍ରୋନ, ଇଲେକ୍ଟ୍ରୋନ, ପ୍ଲାଜମା ଆଦି) ସୃଷ୍ଟି ଗଠନର ଆଦିମ ଉପାଦାନ ବା ସୃଷ୍ଟିର ପ୍ରଥମ ଉପାଦାନ। ଏଥିରୁ ନାନା ବର୍ଣ୍ଣର ସୁବର୍ଣ୍ଣ ଆଲୋକ ବିଚ୍ଛୁରିତ ହେଉଥିଲା। ଅଦିତି ଜ୍ୟୋତି ସହ ଯୁକ୍ତ ଏହ କଶ୍ୟପ ତାରକାରୁ ଉର୍ଜ୍ଜା ନିର୍ଗତ ହୋଇ ଏହି ଶୀତଳ ନୀହାରିକାକୁ ଉଷ୍ମ କରିବାରେ ଲାଗିଲା। ( ବିଷ୍ଣୁଙ୍କ ପଦ୍ମ ପାଦ ବା ସମୟର ଆଘାତ)ରେ ନୀହାରିକାଟି ଫାଟି ଗଲା ଏବଂ ଧ୍ରୁବ, ସୂର୍ଯ୍ୟ ଓ କ୍ରମେ ନବ ଗ୍ରହ ମାନେ ସୃଷ୍ଟି ହେଲେ। ସେହି ତାରାଟି ନଷ୍ଟ ହୋଇଗଲା ଓ ଗୋଟିଏ କୃଷ୍ଣାବର୍ତ୍ତ ବା ବିଷ୍ଣୁଙ୍କ ନାଭି ଗଠନ କଲା। ଯେଉଁ ନାଭି ମଧ୍ୟରେ ମହାକାଶର ସମୟ ଶେଷ ହୋଇ ଯାଇଥିଲା। ଏହି ସୂର୍ଯ୍ୟ ତଥା ନବ ଗ୍ରହ ଏବଂ ଦୁଇଟି କ୍ଷୁଦ୍ର ଗ୍ରହ ବା ସୂର୍ଯ୍ୟଙ୍କ ପରି ବାରତି ତାରାଙ୍କୁ ସେମାନେ ବାର ଆଦିତ୍ୟ ବୋଲି କହୁଥିଲେ। ପୁଣି ବିଷ୍ଣୁଙ୍କ ନାଭିରୁ ସୃଷ୍ଟି ହୋଇ ଥିବା ନାଭିକ ଅନନ୍ତ ସୃଜନ ରେ ପୁଣି ପୃଥିବୀକୁ ଆସିଲା, ପାଞ୍ଚ ଭୂତମାନେ ସୃଷ୍ଟିହୋଇ ଜୀବ ଜଗତ ସୃଷ୍ଟି ହେଲା। ଏହିଁ ପାଞ୍ଚ ଭୂତ ହିଁ ସୃଷ୍ଟିର ଆଦିମ ଉପାଦାନ ମାନଙ୍କରୁ ସୃଷ୍ଟି ହୋଇ ଅଛି। ଏହି ପାଞ୍ଚ ଭୂତରୁ ଆଦିମ ଉପାଦାନ ମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ତଫାତ କରାଯାଇ ପାରିବ, କିନ୍ତୁ ପାଞ୍ଚ ଭୂତରୁ ଆଦିମ ଉପାଦାନକୁ ସୃଷ୍ଟି କରାଯାଏ ନାହିଁ। (ଏଠାରେ ଅଗ୍ନି ଭୂତର ଅର୍ଥ ଉତ୍ତାପ)। ପଞ୍ଚ ଭୂତରୁ ଜଡ, ଜୀବ ଓ ଜୀବରୁ ମାନବର ସୃଷ୍ଟି ହେଲା। ଯେଉଁ ପ୍ରଥମ ନାରୀ ମାନବ ମାନଙ୍କୁ ସୃଷ୍ଟି କଲେ, ସେ ଥିଲେ ଜଣେ ଆଦିମ ନାରୀ। ପ୍ରଥମେ ଶାକ ଦ୍ୱିପ ରେ ଏକମାତ୍ର ଆଦିମ ନୃବାନରୀ ବିବର୍ତ୍ତିତ ମାନବୀ ରୂପେ ନୀଳ ଲୋହିତକୁ ଜନ୍ମ ଦେଲେ। ସେ ଜନ୍ମ ହୋଇ ରୋଦନ କରିବାରେ ଲାଗିଲା। ଏହି ମାନର ନାମ ଥିଲା ରୁଦ୍ର । ଏମାନେ ତପସ୍ୟା କରିବାକୁ ବା ପୂର୍ଣ୍ଣ ମାନବ ହେବାକୁ ଅନ୍ୟ ସ୍ଥାନ କୁ ଚାଲିଗଲେ।ଏହି ସିଦ୍ଧ( ପାଞ୍ଚ ଭୂତ, ଅଧିପତି ଶିବଙ୍କ ଅନୁଗତ) ପରେ କ୍ରମେ ମାନବ ଜାତିର ବିକାଶ ହେଲା।ଏହି ପୂର୍ଣ୍ଣ ବିକଶିତ ଭବିଷ୍ୟତ ମାନବ ମାନଙ୍କୁ ଯିଏ ଜନ୍ମ ଦେବେ, ସେ ହେଉଛ ତୁମେ, ତୁମେ ଅଦିତି।

' ମୁଁ ଆଦୌ ବୋଧ କରି ପାରୁନାହିଁ ପ୍ରଜାପତି। ମୋତେ କୃପା କରି ସରଳ ଭାବ ରେ ବୁଝାଇ ଦିଅନ୍ତୁ।'

'ଅଦିତି ! ଶାକ ଦ୍ୱିପରେ ଜନ୍ମ ହୋଇ ଥିବା ସେହି ଆଦିମ ଉପାଦାନରେ ନିର୍ମିତ ମାନବ ମାନେ ତପସ୍ୟାରେ ସିଦ୍ଧ ହେଲେ। ଆହୁରି ଅନେକ ଜାତିର ମାନବ ସୃଷ୍ଟି ହୋଇ ସାରା ପୃଥିବୀରେ ବ୍ୟାପି ଗଲେ। ମାନବ ମାନଙ୍କ ମଧ୍ୟରୁ ଅନେକ ଜନ ଜାତିର ମଣିଷ, ଶିକାରୀ ଜାତିର ଆଦିମ ମଣିଷ ଦଳ ପ୍ରଥମେ ଭାରତକୁ ଆସିଥିଲେ। ସେହି ଆଦିମ ମାନବ ମାନଙ୍କ ମଧ୍ୟ ରେ ଦ୍ରାବିଡ଼ ମାନେ ଥିଲେ ସବୁଠାରୁ ପ୍ରଧାନ ବା ସଂଖ୍ୟା ଗରିଷ୍ଠ ଜାତି। ଏହିମାନଙ୍କ ବାସଭୂମି ସମୁଦ୍ର ଜଳରେ ଦ୍ରବୀଭୂତ୍ ହୋଇ ଯିବା ପରେ ଏମାନେ ଦକ୍ଷିଣ ଭାରତରେ ଦଳ ଗଠନ କରି ଜଣେ ଦଳପତିଙ୍କ ଅଧୀନରେ କ୍ରମେ ସ୍ଥାୟୀ ଭାବେ ବାସ କରିବାରେ ଲାଗିଲେ।'

' ତା' ପରେ ?'

ସେମାନଙ୍କ ପରେ ଆମ ଦୁଇ ଜଣଙ୍କର ପୂର୍ବଜ ମାନେ ଶାକଦ୍ୱିପ, ( ଆଫ୍ରିକା) ଏବଂ ଶାଲ୍ମଳୀ (ଅଷ୍ଟ୍ରେଲିଆ । ସେତେବେଳେ ପୂର୍ବ ଭାରତୀୟ ଦ୍ୱିପ ପୁଞ୍ଜ ସହ ଅଷ୍ଟ୍ରେଲିଆ ପ୍ରାୟ ମିଶିକରି ଥିଲା ଓ ଏହି ସ୍ଥାନ ବିଷୁବ ବୃତ୍ତ ନିକଟରେ ଥିଲା।) ଆଦି ଦ୍ୱିପରୁ ଆସି ଭାରତ ଆଡକୁ ଆସିଥିଲେ। ଆମର ପୂର୍ବଜ ମାନେ ଉତ୍ତର ପଶ୍ଚିମ ଆଫ୍ରିକାଠାରୁ ଉତ୍ତର କୁ ସ୍ଥଳ ପଥରେ ଆସି ଗୋଟିଏ ବିଚ୍ଛିନ୍ନ ହୋଇଥିବା ଦ୍ୱିପ ପୁଞ୍ଜକୁ ଅତିକ୍ରମ କରି ସ୍ଥଳ ପଥରେ ପଶ୍ଚିମ ସୀମାନ୍ତ ପ୍ଲକ୍ଷ ଆଡ଼କୁ ଯାଇ ବାସ କଲେ। (ପଶ୍ଚିମ ଋଷିଆର ଶେଷ ଭାଗ)। ଅନ୍ୟ ଦଳଟି ଜଳ ପଥରେ ଶାଲ୍ମଳୀର ଉତ୍ତରରେ ଥିବା ମାତୃକା ଦ୍ୱିପରେ ବାସ କଲେ। ମୋର ପୂର୍ବଜ ମାନେ ଭାରତକୁ ଆସି ମଧ୍ୟ ପଶ୍ଚିମ ଭାରତର ସମୁଦ୍ର ଉପକୂଳରେ ବାସ କରୁଥିଲେ। ଆମେମାନେ ଯେପରି ଦକ୍ଷ ଶିକାରୀ ଥିଲେ, ସେହିପରି ଉତ୍ତମ ନାବିକ ମଧ୍ୟ ଥିଲେ। ସେ ସହସ୍ର, ସହସ୍ର ବର୍ଷ ତଳର ଅତୀତ। ସେତେବେଳେ ମଣିଷ ଯାଯାବର ଜୀବନରୁ କ୍ରମେ ସ୍ଥାୟୀ ଭାବେ ବାସ କରିବାକୁ ଆରମ୍ଭ କରିଥାଏ। ଆମର ପୂର୍ବଜ ମାନେ ଅନ୍ୟାନ୍ୟ ଦକ୍ଷିଣ ଭାରତୀୟ ଦଳ ମାନଙ୍କୁ ହିଂସ୍ର ପଶୁ, ବନ୍ୟା ଓ ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରକ୍ଷା କରୁଥିଲେ। କ୍ରମେ ସେମାନେ ଗୋଟିଏ, ଗୋଟିଏ ବଳିଷ୍ଠ ଦଳ ଗଠନ କଲେ ଓ ଦଳ ପତି ଭାବେ ଅନ୍ୟ ମାନେ ତାଙ୍କର ଆନୁଗତ୍ୟ ସ୍ୱୀକାର କଲେ।'

' ଅଦିତି, ଜମ୍ବୁ ଦ୍ୱିପର ପଶ୍ଚିମ ଦିଗରେ( ତାହା ମଧ୍ୟ ଭାରତର ସୀମା ମଧ୍ୟରେ ଥିଲା) ସେହି ଆଦିମ ସମୟ ରେ ଶକ୍ର ନାମକ ଆଉ ଏକ ମାନବ ଜାତି ବାସ କରୁଥିଲେ। ଓଃ, କି ଶକ୍ତି ଶାଳୀ ମଣିଷ ଥିଲେ ସେମାନେ ! ଶିକାରଠାରୁ ଲଢେଇ ପର୍ଯ୍ୟନ୍ତ, ପଥର ଅସ୍ତ୍ରଠାରୁ ତୀର ପର୍ଯ୍ୟନ୍ତ ଚଳାଇ ବାରେ କେହି ସେମାନଙ୍କର ସମକକ୍ଷ ନଥିଲେ। ସେମାନେ ଅନେକ ଅନ୍ତର୍ବିଜ୍ଞାନ ବିଦ୍ୟା ମଧ୍ୟ ଜାଣିଥିଲେ। ହିଂସ୍ର ପଶୁ ଏବଂ ମାନବ, ଜଳ ଜୀବଙ୍କଠାରୁ ଅତି ଚତୁରତାର ସହିତ ସେମାନେ ଆତ୍ମ ଗୋପନ କରି ପାରୁଥିଲେ। ବାଘ, ସିଂହ, ଷଣ୍ଢ ଆଦି ପଶୁ ମାନଙ୍କ ଉପରେ ବସି ଲଢେଇ କରୁଥିଲେ। ପୁରୁଷ ତ ପୁରୁଷ, ସେମାନଙ୍କ ନାରୀ ମାନେ ମଧ୍ୟ ବାହୁ ବଳରେ ବାଘ, ସିଂହ ଆଦିଙ୍କୁ ପରାଜିତ କରି ତାଙ୍କ ପିଠିରେ ବସି ବୁଲୁଥିଲେ। ଏହି ମାନେ ମଧ୍ୟ ଏକ ଦଳ ପତି ଜାତି ଥିଲେ। ସେମାନେ ଯେତେ ବେଳେ ଶିକାର ଉପରକୁ ଲମ୍ଫମାରୁଥିଲେ, ଉଚ୍ଚ ପର୍ବତ ବା ପଥର ଉପରୁ ତଳକୁ ଡେଉଁ ଥିଲେ, ଅଶ୍ୱ ଝପଟାଉଥିଲେ, ସେମାନଙ୍କ ଦୀର୍ଘ କେଶ ପବନରେ ମେଘ ପରି ଉଡୁଥିଲା। ହିଁ,ଅଦିତି, ସେତେବେଳେ ଉତ୍ତର ଭାରତରେ ହିମାଳୟ ଓ ସୁବର୍ଣ୍ଣ ଗିରିର ପାଦ ଦେଶଠାରୁ ଉତ୍ତରରୁ ଦକ୍ଷିଣ ଆଡ଼କୁ କ୍ଷୁଦ୍ର, ଅତି କ୍ଷୁଦ୍ର ଉଚ୍ଚତାର ବଳିଷ୍ଠ, ଦୃଢ଼ ମନା ମାନବ ଜାତି ବାସ କରୁଥିଲେ। ତାହାର ପଶ୍ଚିମରେ ବାସ କରୁଥିଲେ ମିତ୍ର ନାମକ ଏକ ସୁଗଠିତ,ସୁନ୍ଦର ମଣିଷ ମାନଙ୍କ ଜାତି। ପୁଣି ସମୁଦ୍ର ମଧ୍ୟସ୍ଥ ଦ୍ୱିପମାନଙ୍କରେ ବାସ କରୁଥିବା ଜାତି ମାନଙ୍କର ମଧ୍ୟ ଏକ ଦଳପତି ଥିଲେ। ଭାରତର ପଶ୍ଚିମ ସମୁଦ୍ର ସେପାଖରେ ତେଜୀୟାନ, କ୍ଷ , ବଳବାନ, ସାହସୀ ମଣିଷ ଜାତି ମାନେ ବାସ କରୁଥିଲେ। ଏମାନେ ସମସ୍ତେ ଶାକ ( ଆଫ୍ରିକା) ରେ ହିଁ ଜନ୍ମ ହୋଇ ଯାଯାବର ରୂପେ ବୁଲି, ବୁଲି ଗୋଟିଏ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବେ ନିଜର ଅଧିକାର ସାବସ୍ତ୍ୟ କଲେ। ଏହି ସମୟରେ ଭାରତ ରେ ଏକ ନୂତନ ପରିବର୍ତ୍ତନ ସୃଷ୍ଟି ହେଲା।

ଦକ୍ଷିଣ ଭାରତର ଦ୍ୱିପପୁଞ୍ଜମାନଙ୍କରୁ ଯାଇ ଦଳେ ମଣିଷ ହିମାଳୟର ପାଦ ଦେଶରେ ଯୋଗ ବଳରେ ସତ୍ୟର ଅନ୍ୱେଷଣ କଲେ। ଏମାନଙ୍କ ମଧ୍ୟରେ ସନତ (ବ୍ରହ୍ମା) ଏକ ସତ୍ୟର ସନ୍ଧାନ ପାଇଲେ। ସେ କହିଲେ ଯେ,ଏହି ଜଗତ କେବଳ ଏକ ବ୍ରହ୍ମରୁ ହିଁ ସୃଷ୍ଟି ହୋଇଅଛି ।ଏହି ବ୍ରହ୍ମ ଜୀବ ଓ ଜଡ ସକଳ ଘଟରେ ରହି ଅଛନ୍ତି। ତେଣୁ ଜୀବ, ଜଡ, ମାନବ, ତରୁ ବା ପଶୁ, ସମସ୍ତଙ୍କ ମଧ୍ୟ ରେ ବ୍ରହ୍ମ ବିଦ୍ୟମାନ । ମାନବ, ମାନବ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଏହି ଜଗତ ମିଥ୍ୟା ଓ ବିନାଶ ଶୀଳ। କିନ୍ତୁ ବ୍ରହ୍ମ ସତ୍ୟ ଓ ଅବିନାଶୀ। ମାନବର ପୁନର୍ଜନ୍ମ ହୁଏ ଓ ସେ କର୍ମ ଫଳ ଭୋଗ କରେ। ବିଶୃଙ୍ଖଳିତ ସ୍ୱେଚ୍ଛା। ଚାରୀ ଜୀବନ ହିଁ ପାପ ( ବେଣୁ ) । ତେଣୁ ମାନବ ନୀତି, ନିୟମ ପୂର୍ଣ୍ଣ ଶୃଙ୍ଖଳିତ ଜୀବନ ଯାପନ କରିବା ଉଚିତ୍। ଯାହା ସତ୍ୟ ତାହା ହିଁ ସନା ତନ ଧର୍ମ ଅଟେ ।ଏହି ସମୟ, ପର୍ଯ୍ୟନ୍ତ ମାନବ ପଶୁ ପରି ଅସଭ୍ୟ ଜୀବନ ଯାପନ କରୁଥିଲା । ଜୋର୍ ଯାହାର ମୁଲକ ତାହାର ନୀତିରେ ହିଂସା, ଦ୍ୱେଷ, ହତ୍ୟା ବଳାତ୍କାର ସହ ମାନବ ନୀତି, ନିୟମ, ଶୃଙ୍ଖଳା , ସଂସ୍କାର ହୀନ ସ୍ୱେଚ୍ଛାଚାରୀ ଜୀବନ ଯାପନ କରୁଥିଲା। ଏହା ବୁଦ୍ଧିମାନ, ଜ୍ଞାନୀ ଓ ଶାନ୍ତି ପ୍ରିୟ ମାନବ ଦଳଙ୍କୁ ଅତିଷ୍ଠ କରି ପକାଇଥିଲା। ତେଣୁ ସନକ, ସନନ୍ଦ ଏବଂ ସନାତନ ତାଙ୍କର ଏହି ଜ୍ଞାନକୁ ପ୍ରସାର କରିଥିଲେ। ସେହି ପର୍ଯ୍ୟନ୍ତ ପ୍ରକୃତି ଯାହା ସୃଷ୍ଟି କରି ଥିଲା, ତାହା ସ୍ୱୟଂ ଭୁବ ବ୍ରହ୍ମା ହିଁ ସୃଷ୍ଟି କରିଥିଲେ। ସେ ପ୍ରଥମ ପୁରୁଷ ଓ ନାରୀକୁ ମଧ୍ୟ ସୃଷ୍ଟି କରିଥିଲେ। ତାଙ୍କ ପରେ ବ୍ରହ୍ମ ସାଧନା ବଳରେ ସନତ ବ୍ରହ୍ମା, ବ୍ରହ୍ମାଙ୍କ ଆସନ ଗ୍ରହଣ କଲେ। ଏହାପରେ ବ୍ରହ୍ମାଙ୍କ ପ୍ରତିଭୂ ରୂପେ ଆସିଥିଲେ ଯଜ୍ଞେଶ୍ୱର ବ୍ରହ୍ମା। ସେତେ ବେଳକୁ ମାନବ ନିଜର କର୍ମମୟ ଜୀବନ ଆରଂଭ କରିଥିଲା। ସେ ଏହି ବ୍ରହ୍ମାଙ୍କ ସହିତ ସର୍ବ ଶକ୍ତିମାନ ଅନାଦି ଶକ୍ତି ରୂପେ ବିଷ୍ଣୁଙ୍କୁ ଯୋଗ କଲେ। ତାଙ୍କ ମତରେ ବିଷ୍ଣୁଙ୍କ ନାଭି କମଳରୁ ହିଁ ବ୍ରହ୍ମା ବା ବ୍ରହ୍ମଙ୍କ ଉତ୍ପତ୍ତି ହୋଇଥିଲା। ଏହି ବିଷ୍ଣୁ ମାନବ ଲୋକରେ ଶ୍ୱେତ ଦ୍ୱିପରେ ବାସ କରନ୍ତି। ଏହି ଦ୍ୱିପ ପ୍ଲକ୍ଷ ଦ୍ୱିପରେ ଅବସ୍ଥିତ। ( ଶ୍ୱେତ ସାଗର ନିକଟ,ଆଇସ୍ ଲ୍ୟାଣ୍ଡ ବା ଗ୍ରୀନ ଲ୍ୟାଣ୍ଡ) ଏହି ଦ୍ୱୀପରେ ସର୍ବାଧିକ ପ୍ରାଚୀନ ଶକ୍ତିଶାଳୀ ମାନବ ଜାତି ମାନେ ବାସ କରନ୍ତି। ସେମାନଙ୍କର ରୋଗ ପ୍ରତି ରୋଧକ ଶକ୍ତି ଅଧିକ। ସେମାନେ ଏକ ଦୀର୍ଘାୟୁ ବଳିଷ୍ଠ ଜାତି।'

ଶାକ ଦ୍ୱୀପରେ ଜନ୍ମ ହୋଇଥିବା ଆଦିମ ମାନବ , ଉତ୍ତମ ମାନବ ବା ସମ୍ପୂର୍ଣ୍ଣ ବିକଶିତ ମାନବ ସୃଷ୍ଟି ନୁହେଁ ଜାଣି ବ୍ରହ୍ମା ସନତ, ସନକ, ସନନ୍ଦ ଓ ସନାତନଙ୍କୁ ଅପେକ୍ଷା କରିଥିଲେ। କିନ୍ତୁ ସେମାନେ ବିଷ୍ଣୁ ପ୍ରେମରେ ଉନ୍ମାଦ ହୋଇ ତାଙ୍କୁ ଲାଭ କରିବାକୁ ଘର, ସଂସାରନକରି ସାରା ଜୀବନ ସାଧନାରେ ବିତାଇ ଦେଲେ। ଏହାପରେ ଯୋଗେଶ୍ୱର ବ୍ରହ୍ମା କଣ କଲେ ? ?

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ବୋହୂ ଚାଲି ନ ଜାଣଇ

ସ୍ନିଗ୍ଧା ପଣ୍ଡା



ଆସିଲା ବେଳେ ଓଢଣା ତଳେ
ବଦଳେଇବାକୁ ହେଲା ଅନେକ କିଛି
ବିସର୍ଜିଦେବାକୁ ହେଲା
ସାରା ଚପଳତା ଶାଢି ଗଣ୍ଠି ସହ ମନ ବି
ବାନ୍ଧି ହେଇଗଲା ବୋଲି ମାନିନେବାକୁ ହେଲା
ଯେତେ ସହି ସମ୍ଭାଳି
ସଂସାର ଯେମିତି ଚାହିଁଲା, ପାଦ ସେମିତି ପଡିଲା
ତଥାପି ଠରାଠରି ଚାଲିଥିଲା
ବୋହୂ ଚାଲି ନ ଜାଣଇ
ସେ ଦିନରୁ ଉଡିବାର ଡେଣା ନିଜେ କାଟି
ଶିଖିବାକୁ ହେଲା ଚାଲିବା ପାଇଁ ?

ଆସିଲା ବେଳେ ବାଟ ଯାକ ମୁଖସ୍ଥ କରିଥିଲା
ନିଆଁରେ ପୋଡିଲେ
ସୁନା ଚକ୍ ଚକ୍ କରେ ଆଉ ବାହାରି ଯାଏ ଖାଦ
ହେଲେ ଦେହକୁ ପୋଡ଼ିଲେ
ଦାଗ ବାହାରିଯାଏ କି ନାଇଁ
କିଏ ହେଲେ ବି କହି ନ ଥିଲା
ସେଇଠୁ ତ ଅଳତା ଲିଭି ନ ଥିବା ପାଦରେ
ଶିଖିଗଲା ତଥାପି
ନୂଆ ବୋହୂରୁ ସୁନା ବୋହୂ ହେବାକୁ
ନିଜକୁ ଫିଙ୍ଗିବାର ଥାଏ ବାଘ ମୁହଁକୁ
ଜଙ୍ଗଲରୁ ଭଙ୍ଗା ପାଦର କଙ୍କାଳ ଧରି
ଫେରିବା ବେଳେ ଫୁସ୍ ଫୁସ୍ ଶୁଭୁଥାଏ
ବୋହୂ ଚାଲି ନ ଜାଣଇ ସେଇଠି
ନିଜର ବିଶ୍ୱାସ ବସିପଡ଼େ ଥକ୍କା ହୋଇ ?

ଚାଲିବାର ଐଶ୍ୱର୍ଯ୍ୟ ମିଳିବାକୁ
ସେ ଆରମ୍ଭ କରେ ସ୍ୱ-ମେଧ ଯଜ୍ଞ
ସକାଳରୁ ସଞ୍ଜ, ନୂଆ ବୋହୂରୁ
ସୁନା ବୋହୂ ହବାର ଲୋଭରେ
ଅଖଣ୍ଡ ଆକାଶ ତଳେ
ପାହାନ୍ତିଆ ଠାକୁରଙ୍କଠାରୁ
ଅଧରାତିର ଦେବତାଙ୍କ ଯାଏଁ
ସଜାଡୁ ଥାଏ ଆପଣା ପାଦକୁ
କାଳକ ବିତିଯାଏ ଗୋଲକ ଧନ୍ଦାରେ
ବାଟ ଖୋଜିବାରେ
ଏଣେ କିନ୍ତୁ ଶେଷ ଯାଏଁ କଥା ଥାଏ
ବୋହୂ ଚାଲି ନ ଜାଣଇ
ଯିବା ବେଳ ଯାଏଁ ଆହା
ଚାଲିବା ଶିଖିପାରିଲା ନାହିଁ !!

+ମୋ -୯୮୬୧୩୨୩୬୫୦

## ଆସ ମାଆ କମଳିନୀ

ନଳିନୀ ଦାଶ



ଜୟ ମାତ ଅନ୍ନପୂର୍ଣ୍ଣା ସାଗର ଦୁଲଣୀ
ଜୟ ମାତ ପଦ୍ମାଳୟା ବିଷ୍ଣୁଙ୍କ ଘରଣୀ
ଜୟ ମାତ କମଳିନୀ ଅଭୟ ଦାୟିନୀ
ଜୟମାତ ହରପ୍ରିୟା ଦୁର୍ଗତିନାଶିନୀ ।

ପଉଷ ମାସଟିର ପ୍ରଥମ ଗୁରୁବାରେ
ତୁମ ପାଦେ ଭକ୍ତି ରଖି ଯିଏ ପୂଜା କରେ
ଶୁଭ ଆଶିଷ ଢ଼ାଳି ଦେଇଥାଅ ତାର ଶିରେ
ଧନ ଜନ ଗୋପ ଲକ୍ଷ୍ମୀ ଭରିଥାନ୍ତି ଘରେ ।

ଲକ୍ଷ୍ମୀ ପୂଜାକୁ ଯେ ଉପହାସ କରିଥାଏ
ଅମାରର ଧାନ ସବୁ ଅଗାଡ଼ିତ ହୁଏ
ହୀରା ସୁନା ରୂପା ପିତଳ ପାଲଟି ଯାଏ
କ୍ଷଣକରେ ମାଆ କୋପେ ଉଡ଼ିଯାଇଥାଏ ।

ଗର୍ବ ଅହଙ୍କାର କରିଥାଏ ଯେଉଁ ନାରୀ
ମାଆ ଲକ୍ଷ୍ମୀ ତୁଟାଇବେ ତାର ସୁଖଶିରୀ
ଭିକ୍ଷା ମୁଠେ ଦେବାକୁ ଯେ ହୋଇବ ଛିଙ୍କାରି
ଲକ୍ଷ୍ମୀଙ୍କର କୋପରେ ସେ ହୋଇବ ଭିକାରୀ ।

ଝୋଟି ଚିତାରେ ସବୁରି ଘର ହସୁଅଛି
ଶଙ୍ଖ ହୁଳହୁଳି ଶବ୍ଦେ ପୁରି ଉଠୁଅଛି
ମାଆ ଆଗମନେ ଧନ ଧାନ୍ୟେରେ ଭରିଛି
ସବୁ ଘରେ ପିଠା କ୍ଷୀରି ମହକି ଉଠୁଛି ।

ପଦ୍ମ ଗେଣ୍ଡୁ ଫୁଲମାନେ ମାଆର ଶରଧା
ଡାକୁଥିଲେ ଦୂର ହୁଏ ଆସୁ ଯେତେ ବାଧା
ହୃଦେ ସ୍ମରୁଥିବ ଯଦି ମାଆ ନାମ ସଦା
ପ୍ରୀତ ହୋଇ ମାଆ କରିଦେବେ ଧନ ଗଦା ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ:୯୨୩୮୯୯୬୬୪୯

## ଭାରି ଏକୁଟିଆ ଲାଗେ

ସ୍ମିତା. ଜି. ମହାପାତ୍ର



ଗବାକ୍ଷର ସୁନେଲି କିରଣକୁ ମୁଁ
କେବେ ଅପେକ୍ଷା କରେନା..
କିମ୍ବା ଆଲାର୍ମ ଘଣ୍ଟାର ଶବଦକୁ
ମୁଁ କେବେ କାନ ପାତେନା..
ମୋ ଭିତରେ ଥିବା ଦାୟିତ୍ୱବୋଧଟି
ମୋ ନିଦ୍ରିତ ଆଖି ପତାକୁ ତା ରିମୋର୍ଟରେ
ଖୋଲିଦିଏ ସଅଳ..
ଚଟାପଟ ଉଠିଯାଇ କାମ ସାରି କର୍ମକ୍ଷେତ୍ରକୁ
ଯିବାକୁ ହୁଏ ମୁଁ ବ୍ୟାକୁଳ...
ଶାନ୍ତିରେ ଖାଇବାକୁ ମୋ ପାଖେ ନ ଥାଏ ସମୟ..
ଶୀତ, କାକର, ବର୍ଷା,
ଖରାକୁ ମଧ୍ୟ ନ ଥାଏ ଭୟ..
ଥଣ୍ଡା ଜ୍ୱର କାଶ ଏସବୁ ମୋ ପାଇଁ ରୋଗ ନୁହେଁ
ପ୍ରତିକୂଳ ପରିସ୍ଥିତିରେ ମୋ ଦକ୍ଷତା
ବଢ଼ାଇବାକୁ ଔଷଧ ସତେ
ଶିକ୍ଷିତା, କର୍ମଜିବୀ ବୋଲି
ବୁଝିପାରେ ସଭିଙ୍କ ଆବେଗ
ବୁଝିପାରେ ପୁଣି କଲେ କିଏ ମୋ କର୍ମକୁ ଆକ୍ଷେପ
ମୋ ସରସ ପଣ ଝଲସେ ମୋ ସହ ସମ୍ପର୍କ ଖିଅରେ
ଗୁନ୍ଥା ହୋଇଥିବା ସବୁ କୁସୁମର ସତେଜତାରେ..
ପ୍ରାଣପଣେ ଉଦ୍ୟମ କରେ
ପୀୟୂଷର ଧାରା ବୁହାଇବାକୁ
ଶୁଖିଲା ଅଧରେ ଟିକିଏ ହସ ଫୁଟାଇବାକୁ..
କଣ୍ଟକିତ ପଥରେ ଗୋଲାପ ବିଛାଇବାକୁ..
ଦୁଃଖର ନଈରେ ପହଁରିଲା ବେଳେ ସାହା
ହୋଇ କୂଳ କିନାରାରେ ଲଗାଇବାକୁ..
ତଥାପି ରାତ୍ରିର ନିରୋଳା ପଣରେ
କାହିଁକି କେଜାଣି ଭାରି ଏକୁଟିଆ ଲାଗେ..
ପ୍ରତିଧ୍ୱନିତ ହୋଇ ଭାସି ଆସେ ଏଇ ଶବ୍ଦ
କର୍ମଜିବୀ ନାରୀଟିଏ ବୋଲି...।

+ବାରିପଦା

# ଫିଟ୍ ଇଣ୍ଡିଆ ସାଇକେଲ୍ ଚାଳନା ଅଭିଯାନ ଅନୁଷ୍ଠିତ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ମଙ୍ଗଳବାର କଟକ ସହରରେ ଫିଟ୍ ଇଣ୍ଡିଆ ସାଇକେଲ ଚାଳନା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଇକେଲ୍ ଚଳାଇବା ଏବଂ ଶାରୀରିକ ଭାବେ ଫିଟ୍ ରହିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ସାଇକେଲ୍ ଶୋଭାଯାତ୍ରା ଐତିହାସିକ କଟକ ବାରବାଟୀ ଦୁର୍ଗ ଠାରୁ ଆରମ୍ଭ ହୋଇ ସମାଜ ଅଫିସ ସାମ୍ନା ହୋଇ ୪ କିଲୋମିଟର ମାର୍ଗ ଅତିକ୍ରମ କରିବା ପରେ ବାରବାଟୀ ଷ୍ଟାଡିୟମ ପରିସରରେ ସମାପ୍ତ ହୋଇଥିଲା। ଜଗତପୁରର ସାଇ ନେସନାଲ ସେଂଟର୍ ଅଫ୍ ଏକ୍ସଲେନ୍ସ ଅନୁଷ୍ଠାନ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ, ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଓଡ଼ିଶା ପୁଲିସ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଟକ ଇନଡୋର ଷ୍ଟାଡିୟମ ଆଗରୁ ଅଲିମ୍ପିଆନ୍ ଡିପି ଇରାନୀ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ, କର୍ପୋରେଟର ଲିଜାରାଣୀ ରାଉତ, ଟିଏନ୍ ସାହୁ, ରୋଇଂ କ୍ରୀଡ଼ାବିତ୍ ରିତୁ କାଓ୍ୱଡ଼ି, ଦୀପା ଖେସ୍ ପ୍ରମୁଖ ଉପସ୍ଥିତ ଥିଲେ। ସାଇକେଲ ଶୋଭାଯାତ୍ରାରେ ବହୁ କ୍ରୀଡ଼ା ପ୍ରେମୀ, ସ୍କୁଲ ଛାତ୍ରଛାତ୍ରୀ ଓ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇ ଏହାକୁ ସଫଳ କରିଥିଲେ। ଫିଟ୍ ଇଣ୍ଡିଆ ଅଭିଯାନ, ପ୍ରଦୂଷଣ ମୁକ୍ତ ଯାତାୟାତ ପାଇଁ ସାଇକେଲ୍ ଚାଳନା ଓ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଭାରତକୁ ଏକ କ୍ରୀଡ଼ା ମହାଶକ୍ତିରେ ପରିଣତ କରିବା ସହିତ ଦେଶବାସୀଙ୍କୁ ସୁସ୍ଥତାର ବାର୍ତ୍ତା ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ରେ ଫିଟ୍ ଇଣ୍ଡିଆ ଅଭିଯାନର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଆଜି ନୂଆଦିଲ୍ଲୀରେ ଫିଟ୍ ଇଣ୍ଡିଆ ସାଇକେଲ ଚାଳନା ଅଭିଯାନର ଶୁଭାରମ୍ଭ କରିଥିଲେ । ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତୀୟ ସାଇକ୍ଲିଂ ଆସୋସିଏସନ, ମୋ ଭାରତ, ସାଇ ଆଂଚଳିକ କେନ୍ଦ୍ର, ନେସନାଲ ସେଂଟର ଅଫ୍ ଏକ୍ସଲେନ୍ସି, ଖେଲୋ ଇଣ୍ଡିଆ ସେଂଟର ଏବଂ ଜିଲ୍ଲା ପ୍ରଶାସନଗୁଡ଼ିକର ସହାୟତାରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଫିଟ୍ ଇଣ୍ଡିଆ ସାଇକେଲ୍ ଚାଳନା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କଟକ ଠାରେ ମଧ୍ୟ ସମାନ ଧରଣର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଚଳିତ ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ପରିବର୍ତ୍ତନଶୀଳ ଯାତ୍ରାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତିରେ ପରିଣତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି । ଏହି ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ଏବଂ ଉନ୍ମୋଚନ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି।

ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲ ଶିକ୍ଷା ଓ ଉଚ୍ଚଶିକ୍ଷାର ଅଗ୍ରଗତି ସମ୍ପର୍କରେ ଶ୍ରୀ ପ୍ରଧାନ ଆଲୋକପାତ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ଭିତ୍ତିଭୂମି ମଜଭୁତ୍ ହେବା ସହ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁବିଧାରେ ବ୍ୟାପକ ବୃଦ୍ଧି ପାଇଛି । ବିଦ୍ୟାଳୟ ଭିତ୍ତିଭୂମି ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ଉନ୍ନତି ଠାରୁ ଆରମ୍ଭ କରି ନାରୀଶକ୍ତିର ସଶକ୍ତୀକରଣ ଏବଂ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହୋଇଛି ।

ଏହାର ବିସ୍ତୃତ ସୂଚନା ଦେଇ ସେ କହିଛନ୍ତି ଯେ ୨୦୧୩-୧୪ରେ ଦେଶର ୫୩ ପ୍ରତିଶତ ସ୍କୁଲରେ ବିଜୁଳି ଥିବା ବେଳେ ୨୦୨୩-୨୪ରେ ୯୧.୮ ପ୍ରତିଶତ ସ୍କୁଲରେ ବିଜୁଳି ପହଞ୍ଚିଛି । କମ୍ପ୍ୟୁଟର, ପାଠାଗାର, ଖେଳ ପଡ଼ିଆ ଭଳି ମୌଳିକ ସୁବିଧାରେ ମଧ୍ୟ ଅଭୂତପୂର୍ବ ବୃଦ୍ଧି ଘଟିଛି । ୨୦୧୩-୧୪ରେ ମାତ୍ର ୭.୧% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ଥିବା ବେଳେ ୨୦୨୩-୨୪ରେ ୫୪% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି। ଏବେ ଶତ ପ୍ରତିଶତ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ସ୍ୱଚ୍ଛତାର ମାନଦଣ୍ଡରେ ଆମେ ପ୍ରାୟ ୧୦୦% ଆଡକୁ ଅଗ୍ରସର ହେଉଛୁ। ୨୦୧୩-୧୪ ତୁଳନାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଅଧିକ ପ୍ରତିଶତ ସ୍କୁଲ ରହିଛି । ୨୦୧୩-୧୪ରେ ଏହା ୫୬.୮% ଥିବାବେଳେ ୨୦୨୩-୨୪ରେ ଏହା ୭୭%କୁ ବୃଦ୍ଧି ପାଇଛି । ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂର କରିବା ଏବଂ ଭିନ୍ନକ୍ଷମ ପିଲାଙ୍କ ପାଇଁ ଶତ ପ୍ରତିଶତ ଉପଲବ୍ଧତା ଦିଗରେ ଆମେ କାର୍ଯ୍ୟ କରୁଛୁ । ଗତ ୧୦ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ପିଛା ପିଛା ଖର୍ଚ୍ଚ ୧୩୦% ବୃଦ୍ଧି ପାଇଛି। ୨୦୧୩-୧୪ ବଜେଟରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଖର୍ଚ୍ଚର ପରିମାଣ ୧୦,୭୮୦ ଟଙ୍କା ଥିବା ବେଳେ ୨୦୨୧-୨୨ ବଜେଟରେ ଏହା ୨୫,୦୪୩ ଟଙ୍କାକୁ ବୃଦ୍ଧି ପାଇଛି ।

ଆଜିକାଲି ଭାରତର ସମସ୍ତ ଅନୁସୂଚିତ ଭାଷାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଡିଜିଟାଲ ବହି ଉପଲବ୍ଧ ହୋଇଛି । ବିଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ବୋର୍ଡରେ ଗୁଣାତ୍ମକ ଓ ମାତ୍ରାତ୍ମକ ଉନ୍ନତି ଘଟିଛି। ୨୦୧୩-୧୪ରେ ଦଶମ ଶ୍ରେଣୀର ପାସ୍ ହାର ୫୮% ଥିବା ବେଳେ ଆଜି ତାହା ୯୫.୫%କୁ ବୃଦ୍ଧି ପାଇଛି। ଦଶମ ଶ୍ରେଣୀର ପାସ୍ ଅନୁପାତରେ ୬୪% ବୃଦ୍ଧି ଘଟିଛି। ଦଶମ ଶ୍ରେଣୀରେ ଛାତ୍ରୀଙ୍କ ପାସ୍ ଅନୁପାତରେ ୭୨% ବୃଦ୍ଧି ଘଟିଛି। ଗତ ୧୦ ବର୍ଷ ମଧ୍ୟରେ ମହିଳା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ସେହିପରି ପିଏମ୍ ପୋଷଣରେ କେନ୍ଦ୍ର ସରକାରଙ୍କ ନିବେଶ ଯଥେଷ୍ଟ ବୃଦ୍ଧି ପାଇଛି । ଏହି ଯୋଜନାରେ ୨୦୧୪-୨୦୨୪ ମଧ୍ୟରେ ୧.୦୪ ଲକ୍ଷ କୋଟିରୁ ଅଧିକ ଆବଣ୍ଟନ କରାଯାଇଛି, ଯାହା ପୂର୍ବ ଦଶନ୍ଧିରେ ୭୧,୫୨୫ କୋଟି ଟଙ୍କା ଥିଲା । ପ୍ରାଥମିକ ଓ ବାଲବାଟିକା ଶ୍ରେଣୀ ପାଇଁ ଭୋଜନର ସାମଗ୍ରୀ ମୂଲ୍ୟ ୫.୪୫ ଟଙ୍କାରୁ ୬.୧୯ ଟଙ୍କା କରାଯାଇଛି ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ୮.୧୭ ଟଙ୍କାରୁ ୯.୨୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ବୃଦ୍ଧି ଯୋଗୁଁ ୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୪୨୫.୬୨ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବେ । ଉଚ୍ଚ ଶିକ୍ଷା କ୍ଷେତ୍ର ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦୀ ସରକାରରେ ଦେଶରେ ଉଚ୍ଚ ଶିକ୍ଷାନୁଷ୍ଠାନର ସଂଖ୍ୟା ୧୪% ବୃଦ୍ଧି ପାଇଛି ।

# ବେଆଇନ ଚାନ୍ଦା ଆଦାୟ ଓ ଆକ୍ରମଣ ଘଟଣାରେ ପୁଣି ଜଣେ କୋର୍ଟଚାଲାଣ

କୋରେଇ, ୧୮/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ପଳସା ଠାରେ ଗତ ୧୦ ତାରିଖ ଦିନ ଭୋରରୁ ମାଧପୁରସ୍ଥିତ ମା ସୁବର୍ଣ୍ଣମୁଖି ଟ୍ରକ ଓ ଟିପର ଆସୋସିଏସନର ଉପସଭାପତି ମାନସ ରଂଜନ ଧଳଙ୍କ ଉପରେ ଚାନ୍ଦା ଆଦାୟକାରୀଙ୍କ ଆକ୍ରମଣ ଘଟଣାରେ ପୁଲିସ ୧୩ ତାରିଖ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ପୁଣି ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶ ଯେ, କୋରେଇ ଓ ପାଣିକୋଇଲି ଥାନା ଅଂଚଳରେ ଚାଲିଥିବା ବାଲିଗାଡିରୁ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଛି । ବିଭିନ୍ନ ସ୍ଥାନରେ ବାରମ୍ବାର ବାଲି ଗାଡି ଚାନ୍ଦା ଦେଇଦେଇ ନୟାନ୍ତ ହେଉଛନ୍ତି । ଏ ନେଇ ମାଧପୁରସ୍ଥିତ ମା ସୁବର୍ଣ୍ଣମୁଖି ଟ୍ରକ ଏବଂ ଟିପର ଓନର୍ସ ଆସୋସିଏସନ ନିକଟରେ ଚାଳକ ମାନେ ଅଭିଯୋଗ କରିଥିଲେ। ଫଳରେ ଆସୋସିଏସନ ପକ୍ଷରୁ ଉପସଭାପତି ମାନସ ରଂଜନ ଧଳଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ଜେନା, ସୁକାନ୍ତ ଧଳ ପ୍ରମୁଖ ଟ୍ରକ ମାଲିକ ଏକ କାର ଯୋଗେ ସଠିପୁର ଠାରୁ ବରୁଣ୍ଡାଇ ଅଭିମୁଖେ ଯାଉଥିଲେ । କରଦା ପଂଚାୟତ ପଳସା ଗ୍ରାମ ଛକ ଠାରେ ପଳସା ଗ୍ରାମର ରମାକାନ୍ତ ବାରିକ, ଅମରେନ୍ଦ୍ର ବାରିକ, କାହ୍ନୁ ସାହୁ, ଅବିନାଶ ବାରିକ, ହରେକୃଷ୍ଣ ସାହୁ, ମୁନା ଶିଅଳ, କାଳିଆ ଭୁଇ, ପଙ୍କଜ ମହାପାତ୍ର, ପ୍ରଦୀପ ମହାପାତ୍ର, ପବିତ୍ର ସେଠୀ, ଶରତ ଖଣ୍ଡାଇ, , ସୌରଭ ସାହୁ, ସତ୍ୟବ୍ରତ ପଣ୍ଡାଙ୍କ ସମତେ ୩୦ରୁ ଉର୍ଦ୍ଧ ବ୍ୟକ୍ତି ଖଣ୍ଡା ଭୁଜାଲି ଓ ମାରଣାସ୍ତ୍ର ଧରି ଗାଡିକୁ ଅଟକାଇ ହଠାତ୍ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ମାନସ ଧଳଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ଅନ୍ୟମାନଙ୍କୁ ମାଡ ମରିବା ସହିତ ନଗଦ ଅର୍ଥ ଓ ସୁନା ଚେନ ଛିଡାଇ ନେଇଥିଲେ ଓ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ଏନେଇ ମାନସଙ୍କ ସମେତ ସୁବର୍ଣ୍ଣମୁଖି ଟ୍ରକ ଓନର୍ସ ଆସୋସିସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ୪୪୫/୨୪ ରୁଜୁ କରି ତଦନ୍ତ ଚାଲୁ ରଖିଥିଲା । ତେବେ ସୋମବାର ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ବାଉରିବନ୍ଧୁ ବାରିକଙ୍କ ପୁଅ ରମାକାନ୍ତ ବାରିକ (୩୯) ସମ୍ପର୍କୀୟଙ୍କ ଘରେ ଲୁଚି ଥିବାର ଜାଣି ପୁଲିସ ରମାକାନ୍ତକୁ ଉଠାଇ ଆଣିଥିଲା । ଆଜି ତାକୁ କୋର୍ଟଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ବିଶ୍ୱରଂଜନ ଦାସ ଜଣାଇଛନ୍ତି ।

## ପ୍ରଭୁ ଗୁପ୍ତେଶ୍ୱରଙ୍କ ଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ

ଜୟପୁର, ୧୮/୧୨ (ନି.ପ୍ର): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଗସ୍ତରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଆଜି ସକାଳେ ପୀଠରେ ପହଂଚିବା ପରେ ରାଜସ୍ୱ ମନ୍ତ୍ରୀ ପ୍ରଥମେ ଗୁପ୍ତେଶ୍ୱର ଠାକୁରଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ଗୁପ୍ତେଶ୍ୱର ପୀଠର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଗୁପ୍ତେଶ୍ୱର ପୀଠ ଜାତୀୟ ସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ହେବା ଆବଶ୍ୟକ ବୋଲି କହିଥିଲେ । ପୀଠରେ ବୟସ୍କ ବ୍ୟକ୍ତି କିପରି ସୁବିଧାରେ ଦର୍ଶନ କରିବେ ସେ ନେଇ ଚିନ୍ତା ପ୍ରକଟ କରିଥିଲେ ।

ଏହି ଅବସରରେ ମନ୍ତ୍ରୀଙ୍କୁ ବିଭିନ୍ନ ସଂଗଠନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୀଠର ବିଭିନ୍ନ ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ସହ ଭୁବନେଶ୍ୱର ଠାରେ ଆଲୋଚନା କରିବା ପାଇଁ ନିଷ୍ପତି ନିଆଯାଇଛି ବୋଲି ପ୍ରତିକ୍ରିୟା ରଖିଥିଲେ ।

## ରାଜ୍ୟ ସ୍ତରୀୟ ସତ୍ୟସାଇ କ୍ରିକେଟ : ଇଲେଭେନଷ୍ଟାର ଯାଜପୁରକୁ ହରାଇ ଫାଇନାଲରେ ୟୁନିକ ଭଦ୍ରକ

ଧର୍ମଶାଳା, ୧୮/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡିଆରେ ୪୧ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ପ୍ରଥମ ସେମିଫାଇନାଲ ମ୍ୟାଚରେ ଇଲେଭେନଷ୍ଟାର ଯାଜପୁରକୁ ୨୫ ରନରେ ହରାଇ ପ୍ରଥମ ଦଳଭାବେ ୟୁନିକ୍ ଏକାଡେମୀ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି । ୟୁନିକ୍ ଭଦ୍ରକ ପ୍ରଥମେ ଟସ୍ ରେ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆକାଶ ମହାପାତ୍ର ୭୩ ରନ ସଂଗ୍ରହ କରିଥିଲେ । ଜବାବରେ ୧୯୨ ରନର ବିଜୟ ଲକ୍ଷ୍ୟ ନେଇ ଇଲେଭେନଷ୍ଟାର ୧୯.୫ ଓଭରର ସମ୍ମୁଖୀନ ହୋଇ ସମସ୍ତ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ଟୁର୍ଣ୍ଣାମେଂଟରୁ ବିଦାୟ ନେଇଥିଲା । ଫଳରେ ପ୍ରଥମ ଦଳଭାବେ ୟୁନିକ୍ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି । ଯାଜପୁର ପକ୍ଷରୁ ବାଦଲ ମିଶ୍ର ୪୨ ରନ ସଂଗହ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ସେନାପତି ଯୋଗ ଦେଇ ଆକାଶଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଖେଳକୁ ଶରତ ଜେନା ଓ ସନ୍ତୋଷ ପତି ପରିଚାଳନାରେ କରିଥିଲେ । ଭାଷ୍ୟକାର ଓ ସ୍କୋରରଭାବେ ପ୍ରୀୟନାଥ ରାଉତ,ଅରୁଣ କୁମାର ପତି, ଇମ୍ରାନ୍ ଖାଁନ, ଶ୍ରଦ୍ଧାସୁମନ ସାହୁ, ଚିନ୍ମୟ ଦଳାଇ, ସୁନିଲ ସାହୁ, ବଳରାମ ସାହୁ, ଉତ୍କଳ ଜେନା, ହେମନ୍ତ ସାହୁ, ଦିଲ୍ଲୀପ ଜେନା, ରଂଜିତ ନାୟକ, ରଘୁନାଥ ଜେନା ଓ ମାଧବାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ । ବୁଧବାର ଦିନ ୩ୟ କ୍ୱାଟରଫାଇନାଲ ମ୍ୟାଚ ପାୟନିଅର ପୁରୀ କ୍ରିକ୍ରେଟ କ୍ଲବ ଓ ମର୍ଣ୍ଣିଙ୍ଗ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

# ସାନ୍ତାଳୀ ଭାଷା ତଥା ଅଲ୍‌ଚିକି ଲିପିରେ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ସାନ୍ତାଳୀ ଲେଖକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

କେନ୍ଦୁଝର, ୧୮/୧୨ (ନି.ପ୍ର): କଏ ରୁ ଚଏ ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ଚିନ୍ତା କରୁଛନ୍ତି। ଆଜି କେଉଁଝର'ର ଅଶୋକ ବାଟିକା ଠାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡିଶା ଶାଖାର ସପ୍ତମ ବାର୍ଷିକ ସମ୍ମିଳନୀ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୨୫ ମସିହାରେ ଅଲ୍‌ଚିକି ଲିପିର ସୃଷ୍ଟି ହୋଇଥିଲା। ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍ କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଏହି ଅବସରରେ ସ୍ମରଣ କରିବା ସଙ୍ଗେସଙ୍ଗେ ୨୦୨୫ରେ ଏହି ଲିପି ସୃଷ୍ଟି ହେବାର ଶତ ବାର୍ଷିକୀକୁ ଏକ ମିଶନ ଭାବରେ ନେଇ ୨୦୨୫" କୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୫ ସୁଦ୍ଧା ଯଦି ସମସ୍ତେ ଅଲ୍ ?ଚିକି ଲିପି ତଥା ସାନ୍ତାଳୀ ଭାଷାରେ ଶିକ୍ଷା ଗ୍ରହଣ କରିପାରିଲେ ତେବେ, ପଣ୍ଡିତ ମୁର୍ମୁଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସେ କହିଥିଲେ। ଏହି କ୍ରମରେ ଓଡିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର ?ୟନ୍ତ ଶିକ୍ଷାର ପ୍ରଚଳନ ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋଟେ ଜାତିର ଉନ୍ନତି ତଥା ପରିଚୟ ପାଇଁ ମାତୃଭାଷା ହିଁ ସର୍ବଶ୍ରେଷ୍ଠ ଅଟେ। ସାନ୍ତାଳୀ ଭାଷା ୨୦୦୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ତଥା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଯୋଗୁଁ ଭାରତର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନୀତ ହୋଇ ଆମର ଗୌରବ ବୃଦ୍ଧି କରିଛି। ତେଣୁ, ତାଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ।

ସାନ୍ତାଳୀ ଲେଖକ ମାନେ ନିଜର ଲେଖନୀ ବଳରେ ଜାତିର ଭାଷା, ସଂସ୍କୃତି, ପରମ୍ପରା ଓ ଶିକ୍ଷାର ବହୁଳ ପ୍ରଚାର ପ୍ରସାର ପାଇଁ ନିସ୍ୱାର୍ଥପର ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଭିନ୍ନ ଭାଷାରେ ଲିଖିତ ପ୍ରସିଦ୍ଧ ପୁସ୍ତକକୁ ସାନ୍ତାଳୀରେ ଓ ସାନ୍ତାଳୀ ଭାଷାରେ ଲିଖିତ ବିଭିନ୍ନ ଶିକ୍ଷଣୀୟ ପୁସ୍ତକକୁ କିପରି ଅନ୍ୟ ଭାଷାକୁ ଅନୁବାଦ ହୋଇ ପାରିବ ସେଥି ନିମନ୍ତେ ଉଦ୍ୟମ କରିବାକୁ ଲେଖକ ମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ଅନୁବାଦ ସାହିତ୍ୟ ଏବଂ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରିବା ପ୍ରତ୍ୟେକ ଲେଖକଙ୍କର ପ୍ରାଥମିକତା ହେବା ଆବଶ୍ୟକ। ଆଦିବାସୀ ମାନଙ୍କ ସାମୂହିକ ବିକାଶ ପାଇଁ ସମସ୍ତଙ୍କୁ ଏକ ହୋଇ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଶିକ୍ଷାର ସ୍ରୋତରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା "ବିକଶିତ ଓଡିଶା ୨୦୩୬"ରେ ଆଦିବାସୀ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବ ବୋଲି ସେ କହିଥିଲେ। ଏକ ବିକଶିତ ଓଡିଶା ତଥା ବିକଶିତ ଭାରତ ଗଠନରେ ଆଦିବାସୀ ସମ୍ପ୍ରଦାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ସ୍ୱର୍ଗତ କାନ୍ଦ୍ରା ମୁର୍ମୁ ଏବଂ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରୂପଚାନ୍ଦ ହାଁସଦାଃଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେସଙ୍ଗେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର ସାହିତ୍ୟ ପତ୍ରିକା ତଥା ସ୍ମରଣିକା ଉନ୍ମୋଚନ କରିଥିଲେ। ସାନ୍ତାଳୀ ସାହିତ୍ୟରେ ବିଶେଷ ଅବଦାନ ନିମନ୍ତେ ଶ୍ରୀ ସୁରେଶ କୁମାର ହେମ୍ବ୍ରମ ତାଙ୍କର ପୁସ୍ତକ " ସୋନାଲି ଘାରଂଜ୍" ପାଇଁ ଶ୍ୟାମ ସୁନ୍ଦର ହେମ୍ବ୍ରମ ସମ୍ମାନ ୨୦୨୪, ଶ୍ରୀ ଦୁର୍ଗା ସୋରେନଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ- "ଉନି କୁଳିଦ ଅକୟ" ପାଇଁ ଯୁବ ପୁରସ୍କାର, ଶ୍ରୀମତୀ ଆର୍ସୁ ହାଁସଦାଃ ଙ୍କୁ ତାଙ୍କ କବିତା ପୁସ୍ତକ "ଆରସି" ପାଇଁ ଯଦୁମଣି ବେଶ୍ରା ସମ୍ମାନ ଏବଂ ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ବିଶିଷ୍ଟ ଲେଖକ ତଥା ସମାଜସେବୀ ଲକ୍ଷ୍ମଣ ମାର୍ଣ୍ଡିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥି ସହିତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୃଣମୂଳ ସ୍ତରରେ ସାନ୍ତାଳୀ ଲେଖକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଭାଗବତ ହେମ୍ବ୍ରମ, ଗୋବିନ୍ଦ ହାଁସାଦାଃ, ମୋହନ ସୋରେନ୍, ମଧୁସୂଦନ ମୁର୍ମୁ ଓ ଜ୍ୟୋତିଲାଲ୍ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ମାନୀତ କରିଥିଲେ। ଏହି ଅବସରରେ ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ପ୍ରଶଂସିତ ସାନ୍ତାଳୀ ଲିପିର ଟାଇପ୍ ବୋର୍ଡର ପ୍ରଚଳନ ପାଇଁ ରାମଜିତ୍ ଟୁଡୁ ଏବଂ ୟୁଟ୍ୟୁବର ଲବ ହାଁସଦାଃଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନୀତ କରିଥିଲେ।

ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାରଶକଣା ବିଧାୟକ ଭାଦବ ହାଁସଦାଃ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାନ୍ତାଳୀ ସାହିତ୍ୟ ଏକାଡେମୀ ନୂଆ ଦିଲ୍ଲୀର ପୂର୍ବତନ ସଂଯୋଜକ ମଦନ ମୋହନ ସୋରେନ୍ ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ।

# ଗାୟତ୍ରୀ ପରିବାର ତରଫରୁ ବିଭିନ୍ନ ବିଦ୍ୟାଳୟରେ କନ୍ୟା କୌଶଳ ଶିବିର ଅନୁଷ୍ଠିତ

ଜୟପୁର, ୧୮/୧୨ (ନି.ପ୍ର): ଜୟପୁର ଗାୟତ୍ରୀ ପରିବାର ତରଫରୁ ବିଭିନ୍ନ ସ୍ଥାନରେ ଯଥାକ୍ରମେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବାମୁଣିପୁଟ ହାଇସ୍କୁଲ, ହରଡ଼ାପୁଟ ହାଇୟର ସେକେଣ୍ଡାରୀ ସ୍କୁଲ ଠାରେ କନ୍ୟା କୌଶଳ ଶିବିର ସହ ଆସ ଗୋଡ଼ୀ ବା ସଂସ୍କାର ବାନ ପିଢ଼ି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇ ଅଛି । ଯାହାର ପରିଚାଳନା କରିଥିଲେ ଉଷା ରାଣୀ ମିଶ୍ର ଓ ଜିଲ୍ଲା ପ୍ରମୁଖ ରତ୍ନମ୍ବାରା ପାତ୍ର ଓ ଜୟପୁର ମୋଡର୍ନ ଇଂଲିଶ ମିଡ଼ିଅମ୍ ସ୍କୁଲ , ଦିଗାପୂର୍ ହାଇସ୍କୁଲ , ପ୍ରାଇମାରୀ ସ୍କୁଲ , ଓ ବାମୁନିପୁଟ ହାଇୟାର୍ ସେକେଣ୍ଡରେ ସ୍କୁଲ ଠାରେ ଶାନ୍ତି କୁଞ୍ଜ ହରିଦ୍ୱାର ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ରୁ ଆଗତ ସୁମନ ଯାଦବ ,ସୃଷ୍ଟି ପଟେଲ ,ପୋଲକ୍ ସୋନି ଆୟୁର୍ବେଦ ସହ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ, ବାଲିଆ ରେ ସନ୍ଧ୍ୟା ୬.୦୦ଘ୍ ସମୟ ରେ ଦୀପ ମହାଯଜ୍ଞ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରି ଥିଲେ ଜିଲ୍ଲା ରଚନାତ୍ମକ ପ୍ରୋକୋଷ୍ଟ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି , ଜ୍ୟୋତି ରଥ ପରିଚାଳନା ପ୍ରମୁଖ ଅନିଲ ଦାସ , ବ୍ଲକ୍ ପ୍ରମୁଖ ଗଙ୍ଗାଧର ପାଣିଗ୍ରାହି ,ମମତା ପାଣିଗ୍ରାହି , ଦମୟନ୍ତୀ ସାହୁ ,ସରସ୍ୱତୀ ପରିଛା , ରଶ୍ମିତା ସିଷା।, ଶୁଭଶ୍ରୀ ପାଣିଗ୍ରାହି , ସରୋଜିନୀ ପଟ୍ଟନାୟକ , ଜ୍ୟୋତି ଶତପଥୀ ,ସଂଯୁକ୍ତା। ନାୟକ ତନୁଜା ପଣ୍ଡା ,ସବିତା ପଣ୍ଡା , ଗୋପାଳ ପାତ୍ର , ମମତା ପାତ୍ର ଆସନ୍ତା କାଲି ୧୮/୧୨/୨୪ ଦିନ ପବ୍ଲିକ ସ୍କୁଲ,ଭି ଡି କଲେଜ ,ହାଇଟେକ୍ କଲେଜ, ହରଡ଼ାପୁଟ ଆଶ୍ରମ ସ୍କୁଲ୍ ରେ କରିବାର ଯୋଜନା ରହିଅଛି ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଚମ୍ପୁଆ, ୧୮/୧୨ (ନି.ପ୍ର): ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଚମ୍ପୁଆ କୃଷି ବିଭାଗ ପକ୍ଷରୁ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇ ଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, କେନ୍ଦୁଝର ସାଂସଦଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ସିଦ୍ଧାର୍ଥ ସିଂ, ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଚମ୍ପୁଆ ବ୍ଲକ ଉପାଧ୍ୟକ୍ଷା ଚମ୍ପାବତି ମହାକୁଡ, ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, କେନ୍ଦୁଝର କୃଷି ନିର୍ବାହୀ ଯନ୍ତ୍ରୀ ସମର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କଇଁନ୍ତା ଗ୍ରାମର କଳାକାର ମାନଙ୍କ ଦ୍ୱାରା ଆଦିବାସୀ ହୋ ନୃତ୍ୟର ତାଳେ ତାଳେ ଅତିଥି ମାନଙ୍କୁ ପାଛୋଟି ନିଆ ଯାଇଥିଲା। ମୁଖ୍ୟ ଅତିଥି ଏହି ଉପଖଣ୍ଡ ସ୍ତରୀୟ କୃଷି ମେଳାକୁ ଫିତା କାଟି ଉଦଘାଟନ କରିବା ପରେ ସମ୍ମାନିତ ଅତିଥି ମାନଙ୍କ ଗହଣରେ କୃଷି ମେଳାରେ ଲାଗିଥିବା ଷ୍ଟଲ ଗୁଡ଼ିକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ସହ ଓଡ଼ିଶୀ ନୃତ୍ୟ ପରିବେଷଣ କରା ଯାଇଥିଲା। ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷୀ ମାନେ କିପରି ନିଜର କୃଷି ଉତ୍ପାଦନକୁ ବଢାଇ ପାରିବେ ତା ଉପରେ ଅତିଥି ମାନେ ନିଜ ନିଜ ମତବ୍ୟକ୍ତ କରିଥିଲେ। ଚାଷୀଙ୍କୁ ଉନ୍ନତ ମାନର ଏବଂ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦେବା ଲକ୍ଷରେ ଏହି ମେଳାର ଆୟୋଜନ କରା ଯାଇଥିବା ବେଳେ ସମଗ୍ର କେନ୍ଦୁଝର ଜିଲ୍ଲାରୁ କୃଷି ଯନ୍ତ୍ରପାତି ଓ ଜଳ ସେଚନ ଯନ୍ତ୍ରପାତି ଡିଲର ମାନେ ଏଥିରେ ଅଂଶ ଗ୍ରହଣ କରି ଚାଷୀଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆ ଯାଉଥିବା ରିହାତି ବିଷୟରେ ଅବଗତ କରିବା ସହିତ କୃଷି ଯନ୍ତ୍ରପାତିର ବ୍ୟବହାର ସଂପର୍କରେ ବୁଝାଇ ଥିଲେ। ଏହା ବ୍ୟତୀତ ମୃତିକା ସଂରକ୍ଷଣ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ଓଡ଼ିଶା କୃଷି ଶିଳ୍ପ ନିଗମ, ସୌର ଚାଳିତ ଜଳ ସେଚନ ଯନ୍ତ୍ରପାତି, ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ, ଓଡ଼ିଶା ମିଲେଟ ମିଶନ ପରି ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୫୧ ଟି ଷ୍ଟଲ ଖୋଲା ଯାଇ ଚାଷୀଙ୍କୁ ବିଭିନ୍ନ କୃଷି ସମ୍ବନ୍ଧୀୟ ପରାମର୍ଶ ଦିଆ ଯାଇଥିଲା। କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାସ ଓ ସହକାରୀ କୃଷି ଅଧିକାରୀ ରମାମଣି ସାହୁ ପରିଚାଳନା କରିଥିବା ବେଳେ ହରିଓମ୍ ପାଣିଗ୍ରାହୀ, ଯୋଡ଼ା ବ୍ଲକ କୃଷି ଅଧିକାରୀ ସଂଯୁକ୍ତା ମୁଣ୍ଡା, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର, ଝୁମ୍ପୁରା ବ୍ଲକ କୃଷି ଅଧିକାରୀ ସମତା ମହାନ୍ତ, ସହକାରୀ କୃଷି ଅଧିକାରୀ ରତିକାନ୍ତ ମହାନ୍ତି, ପାଟଣା ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଖି ପ୍ରମୁଖଙ୍କ ସହିତ ବିଭାଗୀୟ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ପାଟଣା ବ୍ଲକ ସହକାରୀ କୃଷି ଅଧିକାରୀ ପରେଶ ଦାସ ମଂଚ ପରିଚାଳନା କରିଥିଲେ। ଏହି ମେଳାରେ ଚମ୍ପୁଆ, ଯୋଡା ଓ ଝୁମ୍ପୁରା ବ୍ଲକର ଦୂର ଦୁରାନ୍ତରୁ ଆସିଥିବା ଶତାଧିକ କୃଷକ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ। ଏହି କୃଷି ଯନ୍ତ୍ରପାତି ମେଳା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

# ପୁଇଁତଲା ବ୍ଲକ ସ୍ତରୀୟ ଓଷ୍ଟା ଶିଶୁମେଳା ଉଦ୍‌ଯାପିତ

ବଲାଙ୍ଗିର, ୧୮/୧୨ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ପଂଚାୟତ ହାଇସ୍କୁଲ ବୈରାସର (ଅର୍ଜୁଣ୍ଡା)ଠାରେ ବ୍ଲକ ସ୍ତରୀୟ ଓଷ୍ଟା ଶିଶୁ ମେଳା ଉଦଯାପିତ ହୋଇଯାଇଛି । ଓଷ୍ଟା ବ୍ଲକ ସଭାପତି ରୁଦ୍ରମଣି କର୍ମୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବକୁ ଅବସର ପ୍ରାପ୍ତ ସହକାରୀ ଜିଲ୍ଲାପାଳ ବିଜ୍ଞାନ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରି ଶିଶୁ ଦେଶର ଅମୁଲ୍ୟ ସମ୍ପଦ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ରାଜେନ୍ଦ୍ର ବିଜୟ ସାହୁ ଶିଶୁ ମାନଙ୍କର ସର୍ବବିଧ ଉନ୍ନତି ଉପରେ ଦେଶର ଉନ୍ନତି ନିର୍ଭର କରୁଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡ. ବି.ଏନ. ଶ୍ରୀକାନ୍ତ ଓ ଶିକ୍ଷାବିତ ଅଶୋକ ମେହେର ମଂଚାସୀନ ଥିଲେ । ଓଷ୍ଟା ବ୍ଲକ ସମ୍ପାଦକ ପୂର୍ଣଚନ୍ଦ୍ର ମେହେର କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ କ୍ଷ ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାରେ ବର୍ଷା ମହାକୁର, ସାଧାରଣ ଜ୍ଞାନ ରେ ଶ୍ରଦ୍ଧା ମହଲା, କବିତା ରଚନା ରେ ଗିରିସୁତା ଷଷଣ୍ଡ, ଚିତ୍ରାଙ୍କନ ରେ ଆୟୁଷ ମେହେର, କୁଇଜ ରେ ତ୍ରିଶାମୟୀ ବାରିକ, ଏକକ ଅଭିନୟ ରେ ବର୍ଷା ମହାର, କଣ୍ଠ ସଂଗୀତ ରେ ତ୍ରିଶାମୟୀ ବାରିକ,ଏକକ ନୃତ୍ୟ ରେ ଶ୍ରୀୟା ବାରିକ, ଗଳ୍ପ ଲିଖନ ରେ ଆୟୁଷ ମେହେର, କବିତା ଆବୃତି ରେ ବର୍ଷା ମହାକୁର ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ଶିଶୁମେଳା ରେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରଯାଇଥିଲା । ଉଦଯାପନୀ ଉତ୍ସବରେ ପୂର୍ବତନ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ବାବୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ତାରାକାନ୍ତ ମିଶ୍ର ଯୋଗଦେଇ ସୁସ୍ଥ ନୈତିକ ସମାଜ ଗଠନ ପାଇଁ ଶିଶୁ ସମାଜକୁ ସଜାଡ଼ିବା ଉଚିତ ବୋଲି କହିଥିଲେ ।

# ବିରୋଧୀ ବଳ ଜୁଟାଇଲେ : ଜନଶୁଣାଣିରେ ବନ୍ଦରକୁ ବିରୋଧ କଲେ

ଲଙ୍ଗଳେଶ୍ୱର , ୧୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଚୌମୁଖ ଠାରେ ସୁବର୍ଣ୍ଣରେଖା ବନ୍ଦରକୁ ନେଇ ଜିଲ୍ଲା ପ୍ରଶାଶନ ଓ ପ୍ରଦୂଷଣ ବୋର୍ଡ ତରଫରୁ ଡଗରା ମକର ମେଳା ପଡିଆରେ ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ମୁଖ୍ୟ ମନ ମୋହନ ମୁର୍ମୁ ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ପରିଚାଳନାରେ ଶିବିରର ସଫଳତା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଉଭୟ



ସପକ୍ଷବାଦୀ ଏବଂ ବିପକ୍ଷବାଦୀ ନିଜର ମତାମତ ଉପସ୍ଥାପନ କରିଥିଲେ। ନିଜର ଭିଟାମାଟି ହରାଇବା ନାହିଁ କି ଜୀବନ ଜୀବିକା ଏକ କମ୍ପାନୀ ହାତରେ ଟେକିବୁ ନାହିଁ, ସବୁଜିମା ଭରା କ୍ଷେତ୍ରରୁ ଫସଲ ସମୁଦ୍ରରୁ ମାଛ ,ପାନ,ଧାନ, ଗୁଆ, ନଡ଼ିଆ, ସପେତା ବିକ୍ରି କରି ଆମେ ବେଶ୍ ଖୁସିରେ ଅଛୁ। ଯଦି ସରକାର ଏଠାରେ ବିକାଶ କରିବାକୁ ଚାହୁଁଛନ୍ତି ତା'ହେଲେ ଡଗରାରୁ ଜମ୍ପୀରାଇ ପଯ୍ୟନ୍ତ ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରି ନିଯୁକ୍ତି ଦିଅନ୍ତୁ ବୋଲି ବନ୍ଦର ବିରୋଧୀମାନେ ଯୁକ୍ତି ବାଢ଼ିଥିଲେ । ଅପରପକ୍ଷରେ ପ୍ରକଳ୍ପ ହେଲେ ଗ୍ରାମରେ ବିକାଶ ହେବ,ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ମିଳିବ, ନୂତନ ହସ୍ପିଟାଲ ନିର୍ମାଣ, ଧୀରେ ଧୀରେ ସମୁଦ୍ର ଗାଁ ଆଡ଼କୁ ମାଡି ଆସୁଥିବାରୁ ବନ୍ଦର କର୍ତ୍ତୃପକ୍ଷ ପକ୍ଷରୁ ପଥର ବନ୍ଧ ଦ୍ୱାରା ଭିଟାମାଟିର ସୁରକ୍ଷା ହୋଇପାରିବ ବୋଲି ବନ୍ଦର ସପକ୍ଷବାଦୀମାନେ ଯୁକ୍ତି ଉପସ୍ଥାପନ କରିଥିଲେ। ଦୁଇ ପକ୍ଷର ମତାମତକୁ ସରକାରଙ୍କ ପାଖରେ ଉପସ୍ଥାପନା କରାଯାଇ ନିଷ୍ପତି ସରକାରୀ ସ୍ତରରେ ଆସିବ ବୋଲି ଏଡିଏମ୍ ସୁଧାକର ନାୟକ ସୂଚନା ଦେଇଛନ୍ତି।ଏହି ଶିବିରରେ ୧୦ ହଜାରରୁ ଅଧିକ ଲୋକ ଯୋଗଦେଇ ଥିଲେ।୨୦୧୨ ମସିହାର ଯେପରି ପୁନରାବୃତ୍ତି ନ ଘଟେ ସେଥିପାଇଁ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ସହିତ ପ୍ରଶାସନ ୧୦ ପ୍ଲାଟୁନ ପୋଲିସ ମୁତୟନ କରିଥିଲେ ।

# 'ମନା ତରଫରୁ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୧୮/୧୨ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର' ଆନୁକୂଲ୍ୟରେ 'ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ' ସୁନହଟସ୍ଥିତ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନାର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ରତ୍ନାକର ସିଂହ ଆଦ୍ୟବକ୍ତବ୍ୟ ରଖିଥିଲେ। ତତ୍‌ସହିତ 'ମନା'ର ସାଧାରଣ ସମ୍ପାଦିକା ସମାଜସେବୀ ଶ୍ରୀମତୀ ମମତା ମହାପାତ୍ର, ଉପଦେଷ୍ଟା ଶ୍ରୀଯକ୍ତ ସୁବ୍ରତ କର ଓ




ଡ. କେଶବ ଚରଣ ପଣ୍ଡା, ସଚେତନତା କମିଟିର ସଂଯୋଜକ ଡ. କ୍ଷିତିଶ୍ୱର ଦାଶ ଏବଂ ରେମୁଣା ବ୍ଲକ୍ କମିଟିର ସଭାପତି ବ୍ୟଙ୍ଗକବି ପ୍ରଭାକର ସାହୁ ସେମାନଙ୍କ ବକ୍ତବ୍ୟରେ ନିଶାର ଦୁଷ୍ପ୍ରଭାବ, ନିଶାମୁକ୍ତ ସମାଜ ଗଠନ ତଥା ଏ ଦିଗରେ ଯୁବପିଢ଼ିଙ୍କ ସକ୍ରିୟ ସହଯୋଗ ରହିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବକାଶରେ ଦେବଶ୍ରୀ ଦାଶ, ଚନ୍ଦନ ମହାନ୍ତି, ଜସ୍ମୀନ ଦାସ ପ୍ରମୁଖ ଛାତ୍ରଛାତ୍ରୀ ନିଶା ନିବାରଣ ସମ୍ପର୍କରେ ସ୍ୱସ୍ୱ ବକ୍ତବ୍ୟ ରଖି ମନା ତରଫରୁ ମାନପତ୍ର ଲାଭ କରିଥିଲେ। ଏ ଅବକାଶରେ ମହାବିଦ୍ୟାଳୟର ଅଧ୍ୟାପକ ପ୍ରବୋଧ ପତି ନିଶା ତ୍ୟାଗ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ମନା'ର ଅଧ୍ୟାପକ କମଳାକାନ୍ତ ଦାଶ, ସୁଶ୍ରୀ ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, ସନାତନ ଦାସ, ମନାର ରେମୁଣା ବ୍ଲକ୍ ସମ୍ପାଦିକା ସୁନାମଣି ଜେନା, ମହାବିଦ୍ୟାଳୟର ଅଧ୍ୟାପକ ଡ. ସାରଙ୍ଗଧର ତ୍ରିପାଠୀ, ଡ. ପ୍ରଭାତ କୁମାର ସ୍ୱାଇଁ, ସଞ୍ଜୟ କୁମାର ଦେ, ପ୍ରହ୍ଲାଦ କୁଅଁର ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧିଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ତଥା ଭବିଷ୍ୟତରେ ଏକ ନିଶାମୁକ୍ତ ସମାଜ ଗଠନରେ ଅନୁବ୍ରତୀ 'ମନା' ସମାଜର ପ୍ରତ୍ୟେକ ସ୍ତରର ବ୍ୟକ୍ତି ବିଶେଷଙ୍କୁ ନିଶାଠାରୁ ଦୂରରେ ରହିବା ଦିଗରେ ଦୀର୍ଘବର୍ଷରୁ ନିଜର ସକ୍ରିୟ ସଂଗ୍ରାମ ଚଳାଇ ଆସୁଛି।

# ଘାଗରା ପୋଲନିର୍ମାଣକୁ ପୁରିଲା ପାଞ୍ଚବର୍ଷ: ଏବେବି ମୁଖ୍ୟରାସ୍ତାକୁ ହୋଇନି ସଂଯୋଗ

ନୀଳଗିରି, ୧୮/୧୨ (ନି.ପ୍ର): ଘାଗରା ପୋଲରୁ ମୁଖ୍ୟରାସ୍ତାକୁ ସଂଯୋଗ ହେବାପାଇଁ ଏବେବି ଚାଲିଛି ନିର୍ମାଣକାର୍ଯ୍ୟ। ପୋଲର ୱାଲ ନିର୍ମାଣ ଚାଲିଥିବା ବେଳେ ବିନା ଭାଇବ୍ରେଟର ମେସିନରେ କାମ ହେଉଥିବା ଏବଂ ଢଳେଇ ପରେ ଲୁହାରଡ଼ ଦେଖାଯାଉଥିବାରୁ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନଚିହ୍ନ ଉଠିଛି।ପୂର୍ତ୍ତବିଭାଗର ଅପାରଗତା ପାଇଁ ଘାଗରା ପୋଲ ନିର୍ମାଣରେ ଏପରି ବ୍ୟାପକ ଅନିୟମିତତା ଦେଖାଦେଇଛି। ସୁଚନା ଅନୁଯାୟୀ ନୀଳଗିରି ପୂର୍ତ୍ତବିଭାଗ ପକ୍ଷରୁ ୧୯ନଂ ରାଜ୍ୟରାଜପଥର ଶେରଗଡ଼- ନୀଳଗିରି- ଝରଣାଘାଟି(ଏସଏନଜେ) ରାସ୍ତାର ସଜନାଗଡ ନିକଟ ଘାଗରା ନଦୀ ଉପରେ ବଡପୋଲ ନିର୍ମାଣପାଇଁ ରାଜ୍ୟସରକାରଙ୍କ ଟେଣ୍ଡର ପରେ ୨୦୧୯ ମସିହାରେ ଶିଳାନ୍ୟାସ ହୋଇ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲା । ୨୦୨୧ ମସିହା ସୁଦ୍ଧା ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହେବାରଥିଲା। ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ସରକାରୀ ଆର୍ଥିକ ଅନୁଦାନ ବୃଦ୍ଧିକରି ଉକ୍ତ ପ୍ରକଳ୍ପ ବାବଦକୁ ୪କୋଟି ୧୮ଲକ୍ଷ ଟଙ୍କାରେ ଅବଧି ସମୟ ୨୦୨୧ ମସିହାରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ କରିବାପାଇଁ ଚୁକ୍ତି ହୋଇଥିଲା। ଇତି ମଧ୍ୟରେ ଏହି ପୋଲ ନିର୍ମାଣକୁ ଦୀର୍ଘ ୫ବର୍ଷରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ମାଣ କାର୍ଯ୍ୟସମ୍ପୂର୍ଣ୍ଣ ହେବାର ଅବଧି ୮ ମାସରୁ ଅଧିକ ସମୟ ହୋଇଥିଲେ ସୁଧା ପୋଲର ସଂଯୋଗ ହୋଇପାରିନାହିଁ। ଅନ୍ୟପଟେ ଘାଗରା ପୋଲରୁ ମୁଖ୍ୟ ରାସ୍ତା ମଧ୍ୟରେ ସଂଯୋଗ ହେବା ପାଇଁ ନିର୍ମାଣ କାର୍ଯ୍ୟଚାଲୁ ରହିଥିବା ବେଳେ ରାସ୍ତା କଡ ୱାଲରେ ବିନା ଭାଇବ୍ରେଟର ମେସିନରେ କାମଚାଲିଛି । ଢଳେଇ ପରେ ୱାଲରେ ଗାତ ଓ ଲୁହା ରଡ଼ ଦେଖାଯାଉଛି । ସେହିପରି ନୀଳଗିରି ପୂର୍ତ୍ତବିଭାଗ ତଦାରଖ କରୁଥିଲେ ହେଁ କାର୍ଯ୍ୟର ମାନପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି।


## OFFICE OF THE PANCHAYATA SAMITI
## SADAR, BALASORE

INVITATION FOR BIDS THROUGH e-Procurement

**Bid Identification No-PSBPL- 04 of 2024-25**

## Invitation for Bids

| | | |
|---|---|---|
| 1 | The BLOCK DEVELOPMENT OFFICER SADAR BALASORE,on behalf of Government of Odisha invites percentage rate bids in single cover system in ONLINE MODE only,for Construction of Building work as detailed below. | |
| 2 | Name of Work | Civil Works |
| 3 | No of work | 09 Nos |
| 4 | Bid Cost | Rs. 6,000/- for 09 Nos works, |
| 5 | Class of Contractor | C & B Licence for above 20 Lakhs (8 Works)<br>D & C License for 20 Lakhs (1 Works) |
| 6 | Availability of Bid Documents in the website | From 10:00AM of 20.12.2024 to 5:00PM of 30.12.2024 |
| 7 | Date of Opening of Bid | Dt. 03.01.2025 at 11:00AM |
| 8 | The Bidders have to participate in ONLINE bidding only.Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

OIPR: 19153/11/0004/2425

Block Development Officer
Sadar, Balasore


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଷ୍ଣୁପଦଙ୍କ ହାତ ଛାଡ଼ିଦେଲେ...

ଏ ଆକ୍ସନ୍ ନା ମିଳିଛି ସେଭଳି କିଛି ଠୋସ୍ ପ୍ରମାଣ ? ଏସଟି-ଏସସି ବିଭାଗର ପ୍ରମୁଖ ସଚିବ ଭାବେ ବିଷ୍ଣୁପଦ ସେଠୀ ଦେଇଥିବା ବିବାଦୀୟ ଆଶ୍ରମ ସ୍କୁଲ ଅପଗ୍ରେଡେସନ କାମ ବାବଦରେ ଅବଗତ ନଥିଲେ କି ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ? ଯଦିଓ ସରକାର ଏବେ ବିଷ୍ଣୁପଦଙ୍କୁ କେବଳ ଓଏସଡି ଭାବେ ବସାଇଛନ୍ତି, ତାଙ୍କ ବିରୋଧରେ ଆଉ କିଛି କାର୍ଯ୍ୟାନୁଷ୍ଠାନ ନେଇ ପାରନ୍ତି କି ? ଆରମ୍ଭ ହୋଇପାରେ କି ବିଭାଗୀୟ ପ୍ରୋସିଡିଂ ବ୍ରିଜ୍ ଆଣ୍ଡ ରୁଫ୍ ୧୦ ଲକ୍ଷ ଲାଞ୍ଚ ମାମଲାରେ ୧୦ ତାରିଖରୁ ସିବିଆଇ ସମନ ପରେ ବିବାଦ ଘେରକୁ ଆସିଥିଲେ ବିଷ୍ଣୁପଦ ସେଠୀ। ତେବେ ଏହା ଭିତରେ ସିବିଆଇ ପାଖରେ ସେ ହାଜର ହୋଇଛନ୍ତି କି ନାହିଁ, ଏ ଯାଏଁ ନିଜେ ବିଷ୍ଣୁପଦ ସ୍ପଷ୍ଟ କରିନାହାନ୍ତି। ଏପରିକି ବ୍ରିଜ ଆଣ୍ଡ ରୁଫ୍ ସହ ଲିଙ୍କ ଅଭିଯୋଗ ନେଇ ବି କୌଣସି ସ୍ପଷ୍ଟୀକରଣ ରଖିନାହାନ୍ତି। ଯେଉଁଥିପାଇଁ ସରକାରକୁ କାଠଗଡାକୁ ଟାଣିଥିଲେ ବିରୋଧୀ। ଏମିତିକି ଛାତ୍ର କଂଗ୍ରେସ ପକ୍ଷରୁ ବିଷ୍ଣୁପଦଙ୍କ ସରକାରୀ ବାସଭବନ ଘେରାଉ ସହ ଅଣ୍ଡାମାଡ ମଧ ହୋଇଥିଲା। ଆଉ ଦୀର୍ଘ ୮ ଦିନ ଧରି ବିବାଦ ଲାଗି ରହିଥିବାବେଳେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିର କାର୍ଯ୍ୟକାରିତା ପାଇଁ ଆକ୍ସନ ନେଇଛନ୍ତି ସରକାର। ଅନ୍ୟପଟେ ୧୦ ଲକ୍ଷ ଲାଞ୍ଚ ମାମଲାରେ ଗିରଫ ୩ ଅଭିଯୁକ୍ତ ବ୍ରିଜ ଆଣ୍ଡ ରୁଫର ଜିଜିଏମ ଚଞ୍ଚଳ ମୁଖାର୍ଜୀ, ଠିକାଦାର ସନ୍ତୋଷ ମହାରଣା ଏବଂ ଦେବଦତ୍ତ ମହାପାତ୍ରଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିଲେ ବି ରାୟକୁ ସଂରକ୍ଷିତ ରଖିଛନ୍ତି ସିବିଆଇର ସ୍ୱତନ୍ତ୍ର କୋର୍ଟ। ସେପଟେ ବିଷ୍ଣୁପଦଙ୍କ ଉପରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପରେ ଏବେ ସିବିଆଇର ଆକ୍ସନ ଉପରେ ନଜର ରହିଛି। ଯଦିଓ ବିଷ୍ଣୁପଦଙ୍କୁ ସମନ ହୋଇଥିଲା, ତେବେ ସିବିଆଇର ପରବର୍ତ୍ତୀ ପଦକ୍ଷେପ କଣ ରହୁଛି ତାକୁ ନେଇ ଚର୍ଚ୍ଚା ଲାଗି ରହିଛି।

## ୨୧ ତାରିଖ...

ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ବର୍ଷା ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ସେପଟେ ଚାଷୀଙ୍କୁ ଘାରିଛି ବର୍ଷା ଭୟ। ଦକ୍ଷିଣ ଓଡ଼ିଶା ପାଇଁ ପାଣିପାଗ ବିଭାଗ ପକ୍ଷରୁ ବର୍ଷା ସତର୍କ ସୂଚନା ଜାରି କରାଯାଇଛି। ଯାହାକୁ ନେଇ କୋରାପୁଟ ଲକ୍ଷ୍ମୀପୁର ଅଞ୍ଚଳର ଧାନ ଚାଷୀ ଏବେ ଚିନ୍ତାରେ। ଅନେକ ସ୍ଥାନରେ ଧାନ କଟା ସଂପୂର୍ଣ୍ଣ ହୋଇନଥିବାବେଳେ କେତେକ ଚାଷୀ ଖଳାରେ ଗଦା ହୋଇଥିବା ଏକର ଏକର ଫସଲର ଧାନ ନଷ୍ଟ ହେବା ଆଶଙ୍କାରେ ଅଛନ୍ତି।

## ବୈଷ୍ଣବ ଚରଣ ସାମଲ ...

ବିଶ୍ୱବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି, ୨୦୦୪ ମସିହାରେ 'ବିଶ୍ୱଭାରତୀ' କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଭାବରେ ସେବା ନିବୃତ ହୋଇଛନ୍ତି। ଓଡ଼ିଆ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୨ ମସିହାରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପରେ ୨୦୧୭ ମସିହାରେ ବିଷୁବ ପୁରସ୍କାର, ୨୦୧୪ ମସିହାରେ ସାରଳା ସମ୍ମାନରେ ସେ ସମ୍ମାନିତ ହୋଇଥିଲା। ଏହାବାଦ ତାଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ ଓ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ସମ୍ମାନ ମଧ ପ୍ରଦାନ କରାଯାଇଛି।

## ପ୍ରଦୀପ ପାଣିଗ୍ରାହୀଙ୍କ ...

ଦେଇଥିଲେ ବୋଲି ମାଜିଷ୍ଟ୍ରେଟଙ୍କ ଆଗରେ କହିଥିବା ପ୍ରଦୀପଙ୍କ ଓକିଲ କହିଥିଲେ। ଆଜିର ବୟାନରେ ଆଇଜି ସେମାନଙ୍କୁ ପୁଲିସ ଭୟ ଦେଖାଇ ଏତଲା ଦେବାକୁ ବାଧ କରିଥିଲେ ବୋଲି କୋର୍ଟରେ ପ୍ରଦୀପଙ୍କ ଓକିଲ କହିଛନ୍ତି। ସେପଟେ ମାମଲା ଚାଲିଥିବାରୁ କିଛି କହିବା ଠିକ୍ ନାହିଁ ବୋଲି କହିଛନ୍ତି ପ୍ରଦୀପ। ସୂଚନା ଥାଉ, ପ୍ରଦୀପ ପାଣିଗ୍ରାହୀ, ତାଙ୍କ ସହଯୋଗୀ ସର୍ବେଶ୍ୱର ରାଓ ଏବଂ ଆକାଶ ପାଠକ(ପୂର୍ବତନ ଆଇଏଫଏସ୍ ଅଭୟକାନ୍ତ ପାଠକଙ୍କ ପୁଅ) ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ବହୁସଂଖ୍ୟକ ଯୁବକଯୁବତୀଙ୍କୁ ଠକି ବହୁ ପରିମାଣର ଅର୍ଥ ତୋଷାରପାତ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୁଲିସ ଏମାନଙ୍କୁ ଗିରଫ ମଧ କରିଥିଲା।

## ଦାମୀ କାରରୁ ୧୦ଲକ୍ଷ...

ଏବେ ସିବିଆଇ କୋର୍ଟ-୧ ୩ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି । ସେପଟେ ଆଜି ବି ସିବିଆଇରେ ହାଜର ହେଲେନି ଓଇଙ୍କ ବିଷ୍ଣୁପଦ ସେଠୀ । ବୁଧବାର ଦିନ ୧୨ଟା ସୁଦ୍ଧା ସେ ଭୁବନେଶ୍ୱର ସିବିଆଇ ଅଫିସରେ ହାଜର ହେବାର ଥିଲା । ଗତ ୭ ତାରିଖରେ ଭୁବନେଶ୍ୱରରେ ସିବିଆଇ ରେଡ୍ ବେଳେ କାର ଭିତରୁ ୧୦ ଲକ୍ଷ ଟଙ୍କା ଉଦ୍ଧାର ସହ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଜିଏମ୍‌ଙ୍କ ସମେତ ଦୁଇ ଠିକାଦାରଙ୍କୁ ଉଠାଇ ନେଇଥିଲା ସିବିଆଇ ।

## 'ଆମ୍ବେଦକର ବିବାଦ'ରେ...

ହେଲେ ଆମ୍ବେଦକରଙ୍କ ବିରୋଧରେ କହିପାରିବି ନାହିଁ। ସେମାନେ(କଂଗ୍ରେସ) ମୋ ବୟାନକୁ ଭୁଲ ଭାବେ ଚିତ୍ରଣ କରିଛନ୍ତି। ସେମାନେ ଏହାକୁ ଭୁଲ ଢଙ୍ଗରେ ଲୋକଙ୍କ ଆଗରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ମୁଁ ସମସ୍ତଙ୍କୁ ମୋର ପୂରା ଭାଷଣ ଶୁଣିବାକୁ ଅନୁରୋଧ କରୁଛି। ଏହାପରେ ସବୁ କିଛି ସ୍ପଷ୍ଟ ହୋଇଯିବ। ମୁଁ ଏମିତି ଏକ ଦଳ ଓ ସମାଜରୁ ଆସିଛି, ଯିଏ କେବେ ହେଲେ ଆମ୍ବେଦକରଙ୍କୁ ଅସମ୍ମାନ କରିବା କଥା ସ୍ୱପ୍ନରେ ମଧ ଚିନ୍ତା କରିପାରିବ ନାହିଁ। ଆମେ ସବୁବେଳେ ଆମ୍ବେଦକରଙ୍କ ଆଦର୍ଶକୁ ପାଳନ କରିଥାଉ। କଂଗ୍ରେସ ଆର୍ମି ଓ ମହିଳାମାନଙ୍କୁ ଅପମାନିତ କରିଥିଲା। ଏପରି କି ଦେଶ ବିଭାଜନ ମଧ କରିଛି। ଦେଶକୁ ବିଦେଶୀ ଶକ୍ତିଙ୍କୁ ଦେଇଛି। ଯେତେବେଳେ ଏସବୁ ସତ ସାମ୍ନାକୁ ଚାଲି ଆସିଲା, ସେମାନେ ତଥ୍ୟକୁ ହେରଫେର କରି ଲୋକଙ୍କୁ ବିଭ୍ରାନ୍ତ କରିବାରେ ଲାଗିଛନ୍ତି। ଦୁଇ ଦିନ ଧରି ରାଜ୍ୟସଭାରେ ସମ୍ବିଧାନ ଉପରେ ଚାଲିଥିବା ବିତର୍କରୁ ସ୍ପଷ୍ଟ ହୋଇଛି ଯେ କଂଗ୍ରେସ ହିଁ ଆମ୍ବେଦକରଙ୍କୁ ଅସମ୍ମାନ କରିଛି।" କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖଡଗେ ତାଙ୍କ ଇସ୍ତଫା ଦାବି କରିଥିଲେ। ହେଲେ ଶ୍ରୀ ଶାହ ଇସ୍ତଫା ଦେବେ ନାହିଁ ବୋଲି ରୋକଠୋକ ମନା କରିଦେଇଛନ୍ତି। ସେ କହିଛନ୍ତି, "ଖଡଗେ ମୋ ଇସ୍ତଫା ମାଗୁଛନ୍ତି। ଯଦି ଏହା ତାଙ୍କୁ ଖୁସି କରିବ, ତା'ହେଲେ ମୁଁ ଇସ୍ତଫା ଦେବି। କିନ୍ତୁ ଏହା ତାଙ୍କ ସମସ୍ୟାକୁ ଶେଷ କରିପାରିବ ନାହିଁ। ସେ ସମାନ ସ୍ଥାନରେ(ବିରୋଧୀ) ୧୫ ବର୍ଷ ଯାଏ ବସି ରହିବେ। ମୋ ଇସ୍ତଫା ଏହାକୁ ପରିବର୍ତ୍ତନ କରି ପାରିବ ନାହିଁ। କଂଗ୍ରେସ ପକ୍ଷରୁ ମୋର ଭିଡିଓକୁ ଏଡିଟିଂ କରାଯାଇଛି। ବିଜେପି ସଂସଦ ଭିତରେ ଓ ବାହାରେ ଏହାର ଆଇନଗତ ଦିଗକୁ ତର୍ଜମା କରିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।" ଅମିତ ଶାହ କଂଗ୍ରେସକୁ ଆମ୍ବେଦକର ବିରୋଧୀ, ସଂରକ୍ଷଣ ବିରୋଧୀ ଓ ସମ୍ବିଧାନ ବିରୋଧୀ ମଧ କହିଛନ୍ତି। ଡ ବିଆର ଆମ୍ବେଦକରଙ୍କୁ ସମ୍ମାନରେ ବିଜେପି କରିଥିବା କାମ ଗୁଡ଼ିକୁ ମଧ ସେ ପୁଣି ସମସ୍ତଙ୍କୁ ଜଣାଇବାକୁ ଚେଷ୍ଟା କରିଛନ୍ତି।

## ସୀମାରେ ସ୍ଥିତି ହେବ...

ମନ୍ତ୍ରୀ ୱାଙ୍ଗ୍ ୟି। ଆଗକୁ ୨୩ତମ ପର୍ଯ୍ୟାୟ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନା ହେବ। ଦୁଇ ଦେଶର ପ୍ରତିନିଧି ଏହି ବୈଠକରେ ଯୋଗଦେବେ। ଏହି ବୈଠକ ପୂର୍ବରୁ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଡୋଭାଲ ମଙ୍ଗଳବାର ବେଜିଂରେ ପହଞ୍ଚିଛନ୍ତି। ଶେଷ ବୈଠକ ୨୦୧୯ରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ପ୍ରତିନିଧି (ଏସଆର) ଆଲୋଚନା ସମ୍ପର୍କରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ କହିଛନ୍ତି ଯେ ଚୀନ୍ ଆନ୍ତରିକତାର ସହ ମତଭେଦ ଦୂର କରିବାକୁ ପ୍ରସ୍ତୁତ। ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ନେଇ କାର୍ଯ୍ୟକାରୀ କରିବା, ପରସ୍ପରର ମୂଳ ସ୍ୱାର୍ଥ ଏବଂ ପ୍ରମୁଖ ଚିନ୍ତାକୁ ସମ୍ମାନ ଦେବା, ଆଲୋଚନା ମାଧ୍ୟମରେ ପାରସ୍ପରିକ ବିଶ୍ୱାସକୁ ସୁଦୃଢ଼ କରିବାକୁ ଆନ୍ତରିକତା ଦେଖାଇବା। ସଭାବନା ସହିତ ମତଭେଦକୁ ଠିକ୍ ଭାବରେ ଦୂର କରିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଯଥାଶୀଘ୍ର ପୁନଃ ସ୍ଥାପିତ କରିବା ଦିଗରେ ଆଲୋଚନା ହୋଇଛି। ଚୀନ୍ ଭାରତ ସହିତ କାମ କରିବାକୁ ଇଚ୍ଛୁକ ବୋଲି ଚୀନର ଏହି ମନ୍ତ୍ରୀ କହିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୋମବାର କହିଥିଲା ଯେ ଦୁଇ ଏସଆର ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପରିଚାଳନା ଉପରେ ଆଲୋଚନା କରିବେ। ସୀମା ବିବାଦର ନିରପେକ୍ଷ, ଯୁକ୍ତିଯୁକ୍ତ ଏବଂ ପାରସ୍ପରିକ ଗ୍ରହଣୀୟ ସମାଧାନ ଖୋଜିବେ। ଏସଆର ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ କାରଣ ସମ୍ପର୍କ ପୁନରୁଦ୍ଧାର ପାଇଁ ଏହା ଦୁଇ ଦେଶ ମଧ୍ୟରେ ଦୀର୍ଘ ବର୍ଷ ପରେ ପ୍ରଥମ ଆଲୋଚନା। ଭାରତ-ଚୀନ୍ ସୀମାର ବ୍ୟାପକ ସମାଧାନ ପାଇଁ ୨୦୦୩ରେ ଗଠିତ ସ୍ୱତନ୍ତ୍ର ପ୍ରତିନିଧି କମିଟି ଗତ କିଛି ବର୍ଷ ମଧ୍ୟରେ ଏଯାବତ ୨୨ ଥର ବୈଠକ କରିଛନ୍ତି। ଯଦିଓ ସୀମା ବିବାଦର ସମାଧାନ କରିବାରେ ଏହା ସଫଳ ହୋଇନଥିଲା, ତଥାପି ଦୁଇ ଦେଶ ମଧ୍ୟରେ ବାରମ୍ବାର ଲାଗି ରହିଥିବା ଉତ୍ତେଜନାର ସମାଧାନ ପାଇଁ ଉଭୟ ପକ୍ଷର ଅଧିକାରୀମାନେ ଏହାକୁ ଏକ ଅତ୍ୟନ୍ତ ଆଶାଜନକ ଭାବେ ବିବେଚନା କରିଛନ୍ତି। ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିରେ ସାମରିକ ବିବାଦ ୨୦୨୦ ମେ' ମାସରେ ଆରମ୍ଭ ହୋଇଥିଲା। ଏହା ପରେ ସେହି ବର୍ଷ ଜୁନ୍ ମାସରେ ଗଲୱାନ ଉପତ୍ୟକାରେ ଭୟଙ୍କର ସଂଘର୍ଷ ହୋଇଥିଲା। ଯାହାଫଳରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ସମ୍ପର୍କରେ ଗମ୍ଭୀର ତିକ୍ତତା ଦେଖାଦେଇଥିଲା। ବାଣିଜ୍ୟ ବ୍ୟତୀତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରାୟତଃ ଠପ୍ ରହିଥିଲା।

## ମହିଳା କର୍ମଚାରୀଙ୍କୁ ...

ଭାବରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରୁଛନ୍ତି। ଏହି ଅଭିଯୋଗ ଘଟଣାର ତଦନ୍ତ କରି ଜିଲ୍ଲା ଅଭିଯୋଗ କମିଟି ରିପୋର୍ଟ ଦେବା ପରେ ତତ୍କାଳୀନ ଜିଲ୍ଲାପାଳ, ଉମେଶ ଲେଙ୍କାଙ୍କୁ ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବଦଳି କରି ଦେଇଥିଲେ । ଆଉ ତଦନ୍ତକ୍ରମେ ବୁଧବାର ଉମେଶ ଲେଙ୍କାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ରାଜସ୍ୱ ମନ୍ତ୍ରୀ। ଏହା ସହ ତିନି ମାସ ମଧ୍ୟରେ ଜଣେ ମହିଳା ତଦନ୍ତକାରୀ ଅଧିକାରୀ ଓ ଜଣେ ମହିଳା ମାର୍ସଲିଂ ଅଧିକାରୀଙ୍କ ଜରିଆରେ ସମସ୍ତ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ।

## ବିଜେଡି ନେତ୍ରୀ ପ୍ରମିଳା ...

ମୁଖ୍ୟ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଦିଲ୍ଲୀରେ ମଧ ଇଡି ପକ୍ଷରୁ ଚଢ଼ାଉ ଚାଲିଥିବା ଜଣାଯାଇଛି। କ୍ଷୀରୋଦ ମଲ୍ଲିକ ଏକାଧିକ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କରୁ ଲୋନ ନେଇଥିଲେ। ହେଲେ ତାର ପରିଷଦ କରିନଥିଲେ। ଏଥିସହ ବିଶ୍ୱ ଏନଜିଓ ୨୩୧ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ଠକେଇ ଟଙ୍କା ଚଳିତ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରାଯାଇଥିବା ସୂଚନା ମିଳିଛି। ଏହି ତଥ୍ୟ ମିଳିବା ପରେ ଆଜି ଇଡି ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ପୂର୍ବରୁ ମଧ ବିଶ୍ୱ ଏନଜିଓରେ କ୍ରାଇମବ୍ରାଞ୍ଚ ଓ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରାଯାଇଥିଲା। ସେତେବେଳେ ବିଜେଡି ସରକାର ଥିବାରୁ କ୍ରାଇମବ୍ରାଞ୍ଚ ଓ ଇଡି ଚଢ଼ାଉ ସତ୍ତ୍ୱେ ସେପରି କିଛି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଆଜି ପୁଣି ବିଶ୍ୱ ଏନଜିଓରେ ଇଡି ଚଢ଼ାଉ କରାଯାଇଛି। ସୂଚନା ଥାଉକି, କିଛି ବର୍ଷ ବିଶ୍ୱ ଏନଜିଓ ସଂସ୍ଥା ବନ୍ଦ ରହିଛି। ତେବେ ଇଡି ଚଢ଼ାଉ ନେଇ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ତେଜ ଆଗ୍ରୋ ଫ୍ୟାକ୍ଟ୍ରିରେ ....

ସ୍ଥାନୀୟ ଲୋକେ କମ୍ପାନୀ ମାଲିକଙ୍କୁ ଫୋନ୍ କରିବା ସହ ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ୨ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଫ୍ୟାକ୍ଟ୍ରିରେ ମୃଦୁ ପାନୀୟ, କେକ୍, ରୁଟି ଭଳି ସାମଗ୍ରୀର କଞ୍ଚାମାଲ ସମେତ କିଛି ଯନ୍ତ୍ରାଂଶ ପୋଡ଼ି ପାଉଁଶ ହୋଇଥିବା ସୂଚନା ମିଳିଛି। ସଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଇଛି। ତେବେ ଫ୍ୟାକ୍ଟ୍ରିରେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ି ନାହିଁ ।

ଗୁରୁବାର, ଡିସେମ୍ବର ୧୯, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶନୀ

ବାରିପଦା , ୧୮/୧୨ (ନି.ପ୍ର): ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଗୃହ ବିଜ୍ଞାନ ବିଭାଗ ତରଫରୁ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟା ଇପ୍ସିତା ମଲଙ୍କ ତତ୍ତ୍ୱାବଧାନରେ ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଏବଂ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ।ଏଥିରେ ଫ୍ରୁଟ ସାଲାଡ଼,ଭାତ,ରୁଟି,ଡାଲି, ଚିକେନ୍ ମଞ୍ଚୁରିଆନ,ମଶ୍ରୁମ୍ ଟିକ୍କା,ସିଝା ଅଣ୍ଡା, ଚକୋଲେଟ ମିଲକ ସେକ ଆଦି ବ୍ୟଞ୍ଜନ ମହାବିଦ୍ୟାଳୟରେ ଛାତ୍ରୀମାନେ ନିଜେ ନିଜେ ଖାଦ୍ୟ ପ୍ରସ୍ତୁତ କରିବା ସହିତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ସୋନାଲି ମୁର୍ମୁ,ଜ୍ୟୋତି ମୁର୍ମୁ, ହଁସି ହେମ୍ବ୍ରମ, ଡଲି ବେହେରା, ଦୁଲାରୀ ହାଁସଦା ଓ ପ୍ରତିଭା ସିଂଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ସର୍ବୋତ୍ତମ ହୋଇଥିଲା । ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ,ଉଦ୍ଭିଦ ବିଜ୍ଞାନ ଅଧାପିକା କସ୍ତୁରିବା ମହାନ୍ତ, ଆଇ.ଟି. ଅଧାପିକା ସୁଦେଷ୍ଣା ଭଞ୍ଜବାବୁ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇ ଖାଦ୍ୟର ମାନ ଓ ସ୍ୱାଦ ପରୀକ୍ଷା କରିଥିଲେ । ମହାବିଦ୍ୟାଳୟର ଗୃହ ବିଜ୍ଞାନ ତରଫରୁ ଏଭଳି ଏକ ନିଆରା ପ୍ରଦର୍ଶନୀ ଆୟୋଜନ କରାଯାଇଥିବାରୁ ଭବିଷ୍ୟତରେ ଛାତ୍ରଛାତ୍ରୀ ମାନଙ୍କର କାର୍ଯ୍ୟଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ ମତପ୍ରକାଶ କରିଥିଲେ। ମୟୂରଭଞ୍ଜ ସାଇନ୍ସ ହାଇଅର୍ ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଦେବାଶ୍ରିତା ବିଶ୍ୱାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ତୋଟାପଡା ଉଚ୍ଚ ବିଦ୍ୟାଳୟରେ ୪୧ ତମ ଶିଶୁ ମହୋତ୍ସବ



ଖଇରା, ୧୮/୧୨ (ନି.ପ୍ର): ଖଇରା ବ୍ଲକ ତୋଟାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ଖଇରା ମଣ୍ଡଳ ପକ୍ଷରୁ ୪୧ ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ୪ ସହ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ନାଚ, ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ । ଓଷ୍ଟା ଖଇରା ମଣ୍ଡଳ ସଭାପତି ବହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଅଭୀଲିପ୍ସା ସାହୁ ମୁଖ୍ୟ ବକ୍ତା ଭାବେ ପିଲାମାନଙ୍କର ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ସର୍ବୋତ୍କୃଷ୍ଟ ମଞ୍ଚ ବୋଲି ପ୍ରକାଶ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଗୋଷ୍ଠି ଶିକ୍ଷାଧିକାରୀ ଗଦାଧର ଦାସ, ଜିଲାପରିଷଦ ସଭ୍ୟା ସୁଷମା ମହାପାତ୍ର, ପ୍ରଧାନ ଶିକ୍ଷକ ରାଜକିଶୋର ମିଶ୍ର, ସରପଞ୍ଚ ନିତୁ ନିବେଦିତା ମାଝି, ସମିତିସଭ୍ୟା ରଶ୍ମିତା ଜେନା, ପରିଚାଳନା କମିଟି ସଭାପତି ଗୋପିନାଥ କର, ଭରତ ଚନ୍ଦ୍ର ଦାସ, ଜୟନ୍ତ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ଓଷ୍ଟାର ଖଇରା ସଂପାଦକ ବିଷ୍ଣୁ ପ୍ରସାଦ ମିଶ୍ର ବିବରଣୀ ପାଠ,ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ ଓ ନରସିଂହ ପାଣି ବେଦପାଠ କରିଥିଲେ। ସେହିପରି ଉଦ୍ଯାପନୀ ସଭା ଅବସରରେ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଷ୍ଟାର ରାଜ୍ୟ ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ , ଜିଲା ସଭାପତି ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଜିଲା ସଂପାଦକ ବିଜୟ କୁମାର ପାତ୍ର, ହରିପଦ ଭୁୟାଁ, ପ୍ରଦୀପ କୁମାର ବେହେରା, ଭଗିରଥି ଖଟୁଆ ଓ କୈଳାସ ଚନ୍ଦ୍ର ସେଣ୍ଠ ଉପସ୍ଥିତ ଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଚିତ୍ତରଞ୍ଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା ଅଂଚଳରୁ ଗରୁଡ ପକ୍ଷୀ ଉଦ୍ଧାର

ଧର୍ମଶାଳା, ୧୮/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରୁ ଆଜି ଏକ ବିରଳ ଗରୁଡ ପକ୍ଷୀ ଉଦ୍ଧାର ହୋଇଛି । ପକ୍ଷୀଟିକୁ ବନବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଆଜି ଅପରାହ୍ନରେ ଧର୍ମଶାଳା ବ୍ଲକ ଚହଟା ଗ୍ରାମ ନିକଟରେ ଏକ ପକ୍ଷୀ ତଳେ ପଡି ଯାଇଥଲା । ଯାହାକି ସ୍ଥାନୀୟ ଲୋକେ ଏହାକୁ ଦେଖିଥିଲେ । ଏହା ଏକ ଗୁରୁଡ ପକ୍ଷୀ ବୋଲି ଜଣାପଡିଥିଲା । ତେବେ ପକ୍ଷୀଟିକୁ ଚଣ୍ଡିଖୋଲ ବନବିଭାଗକୁ ହସ୍ତାନ୍ତରିତ କରାଇଥିଲା । ତେବେ ବନବିଭାଗ ତାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସ୍ଥାନୀୟ ବରୁଣାବନ୍ତ ପାହାଡରେ ଛାଡି ଦେଇଥିବା ଜଣାପଡିଛି ।

## ଧରମଦୁଆର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ




ଲଙ୍ଗଳେଶ୍ୱର ୧୮/୧୨ (ନି ପ୍ର ) ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତ ଧରମଦୁଆର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଧବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ଇଂ ଶୁଭଶଙ୍କର ମାସାନ୍ତ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ବାଲିଆପାଳ ବିଡିଓ ପୁନମ ରାଉତ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଓଷ୍ଟା ଉପସଭାପତି ନାରାୟଣ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି,ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାଗବତ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ରବିନାରାୟଣ ମହାନ୍ତି ଅତିଥି ପରିଚୟ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ମାଣିକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବ ଚାରି ଦିନ ଧରି ହେବା ସହିତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଟିଭି ଓ ସିନେ ତାରକାମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହେବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।,କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାଜନାରାୟଣ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଗ୍ରାମବାସୀଙ୍କ ସହଯୋଗ ଏବଂ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, କମିଟିର କର୍ମକର୍ତ୍ତାଙ୍କ ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଛି।

## ପାରାଦ୍ୱୀପରେ ସପ୍ତମ ଓଡ଼ିଆ ନାଟ୍ୟକାର ସମ୍ମେଳନ




ପାରାଦ୍ୱୀପ , ୧୮/୧୨ (ନି.ପ୍ର): କାନମାସ ପାରାଦ୍ୱୀପ, ସଙ୍ଗୀତ ନାଟକ ଏକାଡେମୀ, ନୂଆ ଦିଲ୍ଲୀ ଓ ପାରାଦ୍ୱୀପ ବନ୍ଦର ସହଯୋଗରେ ପାରାଦ୍ୱୀପ ଠାରେ ସପ୍ତମ ଓଡ଼ିଆ ନାଟ୍ୟକାର ସମ୍ମେଳନ୍ ଓ ମନୋରଞ୍ଜନ ନାଟ୍ୟ ଉତ୍ସ୍ୱ ୧୭ ତାରିଖ ଠାରୁ ଆରମ୍ଭ ହୋଇଛି ଓ ଆସନ୍ତା ୧୯ ତାରିଖ ଦିନ ଉଦଯାପିତ ହେବ । ଏହି ସମ୍ମେଳନରେ ଓଡ଼ିଶାର ବିଭନ୍ନ କୋଣରୁ ନାଟ୍ୟକାର ମାନେ ଯୋଗଦାନ କରିଛନ୍ତି । ୧୭ ତାରିଖ ଦିନ ସ୍ପେସ୍ ଏକାଡେମୀ , ଭୁବନେଶ୍ୱର ର କଳାକାରମାନେ ପ୍ରଫେସର ସତ୍ୟବ୍ରତ ରାଉତଙ୍କ ନିର୍ଦ୍ଦେଶନାରେ ନାଟକ ନନ୍ଦିକା କେଶରୀ ପ୍ରସ୍ତୁତ କରିଥିଲେ । ନାଟକଟି ଐତିହାସିକ ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ ଥିଲା । ଦିତୀୟ ସନ୍ଧ୍ୟାରେ ଇଣ୍ଟରନେସନାଲ ଥିଏଟର, ଭୁବନେଶ୍ୱର ର କଳାକାରମାନେ ମିହିର ମେହେରଙ୍କ ନିର୍ଦ୍ଦେଶନା ରେ ପ୍ରସ୍ତୁତ କରିଥିଲେ ନାଟକ ଆଗାମୀ । ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଏହି ନାଟକ ଆଗାମୀ ହେଉଛି ମୁକ୍ତିକାମୀ ନାଟ୍ୟ ପ୍ରତିଭାର ଆଦ୍ୟ ସଂକେତ। ପୁଞ୍ଜିପତି ସୂର୍ଯ୍ୟ ନାରାୟଣ ଏବଂ ଶ୍ରମିକ ନେତା ଶରତ, ସରସୀ, ସରୋଜ ଏବଂ କଲ୍ୟାଣୀ ଙ୍କର ସଂଘର୍ଷ ଏହି ନାଟକରେ ପରିଦର୍ଶିତ ହୋଇଥିଲା । ନାଟକରେ ଚାରୋଟି ନର ନାରୀଙ୍କର ଅନ୍ତର୍ଦ୍ୱନ୍ଦ ଭିତରେ ନାଟକର ପରିସମାପ୍ତି ଘଟେ ସରୋଜ ର ସଂଳାପ ରେ ଆମେ ସମସ୍ତେ ମଣିଷ ଏବଂ ସବୁଠାରୁ କାରୁନ୍ୟା ମୟ ମଣିଷ। ଆସନ୍ତା କାଲି ନାଟ୍ୟ ସମ୍ମିଳନୀ ର ଉଦଯାପନୀ ସନ୍ଧ୍ୟା ରେ କ୍ୟାନମାସ୍ ର କଳାକାର ମାନେ ଶ୍ରୀମାନ୍ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶନା ରେ ମଞ୍ଚସ୍ଥ କରିବେ ନାଟକ ବିତର୍କିତି ଅପରାହ୍ନ ।

## ଖଇରାରେ ସାଇବର କ୍ରାଇମ ଓ ଡିଜିଟାଲ ଆରେଷ୍ଟ ସମ୍ପର୍କିତ କର୍ମଶାଳା

ଖଇରା, ୧୮/୧୨ (ନି.ପ୍ର): ଆମ ପୋଲିସ ଓ ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସାଇବର କ୍ରାଇମ ଓ ଡିଜିଟାଲ ଆରେଷ୍ଟ ସମ୍ପର୍କିତ କର୍ମଶାଳା ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଓୟୁଜେ ସଭାପତି ଗଙ୍ଗାଧର ରାଉତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁର୍ବାଞ୍ଚଳ ଡିଆଜି ସତ୍ୟଜିତ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ବିରିଷ୍ଠ ନାଗରିକ ମାନଙ୍କୁ ସଚେତନ କରିବା ଅବସରରେ ନିଜର ବ୍ୟକ୍ତିଗତ ଓଟିପି ନଦେବା,ଫେକ କଲରୁ ଦୁରେଇ ରହିବା ସର୍ବୋପରି ଲୋଭର ବଶବର୍ତ୍ତୀ ନହେବାକୁ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ଟୋଲ ଫ୍ରି ନମ୍ବର ୧୯୩୦କୁ ଫୋନ କରି ସହାୟତା ନେବାକୁ ଡିଆଇଜି ନାଏକ ପରାମର୍ଶ ଦେଇଥିଲେ । ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଯୋଗ ଦେଇ ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ସାଇବର ଥାନା ଏସଆଇ ମାନସ ବିଶ୍ୱାଳ ପ୍ରାମାଣିକ ତଥ୍ୟ ମାଧ୍ୟମରେ ସାଇବର ଠକେଇରୁ ମୁକୁଳିବାର ଉପାୟ ଉପରେ ବିସ୍ତୃତ ସୁଚନା ପ୍ରଦାନ କରିଥିଲେ । ସଂଘର ସମ୍ପାଦକ ତପୋଧନ ବାରିକ ସ୍ୱାଗତ ଭାଷଣ, ବ୍ଲକ ସଂଯୋଜକ ବିଶ୍ୱରଞ୍ଜନ ମହାପାତ୍ର ଅତିଥି ପରିଚୟ, ଉପସଭାପତି ଉତ୍କଳବନ୍ଧୁ ପଣ୍ଡା ମଞ୍ଚ ଆହ୍ୱାନ, ରାଜ୍ୟ କାର୍ଯ୍ୟକାରିଣୀସଭ୍ୟ ଅନାମ ଚରଣ ପଣ୍ଡା,ସଭ୍ୟ ବଳରାମ ଲେଙ୍କା ଓ ନିଳାମ୍ବର ପଣ୍ଡା ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ଏବଂ କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆମ ପୋଲିସ ତରଫରୁ ଆଇଆଇସି ପର୍ଶୁରାମ ସାହୁ ଓ ମୌସୁମୀ ମହାନ୍ତି ଏବଂ ଗଣମାଧ୍ୟମ ପ୍ରତିନିଧି ସମ୍ଭୁନାଥ ନାୟକ,ଉମେଶ କୁମାର ଜେନା, ଦେବବ୍ରତ ଦାସ,ଲୋଚନ ରାଉତ, ମନୋଜ ପ୍ରଧାନ, ନିଶିକାନ୍ତ ମହାନ୍ତି, ରଘୁନାଥ ସାମଲ, ନରେନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ଜୟନ୍ତ ରାଉତ,ବିସ୍ମୟ ବେହେରା, ଛାୟାକାନ୍ତ ମହାନ୍ତି,ଆନନ୍ଦ କୁମାର ବେହେରା,ବୁଲୁ ଲେଙ୍କା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ବିଲ ମଝିରୁ ବୃଦ୍ଧଙ୍କ ଶବ ଉଦ୍ଧାର: ହତ୍ୟା ସନ୍ଦେହ

ନୀଳଗିରି, ୧୮/୧୨ (ନି.ପ୍ର): ଉଲଗ୍ନ ଅବସ୍ଥାରେ ଜଣେ ବୃଦ୍ଧଙ୍କ ମୃତଦେହ ଠାବ କରାଯାଇଥିବା ବେଳେ ହତ୍ୟା ସନ୍ଦେହ କରାଯାଉଛି । ସୂଚନା ମୁତାବକ ବୁଧବାର ସକାଳେ ନୀଳଗିରି ଥାନା ଅଧୀନ ଦକ୍ଷିଣନରସିଂହପୁର ପଞ୍ଚାୟତ ଖଡିପଦା ଗ୍ରାମର କିଛିଚାଷୀ ବିଲକୁ କଳେଇ ଉଠାଇବା ପାଇଁ ଯାଇଥିବା ସମୟରେ ଉଲଗ୍ନ ଅବସ୍ଥାରେ ଏକ ମୃତଶରୀର ପଡିଥିବାର ଦେଖିଥିଲେ। ଉକ୍ତ ଚାଷୀମାନେ ତୁରନ୍ତ ଏ ବାବଦରେ ଗ୍ରାମବାସୀଙ୍କୁ ଖବର କରିବା ସହ ନୀଳଗିରି ଥାନାକୁ ଅବଗତ କରିଥିଲେ। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଉକ୍ତ ଶବଟି ଓଲଡଙ୍ଗ ଗ୍ରାମର ମଦନ ଦାସ (୭୩)ବୋଲି ଜଣାପଡିଥିଲା। ତାଙ୍କର ମସ୍ତିଷ୍କ ଠିକ ନଥିବା ବେଳେ ଗତକାଲି ଅପରାହ୍ନ ଠାରୁ ସେ କେଉଁଆଡେ ପଳାଇଯାଇଥିଲେ ବୋଲି ପରିବାର ଲୋକେ କହିଥିଲେ। ନୀଳଗିରି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ,ଏଏସଆଇ ଅନନ୍ତ ମୁର୍ମୁ ସଦଳବଳେ ପହଞ୍ଚି ତଦନ୍ତ କରିବା ସହ ୫୫/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ନୀଳଗିରି ମେଡିକାଲକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଉକ୍ତ ବୃଦ୍ଧଙ୍କୁ କିଏ ମାରିଛନ୍ତି ନା ସେ ଆତ୍ମହତ୍ୟା କରିଛନ୍ତି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ଶ୍ରୀ କର୍ଣ୍ଣ ସୂଚନା ଦେଇଛନ୍ତି।

## ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଲେ ଭାରତୀୟ ଅନୁଭବୀ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ



ବ୍ରିସବେନ, ୧୮/୧୨ : ଭାରତୀୟ ଅନୁଭବୀ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନୀ ବ୍ରିସବେନରେ ବର୍ଡର-ଗାଭାସ୍କର ଟ୍ରଫି ସିରିଜର ତୃତୀୟ ଟେଷ୍ଟ ସମାପନ ପରେ ତୁରନ୍ତ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି। ବ୍ରିସବେନ ଟେଷ୍ଟ ପରେ ପ୍ରେସ କନଫରେନ୍ସରେ ଅଶ୍ୱିନୀ କହିଛନ୍ତି ଯେ, ଏହା ଅନ୍ତର୍ଜାତୀୟ ସ୍ତରରେ ସମସ୍ତ ଫର୍ମାଟରେ ଭାରତୀୟ କ୍ରିକେଟର ଭାବେ ମୋର ଶେଷ ବର୍ଷ । ମୋତେ ଲାଗୁଛି ଯେ, ଜଣେ କ୍ରିକେଟର ଭାବେ ମୋ ଠାରେ ଏବେ ବି କିଛି ଦମଖମ ବାକି ରହିଛି, ଏବଂ ମୁଁ ଏହାକୁ ବ୍ୟକ୍ତ କରିବାକୁ ଚାହୁଁଛି, କ୍ଲବ ସ୍ତରର କ୍ରିକେଟରେ ଏହାର ପ୍ରଦର୍ଶନ କରିବାକୁ ଚାହୁଁଛି । ଅଶ୍ୱିନୀ ୧୦୬ ଟେଷ୍ଟରେ ୨୪ ହାରାହାରିରେ ୫୩୭ ୱିକେଟ ନେଇ ଭାରତର ଦ୍ୱିତୀୟ ସର୍ବବୃହତ ୱିକେଟ ନେଇଥିବା ବୋଲର ଭାବେ ନିଜ ଟେଷ୍ଟ କ୍ୟାରିୟର ସମାପ୍ତ କରିଛନ୍ତି । ସେ ଅନିଲ କୁମ୍ବଲେଙ୍କ ପଛରେ ଅଛନ୍ତି, ଯିଏକି ୧୩୨ ଟେଷ୍ଟରେ ୬୧୯ ୱିକେଟ ନେଇଛନ୍ତି ।

## ଉଦଳାରେ ବର୍ଣ୍ଣାଳୀ ତାଲିମ ଶିବିର ଅନୁଷ୍ଠିତ



ଉଦଳା , ୧୮/୧୨ (ନି.ପ୍ର): ମେଣ୍ଡାଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ଡ଼ିସେମ୍ବର ୧୩ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବର୍ଣ୍ଣାଳୀ ତାଲିମ ଶିବିର ୧୬ ତାରିଖ ସୋମବାର ଦିନ ଉଦ୍ଯାପିତ ହୋଇ ଯାଇଛି । ୩ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ଉଦଳାର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମିନତୀ ମଂଜରି ପଣ୍ଡା ଅଧକ୍ଷତା କରିଥିଲେ । ଉକ୍ତ ଶିବିରରେ ୩୭ଟି ଉଚ୍ଚ ପ୍ରାଥମିକ ଓ ୧୩ ଗୋଟି ଉଚ୍ଚ ବିଦ୍ୟାଳୟରୁ ମୋଟ ୫୧ ଜଣ ଇତିହାସ ଓ ନଗରବିଜ୍ଞାନ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରି ଏହି ତାଲିମରେ ଅଂଶ ଗ୍ରହଣ କରିଥିଲେ । ସାମାଜିକ ଲିଙ୍ଗଗତ ହିଂସା ମୁକ୍ତ ଏକ ସୁସ୍ଥ ସମାଜ ଗଠନ ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଉଛି । ଶିବିରରେ ଷଷ୍ଠରୁ ୧୦ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସାମାଜିକ ଲିଙ୍ଗଗତ ଭେଦଭାବକୁ ଦୁର କରି କିପରି ଲିଙ୍ଗଗତ ସମାନତା ସୃଷ୍ଟି କରାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅସୀମା ଅରୁନ୍ଧତି, ନିବେଦିତା ପ୍ରଧାନ, ଅଜୟ କୁମାର ପଣ୍ଡା, ଦେବବ୍ରତ କର ପ୍ରମୁଖ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । ପ୍ରଥମ ଦିବସରେ ସଂଯୋଜିକା ଶୈଳବାଳା ବେହେରା ଯୋଗ ଦେଇ ତାଲିମ ଶିବିରର ମାନନିର୍ଦ୍ଧାରଣ କରିବା ସହିତ ଏହାକୁ ଅଧିକ ସଫଳ ଓ ହୃଦୟସ୍ପର୍ଶୀ କରିବା ପାଇଁ ମାର୍ଗ ଦର୍ଶନ କରିଥିଲେ । ସେହିପରି ଦ୍ୱିତୀୟ ଦିବସରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ଅନୁବନ୍ଧିତ ହୋଇ ଏହି କାର୍ଯ୍ୟକ୍ରମକୁ ଚାଲୁ କରୁଥିବା ବ୍ରେକ ଥ୍ରୋ ଟ୍ରଷ୍ଟର ଜିଲ୍ଲା ସଂଯୋଜିକା ପଲ୍ଲବି ପ୍ରିୟଦର୍ଶନି ବେହେରା ସମୀକ୍ଷା କରିଥିଲେ । ଶେଷ ଦିବସରେ ସମସ୍ତ ଅଂଶ ଗ୍ରହଣକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ବେତନଟୀ ପ୍ରିମିୟର ଲିଗ୍ ଦ୍ୱିତୀୟ ଦିନ: ଦାନି -୧୧ ଓ ବାହାନଡା ଟାଇଗର ବିଜୟ

ବେତନଟୀ, ୧୮/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ତୃତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ଟି ଦାନି ୧୧ ଚିତ୍ରଡା ଓ ୧୧ ଷ୍ଟାର ମୋରଡା ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ? ଆରିୟନ ଫାଇଟର ଓ ବାହାନଡା ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଦାନି ୧୧ ଚିତ୍ରଡା ୧୬.୫ ବଲ ରେ ୪ ଟି ୱିକେଟ ହରାଇ ୧୪୩ ରନ କରି ବିଜୟ ଲାଭ କରିଥିଲା। ଦାନି -୧୧ ର ସୈମ୍ୟ ରଞ୍ଜନ ଧୋଳ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ଆରିୟନ ଫାଇଟର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରଥିଲା। ଜବାବରେ ବାହାନଡା ଟାଇଗର ୧୯ ଓଭରରେ ୬ ୱିକେଟ ହରାଇ ୧୭୪ ରନ କରି ବିଜୟ ଲାଭ କରିଥିଲା । ଏଥିରେ ବାହାନଡା ଟାଇଗର ର ଖେଳାଳି ଚିନ୍ମୟ କୁମାର ପଣ୍ଡିତ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ସମାଜସେବୀ ଅଜୟ ଓଝା ଓ ବରିଷ୍ଠ ଖେଳାଳି ପ୍ରକାଶ ଜ୍ୟୋତି ଆଦିତ୍ୟ ପୁରସ୍କୃତ କରିଥିଲେ। ଏହି ଖେଳକୁ କୁନା ସାହୁ ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

## ଦିଲ୍ଲୀର ଜଳବାୟୁ ପୁନର୍ବାର ଖରାପ:ଏକ୍ୟୁଆଇ ୪୪୦ରେ ପହଁଂଚିଲା

ନୂଆଦିଲ୍ଲୀ, ୧୮/୧୨ : ଜାତୀୟ ରାଜଧାନୀ ଦିଲ୍ଲୀ -ଏନସିଆରରେ ପୁଣି ଥରେ ପ୍ରଦୁଷଣ ଗମ୍ଭୀର ଶ୍ରେଣୀରେ ପହଁଂଚିଛି ।ଏହା ସହିତ କୁହୁଡି ସ୍ଥିତିକୁ ଆହୁରି ଗମ୍ଭୀର କରିଦେଇଛି ।ଆଜି ସକାଳେ ହାରାହାରି ବାୟୁ ଗୁଣବତ୍ତା ସଂଖ୍ୟା(ଏକ୍ୟୁଆଇ)୪୪୦ ରେକର୍ଡ କରାଯାଇଛି। କିଛି ସ୍ଥାନରେ ଏକ୍ୟୁଆଇ ୪୫୦ ଅତିକ୍ରମ କରିଛି ।ଏହି କାରଣରୁ ଲୋକମାନେ ଶ୍ୱାସକ୍ରିୟା ଜନିତ ଅସୁବିଧା ସହିତ ଆଖିରେ ଜଳାପୋଡା ଅନୁଭବ କରୁଛନ୍ତି। ଗଳା ଯନ୍ତ୍ରଣା ହେବାର ମଧ ଅଭିଯୋଗ ରହିଛି। ଅନ୍ୟପକ୍ଷରେ ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ତିନି ଦିନ ପାଇଁ ଦିଲ୍ଲୀ -ଏନସିଆରରେ କୁହୁଡି ପାଇଁ ୟେଲୋ ଆର୍ଲଟ ଜାରି କରାଯାଇଛି। ଗତ ସୋମବାର ବାୟୁ ଗୁଣବତ୍ତା ସୁଚକାଙ୍କ (ଏକ୍ୟୁଆଇ)୩୭୯ ରେକର୍ଡ କରାଯାଇଛି। ମଙ୍ଗଳବାର ଏହା ବୃଦ୍ଧି ହୋଇ ୪୩୩ରେ ପହଁଂଚିଛି। ପ୍ରଦୁଷଣ ସ୍ଥିତିକୁ ଦୃଷ୍ଟିରେ ରଖି ସିଏକ୍ୟୁଏମ ସୋମବାର ଗ୍ରେପ-ତିନି ଉପରେ ପ୍ରତିବନ୍ଧକ ଲଗାଇଛି।

## ବିହାରର ୧୭ ଜିଲ୍ଲାରେ କୁହୁଡି ଏବଂ ଶୀତଲହର ଆଲର୍ଟ

ପାଟନା , ୧୮/୧୨ (ନି.ପ୍ର): ପାଟନା ପାଣିପାଗ ବିଭାଗ କେନ୍ଦ୍ର ବିହାରର ୧୭ ଜିଲ୍ଲାରେ ୧୯ ଡିସେମ୍ବର ପର୍ଯ୍ୟନ୍ତ ଶୀତଲହର ଏବଂ କୁହୁଡିକୁ ନେଇ ଆର୍ଲଟ ଜାରି କରିଛି ।ଉତ୍ତର ପଶ୍ଚିମ ଭାରତରେ ପ୍ରବଳ ଶୀତ ଲହରର ପ୍ରଭାବ ବିହାରରେ ଦେଖିବାକୁ ମିଳିବ ।ପ୍ରବଳ ଥଣ୍ଡାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ବିଭାଗ ଟୋଲ ଫ୍ରି ନମ୍ବର ଜାରି କରିଛି ।ଗତ ୨୪ ଘଂଟାର ରିପୋର୍ଟରେ ରୋହତାସର ଡେହରୀରେ ସବୁଠାରୁ ଥଣ୍ଡା ଜିଲ୍ଲା ଭାବେ ରେକର୍ଡ କରାଯାଇଛି। ଏଠାରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ଥିଲା ।ଏହା ପରେ ସୀତାମଢୀର ପୁପରୀ ୯.୩ ,ମଘୋପୁରା ୯.୩,ମୁଜଫ୍ଫରପୁର ୯.୬, ଗୋପାଳଗଞ୍ଜ୧୦, ମଧୁବନୀ ୧୦.୨,ପଶ୍ଚିମୀ ଚମ୍ପାରଣ ଜିଲ୍ଲାର ବାଲ୍ମିକୀନଗର ୧୧.୯ ଏବଂ ସୁପୌଲ ୧୨.୮ ରହିଥିଲା। ଏହି ସମସ୍ତ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ୦.୧ରୁ ୦.୬ ଡିଗ୍ରୀ ହ୍ରାସ ପାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida